আ

আଜି - ଶନିବାର
ତାରିଖ - ୧୪ ମାର୍ଚ୍ଚ ୨୦୨୬
ମାସ - କୁମ୍ଭ, ଦିନ - ୩୦
ତିଥି - ଦଶମୀ ମଳ- ଶୁକ୍ଳ
ନକ୍ଷତ୍ର - ଉତରଷାଢ଼ା, ଧନୁ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୬ : ୦୦: ୦୦
ସୂର୍ଯ୍ୟାସ୍ତ - ୫ : ୪୨ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ପ୍ରେମ ହେଉଛି ଏକମାତ୍ର ବାସ୍ତବତା ଏବଂ ଏହା କେବଳ ଭାବପ୍ରବଣତା ନୁହେଁ । ପ୍ରତ୍ୟେକ ସୃଷ୍ଟିର ମୂଳରେ ଏଇ ନିରାଟ ସତ୍ୟଟି ହିଁ ନିହିତ ଥାଏ ।"
- ରବୀନ୍ଦ୍ରନାଥ ଠାକୁର

E-News : www.theajikali.com

Vol.- 40 ISSUE- 329 R.N.I. REGD. No. 44026/86 ବାଲେଶ୍ୱର ୧୪ ମାର୍ଚ୍ଚ ୨୦୨୬ ଶନିବାର BALASORE 14 MARCH 2026 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦

## ଆସାମର ଗୌହାଟୀରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ





ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଆସାମର ଗୌହାଟୀରେ ପ୍ରାୟ ୧୯,୪୮୦୦ କୋଟି ଟଙ୍କାର ବିକାଶ ପ୍ରକଳ୍ପର ଉଦଘାଟନ ଏବଂ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ପ୍ରଧାନମନ୍ତ୍ରୀ ଗୌହାଟୀରେ ଏକ ବିଶାଳ ସମାବେଶକୁ ସମ୍ବୋଧିତ କରି ସହରବାସୀଙ୍କୁ ତାଙ୍କର ହୃଦୟସ୍ପର୍ଶୀ ଶୁଭେଚ୍ଛା ଜଣାଇଥିଲେ । ସେ ଦେଶ ସାରା ଯୋଗ ଦେଇଥିବା ଚାଷୀମାନଙ୍କ ସହିତ ଚା ବଗିଚାରେ କାମ କରୁଥିବା ଭାଇଭଉଣୀମାନଙ୍କୁ ମଧ ଶୁଭେଚ୍ଛା ଜଣାଇଥିଲେ । ନବରାତ୍ରି ପୂର୍ବ ସନ୍ଧ୍ୟାରେ ମା କାମାକ୍ଷାଙ୍କ ପବିତ୍ର ଭୂମିରେ ରହିବାର ସୌଭାଗ୍ୟ ପାଇଁ ପ୍ରଧାନମନ୍ତ୍ରୀ କୃତଜ୍ଞତା ପ୍ରକାଶ କରିଥିଲେ । 'ନବରାତ୍ରି ଆରମ୍ଭ ହେବା ଠିକ୍ ପୂର୍ବରୁ ମା କାମାକ୍ଷାଙ୍କ ଏହି ପବିତ୍ର ଭୂମିରେ ଆପଣଙ୍କ ଦର୍ଶନ କରିବାର ସୌଭାଗ୍ୟ ମୋତେ ମିଳିଛି,' ଶ୍ରୀ ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଥିଲେ ଯେ ମା କାମାକ୍ଷାଙ୍କ ଆଶୀର୍ବାଦରେ, ୧୯,୫୦୦ କୋଟି ଟଙ୍କାର ବିକାଶ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ ଖୁବ୍ ଶୀଘ୍ର କରାଯାଇଥିଲା । ପ୍ରଧାନମନ୍ତ୍ରୀ ମୋଦୀ ଉଲ୍ଲେଖ କରିଥିଲେ ଯେ ଆସାମକୁ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବାଠାରୁ ଆରମ୍ଭ କରି ଆସାମକୁ ଯାତ୍ରା କରୁଥିବା ଲୋକଙ୍କ ସୁବିଧା ବୃଦ୍ଧି କରିବା ପର୍ଯ୍ୟନ୍ତ ଅନେକ ପ୍ରକଳ୍ପ ମିଳିଛି । ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଏହା ଦେଶର ଚାଷୀ ଏବଂ ଆସାମ ଚା ବଗିଚାର ଶ୍ରମିକମାନଙ୍କ ପାଇଁ ମଧ ଏକ ଗୁରୁତ୍ୱପୂର୍ଣ୍ଣ ଦିନ । ଶ୍ରୀ ମୋଦୀ ସମାବେଶକୁ ସୂଚନା ଦେଇଥିଲେ ଯେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଅଧୀନରେ ୧୮,୦୦୦ କୋଟିରୁ ଅଧିକ ଟଙ୍କା ସିଧାସଳଖ ଦେଶର କୋଟି କୋଟି ଅନ୍ନଦାତାଙ୍କ ଆକାଉଂଟକୁ ସ୍ଥାନାନ୍ତରିତ କରାଯାଇଛି । ପ୍ରଧାନମନ୍ତ୍ରୀ ଆହୁରି ଉଲ୍ଲେଖ କରିଥିଲେ ଯେ ଆସାମର ଚା ବଗିଚା ସହିତ ଜଡିତ ଅନେକ ପରିବାରକୁ ଜମି ପଟା ବଂଟନ କରାଯାଇଛି । 'ମୁଁ ଆସାମବାସୀଙ୍କୁ, ଏଠାକାର ସମସ୍ତ ପରିବାରକୁ ଏବଂ ଦେଶବ୍ୟାପୀ ଚାଷୀମାନଙ୍କୁ ମୋର ହୃଦୟର ସହିତ ଅଭିନନ୍ଦନ ଜଣାଉଛି,' ଶ୍ରୀ ମୋଦୀ କହିଥିଲେ । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ମା କାମାକ୍ଷାଙ୍କ ପବିତ୍ର ଭୂମିରୁ ଦେଶବ୍ୟାପୀ ଚାଷୀମାନେ ଏହି କାର୍ଯ୍ୟକ୍ରମ ସହିତ ଜଡିତ । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ କୋଟି କୋଟି ଚାଷୀ ସେମାନଙ୍କ ଆକାଉଂଟରେ ପ୍ରଧାନମନ୍ତ୍ରୀ କିଷାନ ନିଧି ଜମା ହୋଇଥିବାର ନିଶ୍ଚିତ କରୁଥିବା ବାର୍ତା ପାଇସାରିଛନ୍ତି । ପ୍ରଧାନମନ୍ତ୍ରୀ ଏହି ଯୋଜନାକୁ ପ୍ରକୃତରେ ଅସାଧାରଣ ବୋଲି ବର୍ଣ୍ଣନା କରିଛନ୍ତି । ଶ୍ରୀ ମୋଦୀ ସ୍ମରଣ କରିଛନ୍ତି ଯେ ଏମାନେ ସେହି ଚାଷୀ ଭାଇ ଏବଂ ଭଉଣୀ, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ୨୦୧୪ ପୂର୍ବରୁ ମୋବାଇଲ୍ ଫୋନ୍ କିମ୍ବା ବ୍ୟାଙ୍କ ଆକାଉଂଟ ନଥିଲା । ପ୍ରଧାନମନ୍ତ୍ରୀ ସମାବେଶକୁ ସୂଚନା ଦେଇଥିଲେ ଯେ ଏପର୍ଯ୍ୟନ୍ତ କୋଟି କୋଟି ଚାଷୀଙ୍କ ଆକାଉଂଟରେ ୪.୨୫ ଲକ୍ଷ କୋଟିରୁ ଅଧିକ ଟଙ୍କା ଜମା କରାଯାଇଛି । ପ୍ରଧାନମନ୍ତ୍ରୀ ମୋଦୀ ବିଶେଷ ଭାବରେ ଉଲ୍ଲେଖ କରିଛନ୍ତି ଯେ କେବଳ ଆସାମରେ ପ୍ରାୟ ୧୯ ଲକ୍ଷ ଚାଷୀ ଆଜି ପର୍ଯ୍ୟନ୍ତ ପ୍ରାୟ ୮,୦୦୦ କୋଟି ଟଙ୍କା ପାଇଛନ୍ତି । 'ଏହା ଏପରି ଏକ ଘଟଣା ଯାହା ବିଶ୍ୱର ବିକଶିତ ଦେଶଗୁଡ଼ିକ ମଧ ତୁଳନା କରିପାରିବେ ନାହିଁ, ଗୋଟିଏ କ୍ଲିକ୍ ଦ୍ୱାରା ଟଙ୍କା ସିଧାସଳଖ କୋଟି କୋଟି ଚାଷୀଙ୍କ ପାଖରେ ପହଂଚିଥାଏ,' ଶ୍ରୀ ମୋଦୀ ଜୋର ଦେଇ କହିଛନ୍ତି ।

## ୨୨ ତମ ପିଏମ୍ କିଷାନ ଉତ୍ସବ ଅବସରରେ
## କୃଷକ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମକୁ ସମ୍ବୋଧିତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ଚାଷୀ ହେଉଛନ୍ତି ଆମ ସମାଜର ମେରୁଦଣ୍ଡ ଏବଂ ଆମ ଅର୍ଥନୀତିର ପ୍ରକୃତ ସାରଥି । "ଜୟ କିଷାନ"ର ନାରାକୁ ସାର୍ଥକ କରିବା ପାଇଁ କେନ୍ଦ୍ର ସରକାର ଓ ଆମ ସରକାର ସଦାସର୍ବଦା ଚେଷ୍ଟିତ । ଚାଷୀମାନଙ୍କର ଉନ୍ନତି ବିନା ଦେଶ କିମ୍ବା ରାଜ୍ୟର ବିକାଶ ଅସମ୍ଭବ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୨ ତମ ପିଏମ୍ କିଷାନ ଉତ୍ସବ ଦିବସରେ କୃଷକ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ ଅବସରରେ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ କୃଷକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି । ସୂଚନାଯୋଗ୍ୟ ଯେ, ଆସାମର ଗୌହାଟୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ କିଷାନ ସମ୍ମାନ ନିଧିର ୨୨ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି । ୨୨ତମ କିସ୍ତିରେ ଦେଶର ୯. ୩୨ କୋଟି କୃଷକଙ୍କୁ ପ୍ରାୟ ୧୯ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ସବୁ ରାଜ୍ୟର ଜିଲ୍ଲା, ବ୍ଲକ, ପଂଚାୟତ, ପ୍ୟାକ୍ସ ଓ ମଣ୍ଡିରେ ଆୟୋଜନ କରାଯାଇଛି । ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେଶର କୃଷକମାନଙ୍କୁ ଉଦ୍ ?ବୋଧନ ଦେଇଛନ୍ତି । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ କୃଷକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ପିଏମ-କିଷାନ ଯୋଜନା ଚାଷୀଙ୍କୁ ବିହନ, ସାର ଏବଂ ଅନ୍ୟାନ୍ୟ କୃଷି ଉପକରଣ କିଣିବାରେ ସାହାଯ୍ୟ କରୁଛି । ଏହି ୨୦୦୦ ଟଙ୍କାର କିସ୍ତି ଏବଂ ୩ଟି କିସ୍ତିରେ ବର୍ଷକୁ ସର୍ବମୋଟ ୬ ହଜାର ଟଙ୍କା ହୁଏତ ସାଧାରଣ ଲୋକଙ୍କ ପାଇଁ ଏକ ସାମାନ୍ୟ ଅର୍ଥ ହୋଇପାରେ, କିନ୍ତୁ ଜଣେ କ୍ଷୁଦ୍ର ଚାଷୀ ପାଇଁ ଏହା ତାର ପରିଶ୍ରମର ଏକ ବଡ଼ ସମ୍ମାନ । ଆଜିର ଦିନକୁ, ସାରା ଦେଶ ତଥା ରାଜ୍ୟରେ ପି.ଏମ୍ କିଷାନ ଉତ୍ସବ ଦିବସ ଭାବରେ ପାଳନ କରୁଛି । ଏଥି ସହିତ ଏହାକୁ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ, ପଂଚାୟତ, ପ୍ୟାକ୍ସ ଓ ମଣ୍ଡିରେ ମଧ ପାଳନ କରାଯାଉଛି । ଏହି ଅବସରରେ କୃଷକମାନଙ୍କ ମଧ୍ୟରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆବଶ୍ୟକୀୟ ଯୋଗ୍ୟତା ମାନଦଣ୍ଡ ବିଷୟରେ ମଧ ସଚେତନତା ସୃଷ୍ଟି କରାଯାଉଛି । ଆମ ରାଜ୍ୟରେ, ୩୪ ଲକ୍ଷ ୨୪ ହଜାରରୁ ଊର୍ଦ୍ଧ୍ୱ ଯୋଗ୍ୟ ଚାଷୀ ଭାଇଭଉଣୀମାନଙ୍କୁ, ୨୨ତମ କିସ୍ତି ବାବଦକୁ ୨ ହଜାର ଟଙ୍କା ହିସାବରେ ସମୁଦାୟ ୬୮୪ କୋଟି ଟଙ୍କାର ଆର୍ଥିକ ସହାୟତା ମୋଦୀ ଜୀ ଆଜି ପ୍ରଦାନ କରୁଛନ୍ତି । ପି.ଏମ୍ କିଷାନ ଯୋଜନାରେ ଦରକାର ହେଉଥିବା ସମସ୍ତ ବାଧ୍ୟତାମୂଳକ ମାନଦଣ୍ଡ ଯଥା ର-କଣଉ, ଜମିଜମାର ବିବରଣୀ, ଆଧାର -ବ୍ୟାଙ୍କ ଆକାଉଂଟ ଲିଙ୍କ୍, ଆଧାର ଅନୁଯାୟୀ ନାମ ସଂଶୋଧନ ଆଦି କାର୍ଯ୍ୟ ସମାପନ କରି ଏହି ଯୋଜନାର ସମସ୍ତ ସହାୟତା ଲାଭ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ଚାଷୀ ଭାଇ ଭଉଣୀଙ୍କୁ ଅନୁରୋଧ କରିଥିଲେ । ସେ କହିଥିଲେ ଯେ ପି.ଏମ୍ କିଷାନ୍ ସହିତ ଆମ ସରକାର ମଧ ରାଜ୍ୟରେ "ସିଏମ୍ କିଷାନ" ଯୋଜନାରେ ଯୋଗ୍ୟ ଚାଷୀ ଭାଇଭଉଣୀମାନଙ୍କୁ ଅନ୍ତର୍ଭୁକ୍ତ କରି ଦୁଇଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରୁଛନ୍ତି । ୬ ଲକ୍ଷରୁ ଅଧିକ ନୂତନ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି । ବର୍ତମାନ ସୁଦ୍ଧା ସିଏମ୍ କିଷାନ ଯୋଜନା ଅଧୀନରେ ୫୧ ଲକ୍ଷ ୫୪ ହଜାର ହିତାଧିକାରୀଙ୍କୁ ମୋଟ ୨୯୯୧ କୋଟିରୁ ଅଧିକ ଟଙ୍କାର ସହାୟତାରାଶି ପ୍ରଦାନ କରାଯାଇଛି, ଯେଉଁଥିରେ ୩୨୩୬ ଜଣ ବିଶେଷ ଭାବେ ଅନୁନ୍ନତ ଜନଜାତି ଗୋଷ୍ଠୀର ଚାଷୀ ଏବଂ ୩୧ ହଜାର ୬୯୫ ଜଣ ସହରାଂଚଳର ଚାଷୀ ସାମିଲ ଅଛନ୍ତି ।

## ଅଳ୍ପରେ ଖବର

- ବାସୁଦେବପୁର ବ୍ଲକ ଅରଣ୍ଡୁଆ ମଲିକ ସାହିରେ ଅଘଟଣ । ପୋଖରୀରେ ବୁଡ଼ି ଚାଲିଗଲା ଦୁଇ କଅଁଳ ଶିଶୁ କନ୍ୟାଙ୍କ ଜୀବନ । ଅରଣ୍ଡୁଆ ମଲ୍ଲିକସାହି ଗ୍ରାମର ସତ୍ୟବ୍ରତ ବାରିକଙ୍କ ୧୦ ବର୍ଷର ଝିଅ ତପଦୀପା ଓ ଅନ୍ୟଜଣେ ବିଜୟ ବାରିକଙ୍କ ଝିଅ ଅର୍ଣ୍ଣପୂର୍ଣ୍ଣା ବୋଲି ଜଣାପଡ଼ିଛି ।
- ବିଜେପିରୁ ପୁଣି ଇସ୍ତଫା ଦେଲେ ଜୀବନ ପ୍ରଦୀପ ଦାସ । ପୂର୍ବତନ ବାଲେଶ୍ୱର ବିଧାୟକ ଥିଲେ ଜୀବନ ପ୍ରଦୀପ । ପୂର୍ବରୁ ଥରେ ବିଜେପି ଛାଡ଼ି ବିଜେଡିରେ ମିଶିଥିଲେ । ପରେ ପୁଣି ବିଜେଡି ଛାଡ଼ି ବିଜେପିରେ ମିଶିଥିଲେ ଜୀବନ ପ୍ରଦୀପ ।
- ୫ଜି ସମୟରେ ରାଜ୍ୟରେ ଏବେବି ମୋବାଇଲ ସେବାରୁ ବଂଚିତ ଅଛନ୍ତି ଅନେକ ଗ୍ରାମ । ମୋବାଇଲ୍ ସେବା ସେମାନଙ୍କ ପାଇଁ ଏକ ପ୍ରକାର ସ୍ୱପ୍ନ ହୋଇ ରହିଛି ।
- ରାଜ୍ୟରେ ବଢିଚାଲିଛି ବାଲି ଚୋରା ଚାଲାଣ । ଏଥିରେ ଲାଗିପାରୁନି ଅଙ୍କୁଶ । ବେଆଇନ ବାଲିଘାଟକୁ ନେଇ ଅପରାଧୀମାନେ ରକ୍ତମୁଖା ହେଉଛନ୍ତି ।

## ଲକ୍ଷ୍ନୌରେ ଗ୍ରୀନ୍ କରିଡରର ଦ୍ୱିତୀୟ ପର୍ଯ୍ୟାୟକୁ ଉଦ୍‌ଘାଟନ କଲେ ରାଜନାଥ ସିଂହ



ଲକ୍ଷ୍ନୌ : ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ ଅପରେସନ୍ ସିନ୍ଦୁରରେ ପାକିସ୍ତାନକୁ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ସହିତ ଏପରି ଜବାବ ଦିଆଯାଇଥିଲା ଯେ ସେ କେବେ ବି ପୁନରୁଦ୍ଧାର କରିପାରିବ ନାହିଁ । ଭାରତୀୟ ସେନା ଦେଶର ସୀମାକୁ ସୁରକ୍ଷା ଦେବା ପାଇଁ ସର୍ବଦା ସଜାଗ ଏବଂ ପ୍ରସ୍ତୁତ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶୁକ୍ରବାର ଲକ୍ଷ୍ନୌରେ ଗ୍ରୀନ୍ କରିଡରର ଦ୍ୱିତୀୟ ପର୍ଯ୍ୟାୟର ଉଦଘାଟନ ଏବଂ ତୃତୀୟ ଏବଂ ଚତୁର୍ଥ ପର୍ଯ୍ୟାୟ ପାଇଁ ଭିତିପ୍ରସ୍ତର ସ୍ଥାପନ ସମାରୋହରେ ଉଦବୋଧନ ଦେଉଥିଲେ । ଗୋମତୀ ନଦୀ କୂଳରେ ଝୁଲେଲାଲ ପାର୍କରେ ଆୟୋଜିତ କାର୍ଯ୍ୟକ୍ରମରେ ଲକ୍ଷ୍ନୌ ସାଂସଦ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ ଲକ୍ଷ୍ନୌ ଦ୍ରୁତ ଗତିରେ ବିକାଶ କରୁଛି ଏବଂ ପ୍ରତିରକ୍ଷା କ୍ଷେତ୍ରରେ ପଛରେ ନାହିଁ । ଏଠାରେ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଏବଂ ଅନ୍ତରୀକ୍ଷ ସହିତ ଜଡିତ କାର୍ଯ୍ୟ ମଧ ଚାଲିଛି, ଏବଂ ସହର ଦେଶର ସୁରକ୍ଷା ବ୍ୟବସ୍ଥା ସହିତ ଗଭୀର ଭାବରେ ଜଡିତ । ପାକିସ୍ତାନ ବିରୋଧରେ ଅପରେସନ ସିନ୍ଦୂର ବିଷୟରେ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ବ୍ରହ୍ମୋସ କ୍ଷେପଣାସ୍ତ୍ର ପାକିସ୍ତାନୀ ଆତଙ୍କବାଦୀଙ୍କୁ ଏପରି ଉଚିତ ଜବାବ ଦେଇଛି ଯେ ସେମାନେ ଆଉ ଥରେ ଏପରି କାର୍ଯ୍ୟ ଚିନ୍ତା ମଧ କରିପାରିବେ ନାହିଁ । ଯଦି ସେମାନେ ଏପରି କରନ୍ତି, ତେବେ ସେମାନେ ଏହି ଆକ୍ରମଣରୁ କେବେବି ସୁସ୍ଥ ହୋଇପାରିବେ ନାହିଁ । ସେ କହିଛନ୍ତି ଯେ ଭାରତ ବିରୁଦ୍ଧରେ ରଚିତ ପ୍ରତ୍ୟେକ ଷଡ଼ଯନ୍ତ୍ରର ଉଚିତ ଜବାବ ଦିଆଯିବ । ରାଜନାଥ ସିଂହ କହିଛନ୍ତି ଯେ ଲୋକମାନେ ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ବୁଲଡୋଜର ବାବା ଭାବରେ ଜାଣନ୍ତି । ସେ ମାଫିଆଙ୍କ ସହିତ ମୁକାବିଲା କରିଛନ୍ତି, କିନ୍ତୁ ଏକ ବୁଲଡୋଜର କେବଳ ବିନାଶ କରେ ନାହିଁ ବରଂ ବିକାଶର ପଥ ମଧ ପ୍ରଶସ୍ତ କରେ । ସେ ଘୋଷଣା କରିଛନ୍ତି ଯେ ଆଗାମୀ ଦିନରେ ଲକ୍ଷ୍ନୌରୁ କାନପୁର ଯାତ୍ରା ମାତ୍ର ୩୫ ରୁ ୪୫ ମିନିଟରେ ସମାପ୍ତ ହେବ ।

## ରାଜ୍ୟର ଆକାଂକ୍ଷୀ ଜିଲ୍ଲାରେ ୧୨ଟି ଆକାଶବାଣୀ କେନ୍ଦ୍ର ରହିଛି : କେନ୍ଦ୍ର ମନ୍ତ୍ରୀ ଡକ୍ଟର ଏଲ ମୁରୁଗନ



ନୂଆଦିଲ୍ଲୀ :ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପ୍ରସାର ଭାରତୀ ଓଡ଼ିଶାରେ ବ୍ୟାପକ ରେଡିଓ ଏବଂ ଟେଲିଭିଜନ ପ୍ରସାରଣ ସେବା ଜାରି ରଖିଛି । କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ. ମୁରୁଗନ ଆଜି ରାଜ୍ୟସଭାରେ ଏକ ପ୍ରଶ୍ନର ଉତରରେ କହିଛନ୍ତି,ଓଡ଼ିଶାରେ ଆକାଶବାଣୀର ୨୮ଟି ପ୍ରସାରଣ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି । ଏଥିମଧ୍ୟରୁ ୧୨ଟି କେନ୍ଦ୍ର ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ଅବସ୍ଥିତ । ଡିଡି ଓଡ଼ିଆ ହେଉଛି ଓଡ଼ିଶା ପାଇଁ ଏକ ୨୪ ଘଂଟିଆ ସମର୍ପିତ ଟିଭି ଚ୍ୟାନେଲ । ଦୂରଦର୍ଶନ ଡିଡି ଫ୍ରି ଡିଶ୍ ମାଧ୍ୟମରେ ଫ୍ରି-ଟୁ-ଏୟାର ଡାଇରେକ୍ଟ-ଟୁ-ହୋମ୍ (ଡିଟିଏଚ) ସେବା ପ୍ରଦାନ କରିଥାଏ । ଏହାର ସିଗନାଲ ଓଡ଼ିଶାର ଆକାଂକ୍ଷୀ ଜିଲ୍ଲାଗୁଡ଼ିକ ସମେତ ଦେଶର ଯେକୌଣସି ସ୍ଥାନରେ ମିଳିପାରିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି । କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଆହୁରି କହିଛନ୍ତି, ଦେଶରେ ଦୂରଦର୍ଶନ ଏବଂ ଆକାଶବାଣୀର ପ୍ରସାରଣ ଭିତିଭୂମିର ଉନ୍ନତିକରଣ ଓ ଆଧୁନିକୀକରଣ ଲାଗି ବ୍ରଡକାଷ୍ଟିଂ ଇନଫ୍ରାଷ୍ଟ୍ରକ୍ଚର ଏଣ୍ଡ ନେଟୱର୍କ ଡେଭଲପମେଂଟ (ବିଆଇଏନଡି) ନାମକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା କାର୍ଯ୍ୟକାରୀ କରାଯାଇଛି । ଏହି ଯୋଜନା ଓଡ଼ିଶାର ଆକାଂକ୍ଷୀ ଜିଲ୍ଲା ସମେତ ସାରା ଦେଶରେ କାର୍ଯ୍ୟକାରୀ ହେଉଛି । ବିଆଇଏନଡି ଯୋଜନାରେ ଓଡ଼ିଶାରେ ମୋଟ୍ ୬ଟି ଏଫଏମ୍ ଟ୍ରାନ୍ସମିଟର ସ୍ଥାପନକୁ ମଞ୍ଜୁରି ମିଳିଛି । ଏଥିମଧ୍ୟରୁ ଗୋଟିଏ ଆକାଂକ୍ଷୀ ଜିଲ୍ଲା କଳାହାଣ୍ଡି ପାଇଁ ମଞ୍ଜୁର କରାଯାଇଛି । ଡକ୍ଟର ଏଲ. ମୁରୁଗନଙ୍କ ସୂଚନା ମୁତାବକ, ପ୍ରସାର ଭାରତୀ ୨୦୨୪ରେ ନିଜର ଓଟିଟି ପ୍ଲାଟଫର୍ମ 'ୱେଭ୍ସ'ରମଧ ଶୁଭାରମ୍ଭ କରିଥିଲା । ଏହା ଏକ ବହୁମୁଖୀ ଡିଜିଟାଲ ଷ୍ଟ୍ରିମିଂ ଏଗ୍ରିଗେଟର ପ୍ଲାଟଫର୍ମ ଯାହା ଇନଫୋଟେନମେଂଟ କାର୍ଯ୍ୟକ୍ରମ ପ୍ରସାରଣ କରିଥାଏ । ଏହା ସୂଚନା, ଶିକ୍ଷା ଏବଂ ସଂସ୍କୃତିର ବାର୍ତାକୁ ସମସ୍ତଙ୍କ ପାଇଁ ସହଜରେ ଉପଲବ୍ଧ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଦୂରଦର୍ଶନ ଏବଂ ଆକାଶବାଣୀନେଟୱର୍କର ବିଭିନ୍ନ ଚ୍ୟାନେଲଗୁଡ଼ିକ ମଧ ୱେଭ୍ସ ସହ ଯୋଡ଼ି ହୋଇଛି । ଏହାବ୍ୟତୀତ, ଶ୍ରୋତାମାନେମୋବାଇଲ୍ ଫୋନରେ ''ନ୍ୟୁଜ୍‌ଅନ୍‌ଏଆଇଆର''ଆପ୍ ମାଧ୍ୟମରେ ୨୬୦ରୁ ଅଧିକ ଆକାଶବାଣୀ ଚ୍ୟାନେଲ ମଧ ଶୁଣିପାରିବେ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି ।

## ତାତି ଆହୁରି ୩ ଡିଗ୍ରୀ ବଢ଼ିବ, ୪୦ଡିଗ୍ରୀ ଡେଇଁଲା ଝାରସୁଗୁଡ଼ା ପାରଦ



ଭୁବନେଶ୍ୱର : ଆସନ୍ତା ତିନି ଦିନ ପଶ୍ଚିମ ଓଡ଼ିଶାରେ ଅଧିକ ତାତି ଅନୁଭୂତ ହୋଇପାରେ । ଗୁରୁବାର ଝାରସୁଗୁଡ଼ାରେ ୪୦ ଡିଗ୍ରୀ ଟପିଛି । ଆଗକୁ ତିନି ଦିନ ଝାରସୁଗୁଡ଼ା ସମେତ ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ଦିନ ତାପମାତ୍ରା ୪୦ ଡିଗ୍ରୀ ଟପିବ । ପାଣିପାଗ ବିଭାଗ ଏହି ପୂର୍ବାନୁମାନ କରିଛି । ଗୁରୁବାର ରାଜ୍ୟର ବହୁ ସ୍ଥାନରେ ପ୍ରବଳ ଖରା ସହ ତାତି ଅନୁଭୂତ ହୋଇଥିଲା । ବାହାରକୁ ବାହାରିଲେ ଗରମ ଝାଞ୍ଜି ପବନ ବାଜୁଥିଲ । ଦେହ ପୋଡ଼ି ପକାଇବା ଭଳି ଅନୁଭବ ହେଉଥିଲା । ଅପରାହ୍ନ ୪ଟା ଯାଏ ଗରମ ସ୍ଥିତିରେ ସୁଧାର ଆସିନଥିଲା । ପରେ ଗରମ ହାୱାରୁ ଆଶ୍ୱସ୍ତି ମିଳିଥିଲା । ଆଗକୁ ବି ଗ୍ରୀଷ୍ମପ୍ରବାହ ସ୍ଥିତି ଆହୁରି ବଢ଼ିପାରେ ବୋଲି ପାଣିପାଗ ବିଶେଷଜ୍ଞ ଆକଳନ କରିଛନ୍ତି । ଝାରସୁଗୁଡ଼ାରେ ଦିନ ତାପମାତ୍ରା ସର୍ବାଧିକ ୪୦.୮ ଡିଗ୍ରୀ ସେଲସିୟସ୍ ଥିଲା । ହୀରାକୁଦରେ ୩୯.୨, ସମ୍ବଲପୁର ଓ ସୁନ୍ଦରଗଡ଼ରେ ୩୯, ଭୁବନେଶ୍ୱରରେ ୩୮.୬, ରାଉରକେଲାରେ ୩୮.୪, ଟିଟିଲାଗଡ଼ ଓ ତାଳଚେରରେ ୩୮ ଡିଗ୍ରୀ ଥିଲା । ସେହିଭଳି କାଳବୈଶାଖୀ ପ୍ରଭାବରେ ୧୫ ଓ ୧୬ ତାରିଖରେ ଉତର ଓଡ଼ିଶା ଓ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ କୁଆପଥର ବର୍ଷା ହୋଇପାରେ । ୧୫ ତାରିଖ (ରବିବାର) ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକରେ ଝଡ଼ବର୍ଷା ହୋଇପାରେ । ୩୦ରୁ ୪୦ କିମି ବେଗରେ ପବନ ବି ବହିପାରେ । ୧୬ ତାରିଖ (ସୋମବାର) ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ସମେତ ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି । ୧୭ ଓ ୧୮ ତାରିଖରେ କାଁ ଭାଁ କିଛି ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇପାରେ ।

## ଖୁବ୍‌ଶୀଘ୍ର ଅଗ୍ନିଶମ ସେବା କ୍ଷେତ୍ରରେ ନିଯୁକ୍ତି ପାଇବେ ମହିଳା : ମୁଖ୍ୟ ଶାସନ ସଚିବ




ଭୁବନେଶ୍ୱର: ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଆୟୋଜିତ ଅଗ୍ନିଶମ ଓ ଜରୁରୀକାଳୀନ ସେବା, ହୋମଗାର୍ଡ ଏବଂ ନାଗରିକ ସୁରକ୍ଷା କାର୍ଯ୍ୟ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ ମହିଳାମାନେ ମଧ ଅଗ୍ନିଶମ ସେବା କ୍ଷେତ୍ରରେ ନିଯୁକ୍ତି ପାଇବେ ବୋଲି ନିଷ୍ପତି ହୋଇଛି । ବିଭିନ୍ନ ପ୍ରକାର ଦୁର୍ଘଟଣାରୁ ଧନ ଓ ଜୀବନକୁ ସୁରକ୍ଷା ଦେବା ସହିତ ପ୍ରତିବର୍ଷ ପାଣିରେ ବୁଡ଼ି ଘଟୁଥିବା ମୃତ୍ୟୁ ସଂଖ୍ୟାକୁ ହ୍ରାସ କରିବା ପାଇଁ ଅଗ୍ନିଶମ ବିଭାଗକୁ ଆହୁରି ଦକ୍ଷ କରିବା ପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ସହରାଂଚଳ ଓ ଗ୍ରାମାଂଚଳରେ ଥିବା ୩୪୬ଟି ଦମକଳ କେନ୍ଦ୍ର ମାଧ୍ୟମରେ ଅବିଳମ୍ବେ ସେବା ପ୍ରଦାନକୁ ଗୁରୁତ୍ୱ ଦିଆଯାଉଛି । ଅଗ୍ନିଶମ ସେବାକୁ ଅଧିକ ସକ୍ରିୟ, ଅଗ୍ନି ସୁରକ୍ଷା ଲାଇସେନ୍ସ ପ୍ରଦାନ ଏବଂ ପ୍ରତ୍ୟେକ କାର୍ଯ୍ୟକୁ ସହଜ, ସୁଗମ ଓ ତ୍ୱରିତ କରାଯିବା ନେଇ ଅଗ୍ନିଶମ ସେବା ପୋର୍ଟାଲ ୨.୦ କାର୍ଯ୍ୟକାରୀ ହୋଇଛି ବୋଲି ଅଗ୍ନିଶମ ସେବା ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ ସୂଚନା ଦେଇଥିଲେ । ପ୍ରତ୍ୟେକ ଅଗ୍ନିଶମ କର୍ମଚାରୀଙ୍କୁ ବିଭିନ୍ନ କାର୍ଯ୍ୟ ସମେତ ନିର୍ଦ୍ଦିଷ୍ଟ ଗୋଟିଏ ବିଷୟରେ ଯଥା ସ୍କୁ ଡାଇଭର, ପ୍ରାଥମିକ ଚିକିତ୍ସା, ସର୍ଚ୍ଚ ଏବଂ ଉଦ୍ଧାର, ଫାୟାର ଫାଇଟର ଟ୍ରେନର, ଜଙ୍ଗଲ ନିଆଁ ଲିଭାଇବା, ଦୁର୍ଘଟଣା ପ୍ରତିକ୍ରିୟା, କେ-୯, କମାଣ୍ଡ ସେଂଟର ବିଶେଷଜ୍ଞ ଆଦି କ୍ଷେତ୍ରରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇ ବିଶେଷଜ୍ଞ ବ୍ୟାଚ୍ ପ୍ରଦାନର ବ୍ୟବସ୍ଥା ଆରମ୍ଭ କରାଯାଇଛି ବୋଲି ଜଣାଯାଇଛି । ସୂଚନାଯୋଗ୍ୟ, ଅଗ୍ନିଶମ ସେବା ତରଫରୁ ୨୦୨୫ ବର୍ଷରେ ପ୍ରାୟ ୨୦,୯୯୧ଟି ଅଗ୍ନିକାଣ୍ଡଜନିତ କଲ୍ ଗ୍ରହଣ କରାଯାଇ ତୁରନ୍ତ ସହାୟତା ପ୍ରଦାନ କରାଯାଇଛି । ଏଥିରେ ପ୍ରାୟ ୫୯୮ କୋଟି ଟଙ୍କାର ସମ୍ପତି ସୁରକ୍ଷିତ ରଖାଯାଇପାରିଥିବା ସହ ଶତାଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି ।

# ଜିଲ୍ଲାସ୍ତରୀୟ "ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା" କାର୍ଯ୍ୟକ୍ରମ ବାଲେଶ୍ୱରରେ ଅନୁଷ୍ଠିତ

## ୪୦ ବରକନ୍ୟା ଯୋଡ଼ିଙ୍କ ପାଇଁ ସଙ୍କଳ୍ପ କଲେ ବାଲେଶ୍ୱର ଜିଲ୍ଲାପାଳ

ବାଲେଶ୍ୱର, (ନି.ପ୍ର.) : ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କାର୍ଯ୍ୟକ୍ରମ ଆଜି ବାଲେଶ୍ୱରର ପଦ୍ମାବତୀ ଆମ୍ୟୁଜମେ[ ପାର୍କ ଠାରେ ଅତି ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ କର୍ତ୍ତା ଭାବେ କନ୍ୟାଦାନ କରିଥିଲେ । କାର୍ଯ୍ୟକ୍ରମରେ ମାନ୍ୟବର ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାଏକ, ଉପ ଜିଲ୍ଲାପାଳ ନୀଳଗିରି ଶ୍ରୀମତୀ ଶୁଭଶ୍ରୀ ରଥ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀମତୀ ମଧୁସ୍ମିତା ରଥ ସହିତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ମହାନ୍ତି ଙ୍କ ସହ କାର୍ଯ୍ୟକାରୀ ସଂସ୍ଥା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମାଜର ଅନଗ୍ରସର ବର୍ଗର ଲୋକଙ୍କର ବିବାହ ସମ୍ବନ୍ଧୀୟ ଆର୍ଥିକ ବୋଝ ହ୍ରାସ କରିବା ସହିତ



ମହିଳାଙ୍କ ସ୍ୱାଭିମାନ ଓ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସରକାରଙ୍କ ଏହି ଯୋଜନା ଅତ୍ୟନ୍ତ ଲୋକପ୍ରିୟ ହୋଇଛି । ଏହା ବିଧବା ପୁନର୍ବିବାହକୁ ପ୍ରୋତ୍ସାହନ ଦେବା ସହିତ ଯୌତୁକ ପ୍ରଥା ନିରାକରଣ ପାଇଁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଯୋଜନା ଅନୁସାରେ ଝିଅଙ୍କ ବୟସ ୧୮ ରୁ ୩୫ ବର୍ଷ ଓ ପୁଅଙ୍କ ବୟସ ୨୧ ରୁ ୩୫ ବର୍ଷ ହୋଇଥିବା ପ୍ରାର୍ଥୀମାନେ ଶିଶୁ ସୁରକ୍ଷା ପ୍ରକଳ୍ପ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ । ସେଥିରୁ ୪୦ ଜଣ ବର-କନ୍ୟା ଯୋଡ଼ି ଆଜିର କାର୍ଯ୍ୟକ୍ରମରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ସଦର ବ୍ଲକ୍ ରୁ ସର୍ବାଧିକ ୧୩ ଯୋଡ଼ି,ରେମୁଣା ରୁ ୭, ନୀଳଗିରି ରୁ ୬,ସୋରୋ ରୁ ୫ ,ବାହାନଗା ରୁ ୪ ,ଖଇରା ରୁ ୩ ଏବଂ ସିମୁଳିଆ ଓ ଭୋଗରାଇ ରୁ ଗୋଟିଏ ଦମ୍ପତି ଥିଲେ । ବର ଓ କନ୍ୟାଙ୍କ ସଜବାଜ ପାଇଁ ଅଲଗା କକ୍ଷ ବ୍ୟବସ୍ଥା କରାଯାଇଥିବା ସହ ଦମ୍ପତିଙ୍କ ସହ ଉଭୟ ପକ୍ଷରୁ ପାଂଚ ପାଂଚ ଜଣଙ୍କ ପାଇଁ ଜଳଖିଆ ଓ ସୁସ୍ୱାଦୁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା । ଏହା ସହିତ ୧୦ ଜଣ ବ୍ରାହ୍ମଣଙ୍କ ଦ୍ୱାରା ୧୦ଟି ବିବାହ ବେଦୀରେ ବିବାହ ରୀତିନୀତି ସମ୍ପନ୍ନ ହୋଇଥିଲା । ଏହି ଯୋଜନା ଅନୁସାରେ ପ୍ରତ୍ୟେକ କନ୍ୟାଙ୍କ ବ୍ୟାଙ୍କ ଖାତାରେ ୪୫,୦୦୦ ଟଙ୍କା ଜମା କରାଯିବା ସହିତ ମୋଟ ୬୦,୦୦୦ ଟଙ୍କା ବ୍ୟୟରେ ଏକ ବିବାହ ସମ୍ପନ୍ନ କରାଯାଇଛି । ଏହି ବିବାହ କାର୍ଯ୍ୟକ୍ରମ ନାରୀ ସଶକ୍ତିକରଣ ଓ ସାମାଜିକ ସୁରକ୍ଷାକୁ ଆହୁରି ଶକ୍ତିଶାଳୀ କରିବାରେ ସହାୟକ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ "ପରିବେଶ ପରିଚାଳନାର ଉନ୍ନତି ଓ ଜୈବ ବିବିଧତା ସଂରକ୍ଷଣ" ବିଷୟରେ ଆନ୍ତର୍ଜାତୀୟ ସମ୍ମେଳନ ଆରମ୍ଭ

ବାଲେଶ୍ୱର(ନି.ପ୍ର.) ଫକୀରମୋହନ ବିଶ୍ୱବିଦ୍ୟାଳୟରେ "ପରିବେଶ ପରିଚାଳନାର ଉନ୍ନତି ଓ ଜୈବ ବିବିଧତା ସଂରକ୍ଷଣ " ବିଷୟକ ଦୁଇଦିନିଆ ଆନ୍ତର୍ଜାତୀୟ ସମ୍ମେଳନ ମାର୍ଚ୍ଚ ୧୩ ତାରିଖରୁ ଆରମ୍ଭ ହୋଇଛି । ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମେଳନ ମାର୍ଚ୍ଚ ୧୪ ପର୍ଯ୍ୟନ୍ତ ଚାଲିବ । ଏଥିରେ ଦେଶ ଓ ବିଦେଶର ବିଭିନ୍ନ ପ୍ରତିଷ୍ଠିତ ପରିବେଶ ବିଜ୍ଞାନୀ , ଗବେଷକ ଓ ବିଶେଷଜ୍ଞମାନେ ଯୋଗଦେଇ ପରିବେଶ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଚର୍ଚ୍ଚା କରିଛନ୍ତି । ଉଦଘାଟନୀ ଅଧିବେଶନରେ ସମ୍ମେଳନର ପୁସ୍ତିକାର ଉନ୍ମୋଚନ କରାଯାଇଥିଲା । ଏହି ପୁସ୍ତିକାରେ କେନ୍ଦ୍ରୀୟ ବିଷୟ ଓ ସମ୍ପର୍କିତ କ୍ଷେତ୍ର ସମ୍ବନ୍ଧୀୟ ମୋଟ ୭୫ଟି ସାରାଂଶ ପ୍ରବନ୍ଧ ସମ୍ମିଳିତ ଅଛି । ଉଦଘାଟନୀ ଅଧିବେଶନରେ ଅଧକ୍ଷତା କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ପ୍ରାକୃତିକ ସମ୍ପଦର ଅସଂଗଠିତ ପରିଚାଳନାର ଗୁରୁତର ପରିଣାମ ବିଷୟରେ ଆଲୋକପାତ କରିଥିଲେ । ସେ ଭୂଗର୍ଭ ଜଳର ସୁଚିନ୍ତିତ ପରିଚାଳନା ଓ ଜୈବ ବିବିଧତା ସହ ସମନ୍ୱୟ ରଖି ସସ୍ଥାୟୀ ଉନ୍ନତି ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ପୁନର୍ନବୀକରଣ ଶକ୍ତିର ପ୍ରଚାର, ପ୍ଲାଷ୍ଟିକ ଓ ଜୀବାଶ୍ମ ଇନ୍ଧନର ବ୍ୟବହାର କମ୍ କରି ପୃଥିବୀ ମାତାଙ୍କ ସୁରକ୍ଷା ପାଇଁ ସମସ୍ତଙ୍କୁ ଦାୟିତ୍ୱଶୀଳ ଓ ପ୍ରତିବଦ୍ଧ ହେବାକୁ ସେ ଆହ୍ୱାନ କରିଥିଲେ । ମୁଖ୍ୟଅତିଥି ଭାବେ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର - ପ୍ରଫେସର ଅପୂର୍ବ ରତନ ଘୋଷ ଯୋଗଦେଇ, ନିଜ ମୂଲ୍ୟବାନ ଉଦ୍ ?ବୋଧନ ରଖି ଜୈବ ବିବିଧତା ବିକାଶ ଯୋଜନାର ଗୁରୁତ୍ୱ ବିଷୟରେ ମତ ପ୍ରକାଶ କରିଥିଲେ । ସେ କୀଟନାଶକ ବ୍ୟବହାର ଓ ବୃଦ୍ଧିଶୀଳ ବାୟୁଦୂଷଣର କୁପ୍ରଭାବ ନେଇ ଚିନ୍ତା ବ୍ୟକ୍ତ କରିଥିଲେ । ପରିବେଶ ଅବନତି ଫଳରେ ଅକାଳ ମୃତ୍ୟୁ ହାର ବୃଦ୍ଧି ପାଉଥିବା ଉଲ୍ଲେଖ କରି ସେ ପୃଥିବୀର ସ୍ୱାସ୍ଥ୍ୟ ସୁରକ୍ଷା ମାଧ୍ୟମରେ ଏକ ସହନଶୀଳ ଓ ସମତାମୂଳକ ଭବିଷ୍ୟତ ଗଠନର ଆବଶ୍ୟକତା ଉପସ୍ଥାପନ କରିଥିଲେ । ମୁଖ୍ୟବକ୍ତା ଭାବେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ, ବିଶାଖାପାଟନମ୍, ପୂର୍ବତନ ପ୍ରଫେସର- ପ୍ରଫେସର ଜ୍ୟାକବ ସୋଲୋମନ ରାଜୁ ଆଲୁରି ଯୋଗଦେଇ, ଜଳବାୟୁ ପରିବର୍ତ୍ତନରେ



ପ୍ରଜାତି ଓ ପରିସ୍ଥିତିତନ୍ତ୍ର ଉପରେ ପଡୁଥିବା ପ୍ରଭାବ ବିଷୟରେ ଆଲୋଚନା କରିଥିଲେ । ବିଭିନ୍ନ ପ୍ରଜାତିମାନଙ୍କ ଜୀବନ ଶୈଳୀର ପରିବର୍ତ୍ତନ, ବିଶ୍ୱ ଉଷ୍ମାୟନ ଓ ଉଦ୍ଭିଦରେ ସି-ଥ୍ରୀ ଓ ସି-ଫୋର୍ ପ୍ରକାରର ଫଟୋସିନ୍ଥେସିସର ପରିସ୍ଥିତିକ ଗୁରୁତ୍ୱ ବିଷୟରେ ସେ ବିସ୍ତୃତ ମତ ପ୍ରକାଶ କରିଥିଲେ । ପରିବର୍ତ୍ତିତ ପରିସ୍ଥିତିର ବିଶ୍ଳେଷଣ, ପରିବେଶ ସଂରକ୍ଷଣ ଓ ଜୈବ ବିବିଧତା ସୁରକ୍ଷା ପ୍ରତି ଅଧିକ ବୈଜ୍ଞାନିକ ମନୋଯୋଗ ଓ ସଚେତନତା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ସ୍ନାତକୋତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ସ୍ୱାଗତ ଭାଷଣ ରଖିଥିଲେ । ପରିବେଶ ବିଜ୍ଞାନ ବିଭାଗର ମୁଖ୍ୟ ଏବଂଏହି ଆନ୍ତର୍ଜାତିକ ସମ୍ମିଳନୀର ସମନ୍ୱୟକାରୀ ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର ସମ୍ମେଳନର ବିଷୟବସ୍ତୁ ଓ ଆମନ୍ତ୍ରିତ ଅତିଥିମାନଙ୍କ ପରିଚୟ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ, ଆୟୋଜକ ସଚିବ ତଥା ପରିବେଶ ବିଜ୍ଞାନ ବିଭାଗର ସହାୟକ ଅଧ୍ୟାପକ ଡ଼କ୍ଟର ମିହିର ତନୟ ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି ଦୁଇଦିନିଆ ସମ୍ମେଳନରେ ପାଂଚଟି ପ୍ରାୟୋଗିକ ଅଧିବେଶନ ଆୟୋଜିତ ହେବାକୁ ଯୋଜନା ରହିଛି । କୋରିଆ ସାଧାରଣତନ୍ତ୍ର, ଯୁକ୍ତରାଷ୍ଟ୍ର ଆମେରିକା, ତାଇୱାନ ଓ କାନାଡାରୁ ଆସିଥିବା ବିଶେଷଜ୍ଞମାନଙ୍କ ସହ ଓଡ଼ିଶା, ପଶ୍ଚିମବଙ୍ଗ, କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟର ଶିକ୍ଷାବିତ୍ ? ଓ ଗବେଷକମାନେ ଏହି ଆନ୍ତର୍ଜାତୀୟ ଆଲୋଚନାରେ ଅଂଶଗ୍ରହଣ କରୁଛନ୍ତି । ଏହି କାର୍ଯ୍ୟକ୍ରମ ଆୟୋଜକ ସଚିବ ଡ଼କ୍ଟର ମିହିର ତନୟ ଦାସ ଓ ସହାୟକ ଅଧ୍ୟାପିକା ଶିବାନୀ ହାନ୍ସଦା ଙ୍କ ସଂଯୋଜନାରେ ସଂଚାଳିତ ହୋଇଥିଲା ।

# ହିଞ୍ଜଳା ଆଦର୍ଶ ବିଦ୍ୟାଳୟର ନିର୍ମାଣ ପାଇଁ ବିଧାନସଭାରେ ବିଧାୟକ ମାନସ କୁମାର ଦତଙ୍କ ପ୍ରଶ୍ନ

ବାଲେଶ୍ୱର(ନି.ପ୍ର.)ରାଜ୍ୟରେ ପ୍ରତ୍ୟେକ ଜିଲ୍ଲାର ଗ୍ରାମ ପଂଚାୟତସ୍ତରରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟର ବିକାଶ ପାଇଁ ସରକାରଙ୍କ ଯୋଜନା ପ୍ରସ୍ତୁତ କରିଥିଲେ । ଏହି କ୍ରମେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଓଲନ୍ଦାସାରଗାଁ ପଂଚାୟତର ହିଞ୍ଜଳା ଠାରେ ନିର୍ମାଣାଧୀନ ଆଦର୍ଶ ବିଦ୍ୟାଳୟର କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବାର ନିର୍ଦ୍ଦିଷ୍ଟ ସମୟସୀମା ବାବଦରେ ସୂଚନା ଦେବାକୁ ବିଧାୟକ ମାନସ କୁମାର ଦତ ବିଧାନସଭାରେ ପ୍ରଶ୍ନ ଉତ୍ ?ଥାପନ କରିଛନ୍ତି । ତେବେ ଆଦର୍ଶ ବିଦ୍ୟାଳୟ ବିକାଶ ପାଇଁ ଚୟନ ପ୍ରକ୍ରିୟା କିମ୍ବା କାର୍ଯ୍ୟକାରିତାର ଆଧାର ସମ୍ପର୍କରେ ତଥ୍ୟ ପ୍ରଦାନ ପାଇଁ ସେ ପ୍ରଶ୍ନ ମାଧ୍ୟମରେ ନିବେଦନ କରିଥିଲେ । ଅନୁରୂପ ଭାବେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ମାଧ୍ୟମରେ ଏପର୍ଯ୍ୟନ୍ତ ରାଜ୍ୟରେ ଜିଲ୍ଲାସ୍ତରରେ ସ୍ଥାପିତ ହୋଇଥିବା ବିଦ୍ୟାଳୟ ସଂଖ୍ୟା ସମ୍ପର୍କରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ବିବରଣୀ ପ୍ରଦାନ ନିମନ୍ତେ ବିଧାୟକ ଶ୍ରୀ ଦତ ଅନୁରୋଧ କରିଥିଲେ । ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ପ୍ରଶ୍ନର ଉତରରେ କହିଥିଲେ ଯେ, ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ହିଞ୍ଜଳା ଠାରେ ଆଦର୍ଶ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଖୁବ ଶୀଘ୍ର ସମାପ୍ତ ହୋଇ ବିଭାଗକୁ ହସ୍ତାନ୍ତର ହେବା ପରେ ଆସନ୍ତା ଶିକ୍ଷାବର୍ଷ ଠାରୁ ଏହାକୁ କାର୍ଯ୍ୟକ୍ଷମ ପାଇଁ ଲକ୍ଷ୍ୟ ରଖାଯାଇଛି । ସେହିପରି ରାଜ୍ୟ ସରକାରଙ୍କର ନିଷ୍ପତି ଅନୁସାରେ ୨୦୨୫-୨୬ ରୁ ୨୦୨୮-୨୯ ଆର୍ଥିକ ବର୍ଷ ମଧ୍ୟରେ ପଂଚାୟତସ୍ତରରେ ୨୨୦୦ଟି ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ



ବ୍ୟବସ୍ଥା କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୧୧୮ଟି ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ନିମନ୍ତେ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି । ଗ୍ରାମ ପଂଚାୟତସ୍ତରରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ସ୍ଥାପନ ନିମନ୍ତେ ସରକାରଙ୍କ ଦ୍ୱାରା ଅନୁମୋଦିତ ନିୟମାବଳୀ ଅନୁସାରେ ବିଦ୍ୟାଳୟ ଚୟନ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ପ୍ରକାଶ କରିଛନ୍ତି ।

# କାରଣ କହି ଭାଜପା ଛାଡ଼ିଲେ ଜୀବନ ପ୍ରଦୀପ ଦାଶ

ବାଲେଶ୍ୱର(ନି.ପ୍ର.) ଭାଜପା ଛାଡ଼ିଲେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ । ରବୀନ୍ଦ୍ର ଜେନା ଭାଜପାରେ ସାମିଲ ହେବା ପରେ ସେ ଇସ୍ତଫା ଦେଇଥିବା ଜଣାପଡ଼ିଛି । ପ୍ରେସମିଟ୍ ? କରି ସେ ତାଙ୍କ ଇସ୍ତଫାର କାରଣ କହିଛନ୍ତି । ସେ କହିଛନ୍ତି, ଭାଜପା ମୂଲ୍ୟବୋଧଯୁକ୍ତ




ରାଜନୀତି ବିଚାରଠାରୁ ଦୂରେଇ ଯାଇଛି । ନ ହେଲେ ଚିଟ୍‌ଫଣ୍ଡ ଅଭିଯୁକ୍ତଙ୍କୁ ଭାଜପାରେ କିପରି ସାମିଲ କରାଗଲା । ଜଣେ ଅଭିଯୁକ୍ତଙ୍କୁ ଆଣି ଦଳରେ ସାମିଲ କରିବା ରାଜ୍ୟ ଭାଜପାରେ ପ୍ରଥମ । ୨୦୨୪ରେ କ୍ଷମତାକୁ ଆସିବା ପରେ ଭାଜପାର ନୈତିକ ପତନ ହୋଇଛି । ଭବିଷ୍ୟତ କାର୍ଯ୍ୟପନ୍ଥା ବାବଦରେ କୌଣସି ନିଷ୍ପତି ନେଇନି ବୋଲି ଦାଶ କହିଛନ୍ତି ।

# ୨୪ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ

ବାଲେଶ୍ୱର(ନି.ପ୍ର.) ଜିଲ୍ଲା ଗାୟତ୍ରୀ ଶକ୍ତିପୀଠ ଅଂଗାରଗଡ଼ିଆ ପରିସରରେ ୨୪ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଓ ସଂସ୍କାର ମହୋତ୍ସବ ୧୩ ତାରିଖ ଶୁକ୍ରବାର ସକାଳ ୭ଟାରୁ ଆରମ୍ଭ ହୋଇଛି । ସାମୂହିକ ଯପ ସାଧନା, ରକ୍ତଦାନ ଶିବିର, ଝୋଟି ପ୍ରତିଯୋଗିତା, ଶଂଖନାଦ



ପ୍ରତିଯୋଗିତା, ଶତାଧିକ ମହିଳାମାନଙ୍କ ଦ୍ୱାରା ଅପରାହ୍ନରେ କଳସଯାତ୍ରା, ସଂଧ୍ୟା ୬ଘଟିକାରେ ଯୁଗ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

# ଏଲପିଜି ସଙ୍କଟ ଓ ଦରବୃଦ୍ଧିକୁ ନେଇ କଂଗ୍ରେସର ପ୍ରତିବାଦ

ବାଲେଶ୍ୱର(ନି.ପ୍ର.) : ଉଭୟ ଘରୋଇ ଓ ବାଣିଜ୍ୟିକ ରନ୍ଧନ ଗ୍ୟାସ ର କୃତ୍ରିମ ସଙ୍କଟ ଏବଂ ଦରବୃଦ୍ଧି ବିରୋଧରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଛି । ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ୬୦ ଟଙ୍କା ବୃଦ୍ଧି କରାଯାଇଥିବା ବେଳେ ବାଣିଜ୍ୟିକ ସିଲିଣ୍ଡର ବିତରଣ ପ୍ରାୟତଃ ବନ୍ଦ କରାଯାଇଛି । ଯାହା ବିଜେପିର ଡବଲ ଇଞ୍ଜିନ ସରକାର ସିଧା ସଳଖ ଗରିବଙ୍କ ହାଣ୍ଡିଶାଳ ଉପରେ ମାଡ କରିଛନ୍ତି । ଏହାର ପ୍ରତିବାଦରେ ଆଜି ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ନେତୃତ୍ୱରେ ୭ ଦଫା ସମ୍ବଳିତ ଏକ ସ୍ମାରକପତ୍ର ବାଲେଶ୍ୱର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଏହାକୁ ଗ୍ରହଣ କରିଥିଲେ । ରନ୍ଧନ



ଗ୍ୟାସର ସୁଷମ ବ[ନ ଓ ପର୍ଯ୍ୟାପ୍ତ ମହଜୁଦ ରଖିବା, ରନ୍ଧନ ଗ୍ୟାସ ଏବଂ ଅନ୍ୟାନ୍ୟ ସାମଗ୍ରୀର କଳାବଜାରୀ କୁ ରୋକିବା, ଏ ଦିଗରେ ସ୍ୱତନ୍ତ୍ର ତଦାରଖ ଟିମ୍ ଗଠନ କରିବା ଇତ୍ୟାଦି ସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି । ଆଜିର ଏହି ପ୍ରତିବାଦରେ ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କା, ଉର୍ମିଳା ମାଝୀ, ନାରୀନେତ୍ରୀ ଅର୍ଚ୍ଚନା ନନ୍ଦୀ, ଜ୍ୟୋତ୍ସ୍ନା ସେନାପତି, କୁମୁଦିନୀ ଦାସ, ଶକୁନ୍ତଳା ଦାସ, ସାଇନା ବେଗମ୍, ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଷାରକାନ୍ତି ତପସ୍ୱୀ, ବିଜୟ ମହାନ୍ତି, ନିଶିତ୍ ବାରିକ, ଆଶିଷ ପଟ୍ଟନାୟକ, ଦେବଦତ ଦାସ, ଟାଉନ କଂଗ୍ରେସ ସଭାପତି ଅନୁପ ସ୍ୱାଇଁ, କହ୍ନେଇ ବେହେରା, ସକ୍ ଏକ ଭୋଳ,ଅଜୟ ଜେନା, ଶେଖ୍ ଅଜଗର, ସନ୍ନ୍ୟାସୀ ମନ୍ତ୍ରୀ, ରାଜେନ୍ଦ୍ର ଚୌଧୁରୀ, ବିଦ୍ୟାଧର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ ।

# ଫକୀର ମୋହନ ମହାବିଦ୍ୟାଳୟରେ କନିଷ୍ଠ ଓ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଏବଂ କର୍ମଚାରୀ ମାନଙ୍କ ମଧ୍ୟରେ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) ଫକୀର ମୋହନ କଲେଜ ଇତିହାସରେ ପ୍ରଥମ ଥର ପାଇଁ ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ, ଡକ୍ଟର ଦିନେଶ ଚନ୍ଦ୍ର ଦାସ ଓ ଫକୀର ମୋହନ +୨ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସୋନାଲିସା ମହାନ୍ତିଙ୍କ ମିଳିତ ପ୍ରୟାସ ଓ ସଂଯୋଜକ ପ୍ରଫେସର ଡ. ଅଭିଜିତ୍ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇ ମହାବିଦ୍ୟାଳୟ ମଧ୍ୟରେ ତା୧୧/୦୩/୨୬ ରିଖ ଦିନ ଅପରାହ୍ନ ୫ ଘଟିକାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ଏକ ଦିବା ରାତ୍ର କ୍ରିକେଟ ମ୍ୟାଚ୍ ଫକୀର ମୋହନ କଲେଜ ପଡ଼ିଆରେ ହୋଇ ଯାଇଅଛି।ଦୁଇ ଅନୁଷ୍ଠାନ ମଧ୍ୟରେ ଉତମ ସମନ୍ୱୟ ପ୍ରତିଷ୍ଠା ଓ ଭାଇଚାରାର ଉନ୍ନତି ହିଁ ଏହି ଖେଳର ଉଦ୍ଦେଶ୍ୟ ବୋଲି ଅଧ୍ୟକ୍ଷ ଡ. ଦିନେଶ ଚନ୍ଦ୍ର ଦାସ ନିଜର ମତ ରଖିଥିଲେ। ମୁଖ୍ୟ




ଅତିଥି ଭାବେ ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରର ଉପ ନିର୍ଦ୍ଦେଶକ ବୈଜ୍ଞାନିକ ଡ. ନୀଳାଦ୍ରୀ ରୟ ଯୋଗ ଦେଇ ବିଜେତା ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ର ଅଧିନାୟକ ଡ. ସୁଶାନ୍ତ କୁମାର ବାଗ ଙ୍କୁ ଟ୍ରଫି ପ୍ରଦାନ କରିଥିଲେ ।ଏହି ଉପଲକ୍ଷେ ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଦାସ ପ୍ରତ୍ୟେକ ବର୍ଷ ଏହି ପରି ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ ଦୁଇ ମହାବିଦ୍ୟାଳୟ ମଧ୍ୟରେ ହେବ ବୋଲି ଘୋଷଣା କରିଥିଲେ । ଉକ୍ତ ଐତିହାସିକ ମ୍ୟାଚ୍ ରେ ଫକୀର ମୋହନ +୨ କଲେଜ କ୍ରିକେଟ ଦଳର ଅଧିନାୟକ ଲକ୍ଷ୍ମୀ ନାରାୟଣ ନାୟକ ଓ +୩ ର ଶ୍ରୀ ସୁଶାନ୍ତ କୁମାର ବାଗ ଙ୍କ ସମେତ ସମସ୍ତ ଖେଳାଳୀ ଉପସ୍ଥିତ ଥିଲେ । ଏଥିରେ ସହଯୋଗ କରିଥିଲେ ଫକୀର ମୋହନ କଲେଜ +୨ ର ପ୍ରଶାସନିକ ଅଧିକାରୀ ଡକ୍ଟର ସନ୍ତୋଷ କୁମାର ରାଉତ, +୩ ର ପ୍ରଫେସର ଡକ୍ଟର ଫିରୋଜ କୁମାର ପାଢ଼ୀ, ଶ୍ରୀ ଅନିରୁଦ୍ଧ ବେହେରା ସହକାରୀ ପ୍ରଫେସର ଡକ୍ଟର ମୌସୁମୀ ଦାସ ପଟ୍ଟନାୟକ, ଡକ୍ଟର ଜୟଶ୍ରୀ ମିଶ୍ର,ଡକ୍ଟର ମିନତୀ ସେଠୀ, ଶ୍ରୀ ସୁଜିତ କୁମାର ଦାସ, ଅପର୍ଣ୍ଣା ସେଠୀ,ସେକ୍ସନ ଅଧିକାରୀ ଶ୍ରୀ ବଳରାମ ନାୟକ, ଶ୍ରୀ ପ୍ରଦୀପ କୁମାର ଶତପଥୀଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ର ଛାତ୍ରୀ ବୃନ୍ଦ ।

# ପିଏମ କିଷାନ ଉତ୍ସବ ଦିବସ ପାଳିତ

ବାଲେଶ୍ୱର(ନି.ପ୍ର.) ଆଜି ହେଉଛି ପିଏମ କିଷାନ ଉତ୍ସବ ଦିବସ । ଆଜି ସନ୍ଧ୍ୟା ୫.୩୦ ଘଟିକା ସମୟରେ ଆସାମର ଗୁଆହଟିରୁ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ଆଭାସୀ ଜରିଆରେ ପିଏମ କିଷାନ ଯୋଜନାର ୨୨ ତମ କିସ୍ତି ଟଙ୍କା ଭାରତର କୃଷକ ଭାଇଭଉଣୀ ମାନଙ୍କ ବ୍ୟାଙ୍କ୍ ଖାତାକୁ ହସ୍ତାନ୍ତର କରିଛନ୍ତି । ଏହି ଅବସରରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଡିଟୋରିୟମ କକ୍ଷରେ



ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏଠାରେ ଉପସ୍ଥିତ ଥିବା ସମସ୍ତ ଅତିଥି ଏବଂ କୃଷକ ଭାଇଭଉଣୀ ମାନେ ଗୁଆହାଟିରେ ଚାଲିଥିବା ପିଏମ କିଷାନ ଉତ୍ସବ କାର୍ଯ୍ୟକ୍ରମକୁ ସିଧା ପ୍ରସାରଣ ଜରିଆରେ ଦେଖିଥିଲେ । ଓଡ଼ିଶାର ୩୪ ଲକ୍ଷରୁ ଉର୍ଦ୍ଧ୍ୱ କୃଷକ ମାନଙ୍କୁ ପିଏମ କିଷାନ ଯୋଜନାର ୨୨ ତମ କିସ୍ତିର ୬୮୪ କୋଟି ଟଙ୍କା ହସ୍ତାନ୍ତର କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ସମ୍ମାନୀତ ଅତିଥି, ସରକାରୀ ଅଧିକାରୀ, କର୍ମଚାରୀ ଓ କୃଷକ ଭାଇଭଉଣୀ ମାନେ ଉପସ୍ଥିତ ଥିଲେ ।

# 'ମନା'ର ବାର୍ଷିକ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର(ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ (ମନା) ବାଲେଶ୍ୱରର ମାସିକ ବୈଠକ ଆଜି ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଶ୍ରୀଯୁକ୍ତ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦିକା ଶ୍ରୀମତୀ ମମତା ମହାପାତ୍ର ଗତମାସର ବିବରଣୀ ପାଠ କରିଥିଲେ । ବାଲେଶ୍ୱର ତଥା ସମଗ୍ର ରାଜ୍ୟରେ ମଦ୍ୟପାନ ଜନିତ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବାରୁ 'ମନା' ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଥିଲା ।

ଚଳିତବର୍ଷ ଏପ୍ରିଲ୍ ୧୯ ତାରିଖରେ ହେବାକୁ ଥିବା 'ମନା'ର ଦଶମ ବାର୍ଷିକ ସମ୍ମିଳନୀ ଆୟୋଜନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇ ବିଭିନ୍ନ କମିଟିମାନ ଗଠିତ ହେଲା । ସଂଗଠନର ଉପଦେଷ୍ଟା ଶ୍ରୀଯୁକ୍ତ ସୁବ୍ରତ କର, ଉପସଭାପତି ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ, ଲକ୍ଷ୍ମଣ ଚରଣ ବିଶ୍ୱାଳ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ସୀତାରାମ ପ୍ରଧାନ, ଭାସ୍କର ଚନ୍ଦ୍ର ମିଶ୍ର, ଗୀତାଞ୍ଜଳି ସିଂହ, ତ୍ରିଦିବ ନାୟକ, କଲ୍ୟାଣୀ ନନ୍ଦ, ସୁନାମଣି ଜେନା, ନିରଞ୍ଜନ ପରିଡ଼ା, ପ୍ରଭାକର ସାହୁ (ଖ), ଦୟାନିଧି ମହାପାତ୍ର, ରାଜେନ୍ଦ୍ର ନାଥ ରାଉତ, ବସନ୍ତ ପ୍ରଧାନ, ସନାତନ ଦାସ, ଗୌତମ କୁମାର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଭାରତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।







# ‘ସୁଭଦ୍ରା ଶକ୍ତି ମେଳା-୨୦୨୬’ର ତୃତୀୟ ସାଂସ୍କୃତିକ ସନ୍ଧ୍ୟା, ଲୋକନୃତ୍ୟ ଓ ଅର୍କେଷ୍ଟ୍ରାରେ ମେଳା ପ୍ରାଙ୍ଗଣ ମୁଖରିତ




ନୂଆପଡ଼ା(ନିପ୍ର): ନୂଆପଡା ଜିଲ୍ଲା ତଥା ଓଡ଼ିଶାର ମହିଳା ଉଦ୍ୟୋଗୀ ମାନଙ୍କୁ ସୁଯୋଗ ଦେବା ସହିତ ସାଂସ୍କୃତିକ ପରମ୍ପରାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ, ନୂଆପଡ଼ା ଓ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗର ଆନୁକୂଲ୍ୟରେ ନୂଆପଡ଼ା ସ୍ଥିତ ନେସନାଲ ମହାବିଦ୍ୟାଳୟ ପଡ଼ିଆରେ ଚାଲୁଥିବା ଜିଲ୍ଲା ସ୍ତରୀୟ ‘ସୁଭଦ୍ରା ଶକ୍ତି ମେଳା-୨୦୨୬’ ର ତୃତୀୟ ସାଂସ୍କୃତିକ ସନ୍ଧ୍ୟା ଉତ୍ସାହ ଓ ଉଲ୍ଲାସମୟ ପରିବେଶରେ ଅନୁଷ୍ଠିତ ହୋଇ ଯାଇଛି । ଉପ-ଜିଲ୍ଲାପାଳ ନୂଆପଡ଼ା ସୁର୍ମୀ ସୋରେନଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ଜିଲ୍ଲା ପରିଷଦ ଉପାଧକ୍ଷା ଦୀପିକା ଦୀପ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ । ଜିଲ୍ଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଶୀ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଣଜୀତ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରଥମେ ପ୍ରଦୀପ ପ୍ରଜ୍ଜ୍ୱଳନ ଓ ପୂଜାର୍ଚ୍ଚନା ପରେ ସାଂସ୍କୃତିକ ସନ୍ଧ୍ୟାର ଶୁଭାରମ୍ଭ ହୋଇଥିଲା । ଆୟୋଜିତ ସଭାରେ ଅତିଥି ମାନେ ସୁଭଦ୍ରା ଶକ୍ତି ମେଳା ଜିଲ୍ଲାର ମହିଳାମାନଙ୍କ ସଶକ୍ତି କରଣ ସହିତ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ଆର୍ଥିକ ଉନ୍ନତିରେ ସହାୟକ ହେଉଥିବା ଉଲ୍ଲେଖ କରିଥିଲେ । ମଂଚରେ ବରେଣ୍ୟ ଅତିଥିମାନଙ୍କୁ ସ୍ମୃତି ଉପହାର ପ୍ରଦାନ କରାଯାଇଥିଲା । ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ ଧନ୍ୟବାଦ ଅର୍ପଣ କରିଥିଲେ । ତୃତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ମା’ ଧରଣୀ ଘୁମୁରା ଦଳ, ଗମ୍ଭାରୀଗୁଡ଼ା, ନଟରାଜ ଡାନ୍ସ ଏକାଡେମୀ, ବଲାଙ୍ଗୀର, ନେହେନା ଆଶ୍ରମ ସ୍କୁଲ, ପଲସଦା ଆଶ୍ରମ ସ୍କୁଲ, କିରେକେଲା ରାମକାଠି ଦଳ, (ବୋଡେନ) ଆକର୍ଷଣୀୟ ଲୋକନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ସେହିପରି ଷ୍ଟାର ନାଇଟ୍ ରେ ସତ୍ୟଜିତ ଏବଂ ନାଭ୍ୟା ମେଲୋଡି ମାଧ୍ୟମରେ ଦର୍ଶକଙ୍କ ମନୋରଂଜନ କରିଥିଲେ । ସପ୍ତାହବ୍ୟାପୀ ଚାଲିବାକୁ ଥିବା ଏହି ମେଳାରେ ଜିଲ୍ଲା ଓ ରାଜ୍ୟର ପ୍ରାୟ ୩୦୦ ଉଦ୍ୟୋଗୀ ଓ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ତାଙ୍କର ହସ୍ତଶିଳ୍ପ, ଘରୋଇ ଉତ୍ପାଦ, ଖାଦ୍ୟ ପଦାର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି ।

# ଆବାସ ପ୍ରୋତ୍ସାହନ ରାଶି ପ୍ରଦାନ କଲେ ବିଡିଓ ଓ ତହସିଲଦାର



ଖଇରା(ନିପ୍ର): ନିର୍ଦ୍ଧାରିତ ସମୟରେ ଅନ୍ତ୍ୟୋଦୟ ଆବାସ ଗୃହ କାର୍ଯ୍ୟ ଶେଷ କରିଥିବା ପଳସା ପଂଚାୟତର ୧୨ଜଣ ହିତାଧିକାରୀଙ୍କୁ ଗୁରୁବାର ପ୍ରୋତ୍ସାହନ ରାଶି ବାବଦକୁ ୨୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । ଏହି ଅବସରରେ ପଳସା ପଂଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ବିଡିଓ ନାରାୟଣ ସାହୁତହସିଲଦାର ଅମିତ ରଞ୍ଜନ ହୋତା, ସିଡିପିଓ ଊର୍ମିଳା ବେହେରା, ସରପଂଚ ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ୧୫ଜଣରୁ ୧୨ଜଣ ହିତାଧିକାରୀ ଘର ନିର୍ମାଣ ଶେଷ କରିଥିବାରୁ ସେମାନଙ୍କୁ ପ୍ରୋତ୍ସାହିତ ରାଶି ପ୍ରଦାନ କରିଥିଲେ । କନିଷ୍ଠ ଯନ୍ତ୍ରୀ ଅମିୟ ଦାସ, ଏଡିଇଓ କୃଷ୍ଣଚନ୍ଦ୍ର ଦାସ, ସହକାରୀ ଯନ୍ତ୍ରୀ ବିଭୁତି ଭୁଷଣ ନାୟକ, ନିର୍ବାହୀ ଅଧୀକାରିଣୀ ଖୋଲଣା ମଢେଇ ପ୍ରମୁଖ ଉପସ୍ଥିତ ଥିଲେ ।

# ପଦ୍ମାବତୀପୁର ଗ୍ରାମରେ ଷଷ୍ଠ ଦୋଳ ଯାତ୍ରା

ତାଳଚେର(ନିପ୍ର): ତାଳଚେର ବ୍ଲକ ଅନ୍ତର୍ଗତ ଜଢଜ କଲୋନୀ, ବଉଳପୁର (ପଦ୍ମାବତୀପୁର) ଠାରେ ଗତକାଲି ଷଷ୍ଠ ଦୋଳ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ରାଧାକୃଷ୍ଣଙ୍କର ଯୁଗଳ ବିଗ୍ରହକୁ ଏକ ସୁସଜ୍ଜିତ ବିମାନରେ ବିରାଜିତ କରାଯାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା । ପୂଜକ କୈଳାଶ ଚନ୍ଦ୍ର ଖିଲାର ଙ୍କ ତତ୍ତ୍ୱାବଧାନରେ ଯଥାବିଧି ପୂଜା କାର୍ଯ୍ୟ କରାଯାଇ ଥିଲା । ଶୋଭା ଯାତ୍ରାରେ ବରିହାପୁର, ଖଇରିନାଳି ଏବଂ ଡ଼ଙ୍ଗରବଡାର ଲଉଡ଼ି ସମାଜ, ଗୋପାଳପ୍ରସାଦର ସିଂଘବାଦ୍ୟ, ମହୀଧରପୁରର ଘଂଟବାଦ୍ୟ, କଙ୍କିଳିର ରିଏଲ କାହ୍ନ ସଉଣ୍ଡ ଏବଂ ପଙ୍ଗାତିରାର ମହିଳା ନାମ ସଂକୀର୍ତ୍ତନ ମଣ୍ଡଳୀ ସହିତ ଆଖପାଖର ଜନସାଧାରଣ ସାମିଲ ହୋଇଥିଲେ ।ମେଳଣ ପଡିଆରେ ବିଭିନ୍ନ ଦୋକାନ ବଜାର ସାଙ୍ଗକୁ ରାତ୍ରିରେ ତପସ୍ୱିନୀ ଅପେରାର ନୃତ୍ୟ ଆୟୋଜନ ହୋଇଥିଲା ।ଏହି ଉତ୍ସବରେ ତାଳଚେରର ବିଧାୟକ ଶ୍ରୀଯୁକ୍ତ ବ୍ରଜକିଶୋର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାମବାସୀମାନଙ୍କୁ ଉତ୍ସାହିତ କରିଥିଲେ ।ଗ୍ରାମ କମିଟିର ସଭାପତି ଶ୍ରୀଯୁକ୍ତ ଗିରିଶ ଚନ୍ଦ୍ର ଖିଲାର, ସମ୍ପାଦକ ଶ୍ରୀଯୁକ୍ତ ବାପୁନ କୁମାର ସାହୁ ଏବଂ କୋଷାଧକ୍ଷ ବିଚିତ୍ରା ନନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ଯାତ୍ରାକୁ ପରିଚାଳନା କରାଯାଇଥିଲା । ପରିଚାଳନା ଦାୟିତ୍ୱରେ ଥିବା ରାଜେନ୍ଦ୍ର ପ୍ରସାଦ ସାହୁ, ଜିତେନ୍ଦ୍ର ସାମନ୍ତ, ଦିଲ୍ଲିପ ସାହୁ, ସଞ୍ଜୟ ଭୂତିଆ, ହେମନ୍ତ ସାହୁ, ପୂର୍ଣ୍ଣ ଚନ୍ଦ୍ର ସାହୁ, ନିରଞ୍ଜନ ସେଠୀ, ଜିତେନ୍ଦ୍ର ବେହେରା, ସୁଦର୍ଶନ ସେଠୀ, ରାଜେନ୍ଦ୍ର ସେଠୀ, ସରୋଜ ବେହେରା, ପ୍ୟାରୀ ମୋହନ ପ୍ରଧାନ, ପ୍ରଦୀପ ସାହୁ ଏବଂ ବାଦଲ କୁମାର ସାମନ୍ତ ସୁଚାରୁରୂପେ ଯାତ୍ରାକୁ ଆୟୋଜନ କରିଥିଲେ । ଗ୍ରାମ୍ୟ କମିଟିର ସଦସ୍ୟ ପ୍ରଦୀପ ସାମନ୍ତ ଏବଂ ଶ୍ରୀକୃଷ୍ଣ ସାହୁଙ୍କର ଯାତ୍ରା କାର୍ଯ୍ୟରେ ଶ୍ରେଷ୍ଠ ଯୋଗଦାନ ରହିଥିଲା ।

# ଜାଳେଣି ଗ୍ୟାସ ଦରବୃଦ୍ଧି ଏବଂ କଳାବଜାରୀ ପ୍ରତିବାଦରେ କଂଗ୍ରେସ ବିକ୍ଷୋଭ




ନୟାଗଡ଼(ନିପ୍ର): ଡିସିସି ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନ କ୍ରମେ ଜାଳେଣି ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ଆଜି ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶଙ୍କ ନେତୃତ୍ୱରେ ସ୍ଥାନୀୟ ଓଡଗାଁ ଛକ ଠାରେ କଂଗ୍ରେସ କାର୍ଯ୍ୟକର୍ତ୍ତା ମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ନିତ୍ୟବ୍ୟବହାର୍ଯ୍ୟ ଗ୍ୟାସ ସିଲିଣ୍ଡର ପିଛା ୬୦ ଟଙ୍କା ବୃଦ୍ଧି କରି ହାଣ୍ଡିଶାଳରେ ଚଡକ ପକାଇଛନ୍ତି ବୋଲି ଡିସିସି ସଭାପତି ଶ୍ରୀ ଦାଶ କହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କ ତ୍ରୁଟିପୂର୍ଣ୍ଣ ବିଦେଶନୀତି ପାଇଁ ଦେଶବ୍ୟାପି ଗ୍ୟାସ ସଙ୍କଟ ଦେଖାଦେଇଛି । ବିଧାନସଭାରେ କଂଗ୍ରେସ ବିଧାୟକ ମାନେ ରାଜ୍ୟରେ ଗ୍ୟାସ ସଙ୍କଟ ଏବଂ କଳାବଜାରି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରି ଘେରିବାରୁ ସରକାରଙ୍କ ଚାପରେ ଜିଲ୍ଲାପାଳ ମାନେ ସାମ୍ବାଦିକ ସମ୍ମିଳନୀ କରି ଜିଲ୍ଲା ମାନଙ୍କରେ ପର୍ଯ୍ୟାପ୍ତ ଗ୍ୟାସ ମହଜୁଦ ଥିବା କହିଥିବା ବେଳେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା ରହିଛି । ସମଗ୍ର ଜିଲ୍ଲାରେ ପ୍ରତ୍ୟେକ ଗ୍ୟାସ ବିତରକ ସଂସ୍ଥା ସାମ୍ନାରେ ଲୋକେ ଖାଲି ସିଲିଣ୍ଡର ଧରି ଲମ୍ବା ଲାଇନ ଲଗାଇ ଥିଲେ ମଧ ଗ୍ୟାସ ମିଳି ପାରୁନାହିଁ ବୋଲି କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ । ଗ୍ୟାସ ସିଲିଣ୍ଡର ପିଛା କଳାବଜାରୀ ମାନେ ୧୬୦୦ ଟଙ୍କା ନେଉଥିବାରୁ ଛୋଟଛୋଟ ଚା, ଜଳଖିଆ, ଚାଟ ଗୁପଚୁପ ଦୋକାନୀ ମାନେ ଘୋର ପ୍ରଭାବିତ ହେଉଛନ୍ତି । ଜିଲ୍ଲା ପ୍ରଶାସନ ଯଦି ଏହି ପ୍ରାୟୋଜିତ କଳାବଜାରୀ ପ୍ରତି ସଜାଗ ନରୁହନ୍ତି ତେବେ ଆଗାମୀ ଦିନରେ ଭୟଙ୍କର ଗ୍ୟାସ ସଙ୍କଟ ସୃଷ୍ଟି ହେବାର ସମ୍ଭାବନା ରହିଥିବା ଡିସିସି ସଭାପତି ଶ୍ରୀ ଦାଶ କହିଛନ୍ତି । ଡିସିସି ଉପସଭାପତି ବିଭୁପ୍ରସାଦ ମିଶ୍ର, ଅମଜାଦ ଖାଁ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରସାଦ ପରିଡା, ପୀତବାସ ଖୁଂଟିଆ, କୂଳେଶ ଚନ୍ଦ୍ର ମହାନ୍ତି, ସତ୍ୟନାରାୟଣ ସୁରଜଗଦେବ, ଜିଲ୍ଲା ମନରେଗା ଆନ୍ଦୋଳନ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାନ୍ତ, ନୟାଗଡ଼ ମ୍ୟୁନିସିପାଲିଟି ସଭାପତି ରାଜକିଶୋର ଜେନା, ନୟାଗଡ଼ ବ୍ଲକ ସଭାପତି ହାସୀମ ଖାଁ, ନୂଆଗାଁ ବ୍ଲକ ସଭାପତି ଅଶୋକ କୁମାର ନାୟକ, ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ, ମହିଳା କଂଗ୍ରେସ ନେତ୍ରୀ ସୁଜାତା ନାଏକଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା, ଯୁବ ଛାତ୍ର ମହିଳା ନେତୃବୃନ୍ଦ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ତ୍ରୟୋଦଶ ପତ୍ରିକା ‘ଗୀତାଜ୍ଞାନାଞ୍ଜନ’ର ଲୋକାର୍ପଣ ଓ ପ୍ରତିଭାପୂଜନ ସମାରୋହ



ପାରାଦୀପ(ନିପ୍ର): ସେବା ଓ ଆଧ୍ୟାତ୍ମିକ ପ୍ରଚାର ପ୍ରସାର ଧର୍ମୀ ଅନୁଷ୍ଠାନ ‘ବ୍ୟାସ ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟ’ର ଷଷ୍ଠ ବାର୍ଷିକୋତ୍ସବ ଏବଂ ଆଧ୍ୟାତ୍ମିକ ପତ୍ରିକା ‘ଗୀତାଜ୍ଞାନାଞ୍ଜନ’ର ତ୍ରୟୋଦଶ ସଂସ୍କରଣ ଶୁଭୋନ୍ମୋଚନ ହେବା ସହ ବିବିଧ ପ୍ରତିଭାଧାରୀ ଙ୍କୁ ମଂଚାସନ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ମଧୁବନ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ସତ୍ୟସାଇ ସେବା ଅନୁଷ୍ଠାନର ରାଜ୍ୟନ୍ୟାସୀ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ବ୍ରହ୍ମ ଜଗନ୍ନାଥ ମିଶନ, ତାଳଦଣ୍ଡା ର ପ୍ରତିଷ୍ଠାତା ଡ଼.ସଞ୍ଜୀବ କୁମାର ମୁଦୁଲି, ମା ସାରଳା ମନ୍ଦିରର ମୁଖ୍ୟ ପୂଜକ ରଞ୍ଜନ କୁମାର ପଣ୍ଡା, ଅବସରପ୍ରାପ୍ତ ସିବିଆଇ ଆଇନ ପରାମର୍ଶଦାତା ଡ଼.କାଳୀ ଚରଣ ମିଶ୍ର, ଇଫକୋ ପାରାଦୀପର ଲୋକ ସମ୍ପର୍କ ଅଧିକାରୀ ଡ଼.ପ୍ରସନ୍ନ କୁମାର ବେଉରା, ଜିଲ୍ଲା ମୋ ଭାରତ ମିଶନ ର ଅଧିକାରୀ ନିଖିଲ କୋକୁଲ୍ଲା, ବ୍ୟାସ ବିଷ୍ଣୁ ସ୍ନେହାଳୟ ଭୂମିଦାତା ବିଷ୍ଣୁ ଚରଣ ସ୍ୱାଇଁ ତଥା ସଂଗଠନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ ମଂଚାସିନ ଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସଂଗଠନର ସଭାପତି ପଣ୍ଡିତ ଡକ୍ଟର ସିଦ୍ଧେଶ୍ୱର ପଣ୍ଡା ପରିଚାଳନା କରିଥିବା ବେଳେ ଅଧ୍ୟାପକ ପଣ୍ଡିତ ପ୍ରଶାନ୍ତ କୁମାର ଶତପଥୀ ପ୍ରାରମ୍ଭିକ ବେଦପାଠ କରିବା ସହ ଭାଗବତ ଗୀତାର ପଂଚଦଶ ଅଧ୍ୟାୟ ପାଠ କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ଅଧକ୍ଷା ଶ୍ରୀମତୀ ଆଚାର୍ଯ୍ୟ ସଂଗଠନ ର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ମଂଚାସିନ ଅତିଥି ମାନେ ବ୍ୟାସ ଫାଉଣ୍ଡେସନ ର ନିଃସ୍ୱାର୍ଥପର ସେବା କାର୍ଯ୍ୟକ୍ରମକୁ ଭୁୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ଆଦିଦେବ ଏଂଟରଟେନମେଂଟର ପ୍ରତିଷ୍ଠାତା ଡ଼.ବନ୍ଦିତା ସୁଭଦର୍ଶିନୀ ପଟ୍ଟନାୟକ ଙ୍କ ତତ୍ତ୍ୱାବଧାନରେ କୁନି କୁନି ଶିଶୁ କଳାକାର ମାନଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟାଭିନୟ ପ୍ରଦର୍ଶିତ ହୋଇଥିଲା, ଯାହା ଦର୍ଶକ ମାନଙ୍କୁ ଅଭିଭୂତ କରିଥିଲା । ପରେ ପରେ ବିବିଧ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାଧାରୀଙ୍କୁ ବ୍ୟାସ ସେବା, ବ୍ୟାସ ପ୍ରତିଭା, ବ୍ୟାସ ପୁତ୍ର ତଥା ସମାଜସେବୀ ରାକେଶ କୁମାର ପଟ୍ଟନାୟକ ଓ ତାଙ୍କ ସହଧର୍ମିଣୀ ଡ଼.ବନ୍ଦିତା ସୁଭଦର୍ଶିନ ଙ୍କୁ ଆଦର୍ଶ ଦମ୍ପତି, ଚକୋର-ଚକୋରୀ ସମ୍ମାନ ପ୍ରଦାନ କରାଯାଇଥିଲା କ୍ଷ ପରିଶେଷରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ବିବେକାନନ୍ଦ ହୋତା ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରମୋଦ କୁମାର କର, ଶିଶିର କୁମାର କର, ସଂଗ୍ରାମ ମନ୍ତ୍ରୀ, ଆକାଶ କୁମାର ପ୍ରଧାନ, ନଗେନ୍ଦ୍ର ନାଥ ସ୍ୱାଇଁଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇ ପାରିଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଶତାଧିକ ଆଧ୍ୟାତ୍ମିକ ପ୍ରେମୀ ବ୍ୟକ୍ତିବିଶେଷ ଯୋଗଦାନ କରିଥିଲେ ।

# ପୁରୀ ଗଲେ ୨୩୨ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ

ବାରିପଦା(ନିପ୍ର): ରାଜ୍ୟ ସରକାରଙ୍କ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ଆଜି ମୟୂରଭଞ୍ଜ ଜିଲ୍ଲାରୁ ୨୩୨ ଜଣ ବରିଷ୍ଠ ନାଗରିକ ପୁରୀ ଅଭିମୁଖେ ତୀର୍ଥଯାତ୍ରା କରିଛନ୍ତି । ଶହୀଦ ସ୍ମୃତି ଭବନ ନିକଟରୁ ଓଏସ୍ଆରଟିସିର ୭ଟି ଅତ୍ୟାଧୁନିକ ବିଳାସପୂର୍ଣ୍ଣ ବସ୍ ଯୋଗେ ତୀର୍ଥଯାତ୍ରୀମାନେ ପୁରୀ ଯାଇଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଛନ୍ତି । ସରକାରଙ୍କ ଏହି ଯୋଜନା ମାଧ୍ୟମରେ ବରିଷ୍ଠ ନାଗରିକମାନଙ୍କ ଜଗନ୍ନାଥ ଦର୍ଶନର ଅଧୁରା ସ୍ୱପ୍ନ ସାକାର ହେଉଛି ଏବଂ ଏହି ଆଧ୍ୟାତ୍ମିକ ଅନୁଭୂତି ତାଙ୍କ ଜୀବନକୁ ସାର୍ଥକ କରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ମତବ୍ୟକ୍ତ କରିଛନ୍ତି । ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା, ଜିଲ୍ଲା ସଂସ୍କୃତି ଅଧିକାରୀ ଶୁଭାଶିଷ ନାୟକ ଉପସ୍ଥିତ ରହି ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସୁଖମୟ ଓ ସୁରକ୍ଷିତ ଯାତ୍ରା କାମନା କରିଛନ୍ତି । ତୀର୍ଥଯାତ୍ରୀମାନଙ୍କ ସୁରକ୍ଷିତ ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସହାୟକ ଅଧିକାରୀ ଭାବେ ଦେବବ୍ରତ ମିଶ୍ର, ତନ୍ମୟ ଦାସ, ରୁଦ୍ର କିଶୋର ସ୍ୱାଇଁ, ବିନୟ କୁମାର ସି, ଏମ୍. ମହେନ୍ଦ୍ର ସୋରେନ ଓ କାରୁ ମାରାଣ୍ଡି ପ୍ରମୁଖ ଯାତ୍ରାରେ ସାମିଲ ହୋଇଛନ୍ତି । ଯାତ୍ରା ପୂର୍ବରୁ ବାରିପଦା ଷ୍ଟାଡିୟମରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ବିଶେଷଜ୍ଞ ଡାକ୍ତରମାନେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନଙ୍କୁ ଯାତ୍ରା ପାଇଁ ଫିଟ୍ ଘୋଷଣା କରିଥିଲେ । ଜିଲ୍ଲା ପର୍ଯ୍ୟଟନ ବିକାଶ ଅଧିକାରୀ ହିମାଂଶୁ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଜିଲ୍ଲାପାଳଙ୍କ ଆହ୍ୱାନ କ୍ରମେ ଗାଁ ମୁଣ୍ଡରୁ ସ୍ୱଚ୍ଛତା ଅଭିଯାନ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଆହ୍ୱାନ କ୍ରମେ ନୂତନ ଜଣ ଜାଗରଣ ଅଭିଜାନ ଆରମ୍ଭ କରିଛନ୍ତି । ସ୍ୱଚ୍ଛତା ପ୍ରତ୍ୟେକ ନାଗରିକଙ୍କ ଜନ୍ମ ଗତ କର୍ତବ୍ୟ ହୋଇଥିବା ବେଳେ ‘ଗାଁ ମୁଣ୍ଡରୁ ସ୍ୱଚ୍ଛତା ଅଭିଯାନ’ ଆରମ୍ଭ କରିଛନ୍ତି । ତେଣୁ ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ୱାର୍ଡ ମୁଣ୍ଡରୁ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରିଛନ୍ତି । ଆଜି ଖଡିଆଳ ଏନ୍ ଏ ସି ର ୱାର୍ଡ ନମ୍ବର୍ ୧ ମିଶନ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ଏବଂ ୩୫୩ ନମ୍ବର୍ ଜାତୀୟ ରାଜପଥ ଉଭୟ ପାର୍ଶ୍ୱ ରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଖଡିଆଳ ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା ଯୋଗ ଦେଇ ନିଜେ ସୁରକ୍ଷିତ ରହି ଅଭିଯାନ କୁ ଜନଜାଗରଣ ରେ ପରିଣତ କରିବାକୁ ଆହ୍ୱାନ କରିଥିଲେ । ପ୍ରତ୍ୟେକ ଶନିବାର ଦିନ ସମସ୍ତ କର୍ମଚାରୀ, ବିଦ୍ୟାଳୟ, ସ୍କୁଲ କଲେଜ୍ ଛାତ୍ର ଛାତ୍ରୀ ମାନେ ନିଜ ଅଂଚଳ ରେ ସଫେଇ କାର୍ଯ୍ୟ ହାତକୁ ନେଇ ‘ନିଜ ପରିବେଶ ନିଜ ହାତରେ, ସ୍ୱଚ୍ଛତା କରିବା ନିଜ ବାଟରେ’ ସ୍ଲୋଗାନ ଦେଇଥିଲେ । ସ୍ୱଚ୍ଛ ସୁପରଭାଇଜର ମମତା ମଞ୍ଜରୀ ଥାପା ମଧ ଯୋଗ ଦେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କର୍ମଚାରୀ ମାନେ ଯୋଗ ଦେଇଥିଲେ । ସେନିଟେସନ୍ ଇଯାର ତାଣ୍ଡି, ସ୍ୱଚ୍ଛ ଏସ୍କପଡ ରାଜୀବ ଏବଂ ମହିଳା ଗୋଷ୍ଠୀମାନେ ଯୋଗ ଦେଇଥିଲ ।

## AFFIDAVIT

By virtue of an affidavit sworn before Notary Public, Soro, Balaosre, Odisha dated 24.02.2026, I, Rashmita Mahakud, aged 42 years, W/o- Manoranjan Mahakud of Village- Khunta, Po- Manipur, Ps- Soro, Dist- Balasore declare that my Aadhar Card and PAN Card where my correct name has been prepared as Rasmita Mahakud. But in my RPLI where my name has prepared as Sanjulata Mohakud. Rasmita Mahakud and Sanjulata Mohakud is one and same lady who is myself. Now I want to prove my name as Rasmita Mahakud in every manner and correct the above name in the RPLI Bond mentioning the name as Rasmita Mahakud.

Sd/-
Rasmita Mahakud

No. 34001/201/2526

**OFFICE OF THE SUPERINTENDING ENGINEER**
BALASORE (ROADS & BUILDINGS ) DIVISION-II
**AT/PO- BHASKARGANJ , BALASORE**

CONTACT NO :- 06782-263149
**E Mail ID :- eepwdbls2@gmail.com**

**SHORT TENDER CALL NOTICE**

**BID INVITATION NO. SE (R and B) BLS-II- 37/ 2025-26**

**No.** **dt.**

| | | | |
|---|---|---|---|
| 1 | The Superintending Engineer , Balasore (R & B) Division-II , Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for Roads & Buildings works . | | |
| 2 | No. of Work | : | 6 Nos. |
| 3 | Nature of work : | : | Electrical Work |
| 4 | Class of Contractor : | : | **" "MV" Class of Contractor** |
| 5 | Approx. value of work | : | **Rs. 9.90 Lakhs to Rs.22.39 Lakhs** |
| 6 | Tender Cost. : . | : | Rs4000.00 of ( Sl. No.-3) and Rs. 6000.00 of (Sl No. 1,2,4,5,6) |
| 7 | Availability of Bid Documents in the website : | : | From 10.00 Hours of 17.03.2026 to 16.00 Hours of 26.03.2026 |
| 8 | Date of Opening of Bid : | : | Dt. 26.03.2026 at 16.30 Hours. |
| 9 | Other details can be seen in the Bidding documents from the website : https://tendersorissa.gov.in. | | |

OIPR. 34001/34155/1/25-26/0021

Sd/-
Superintending Engineer,
Balasore (R&B) Division-II





ଭାବପ୍ରବଣତା ଲୋପ ପାଇଲେ ଜୀବନଟା ରସଶୂନ୍ୟ ଓ ସ୍ୱାଦହୀନ ହୋଇପଡ଼େ ।

# ଆଜିକାଲି



ଯୋଗସ୍ଥ କୁରୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଧନଞ୍ଜୟ ।
ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ :ହେ ଧନଞ୍ଜୟ ! ତୁମେ ଆସକ୍ତି ତ୍ୟାଗ କରି କର୍ମ କର । ସିଦ୍ଧି ଓ ଅସିଦ୍ଧିରେ ସମାନ ବୁଦ୍ଧି ରଖ ଯୋଗସ୍ଥ ହୋଇ କର୍ତ୍ତବ୍ୟ କର୍ମ କର । ଏହା ସମଜ୍ଞାନ । ଏହି ସମତ୍ୱକୁ ହିଁ ଯୋଗ କୁହାଯାଏ ।

## ପାନୀୟ ଜଳ ସମସ୍ୟା

ରାଜ୍ୟର ତାପମାତ୍ରା ଦିନକୁ ଦିନ ବଢୁଛି । ଦିନ ବେଳେ ପ୍ରଖର ଖରା ଏବଂ ଗୁଳୁଗୁଳି ମଧ୍ୟ କ୍ରମଶଃ ବଢୁଛି । ଏପରିକି ପାଣିପାଗ ବିଭାଗ ତରଫରୁ କୁହାଯାଉଛି ଯେ ପାରଦ ୪୦କୁ ଛୁଇଁପାରେ । ଗୋଟିଏ ପଟେ ତାତି ବୃଦ୍ଧି ସାଙ୍ଗକୁ ରାଜ୍ୟର ବିଭିନ୍ନ ସ୍ଥାନରେ ପିଇବା ପାଣିର ଅଭାବ ହେବା ଅଭିଯୋଗ ଆସୁଛି । ଏପରିକି ନଈ, କେନାଲ ଗୁଡ଼ିକ କ୍ରମଶଃ ଶୁଖି ଯାଉଛି । ରାଜ୍ୟର ପାଣି ସମସ୍ୟା ନୂଆ ନୁହେଁ । ପ୍ରତିବର୍ଷ ବିଭିନ୍ନ ଜିଲ୍ଲାରେ ପାନୀୟ ଜଳକୁ ନେଇ ଲୋକେ ସ୍ଥାନୀୟ ପ୍ରଶାସକଙ୍କୁ ଘେରିଥିବା ନଜୀର ରହିଛି । ଅବଶ୍ୟ କେତେକ ଜିଲ୍ଲାରେ ଇତି ମଧ୍ୟରେ ପାନୀୟ ଜଳ ବ୍ୟବସ୍ଥା କିଛିଟା ପୂରଣ କରିଛନ୍ତି । ତଥାପି ଗତ ୨ ସପ୍ତାହ ହେଲା ପିଇବା ପାଣିକୁ ନେଇ ବିଭିନ୍ନ ଅଂଚଳରେ ଉତେଜନା ପ୍ରକାଶ ପାଉଛି । ଏପରିକି କେତେକ ସ୍ଥାନରେ ଗ୍ରାମବାସୀ ପିଇବା ପାଣି ପାଇଁ ୧ କିମିରୁ ଅଧିକ ସ୍ଥାନକୁ ଯାଉଛନ୍ତି । ଅପରପକ୍ଷେ ରାଜ୍ୟ ସରକାରଙ୍କ ପକ୍ଷରୁ ପିଇବା ପାଣି ଅଭାବକୁ ପୂରଣ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଅଚଳ ହୋଇଥିବା ଗ୍ରାମାଂଚଳ ଓ ସହରାଂଚଳରେ ନଳକୂପ ଗୁଡ଼ିକୁ ମରାମତି କରି ଦିଆଯାଇଛି । ତଥାପି ଏହା ସତ୍ୱେ ଗ୍ରୀଷ୍ମଋତୁରେ କିପରି ପାନୀୟ ଜଳକଷ୍ଟ ଦୂର ହେବ ତାହା ଏବେଠୁ କହି ହେବ ନାହିଁ । ବହୁ ସ୍ଥାନରେ ମଧ୍ୟ ଲୋକେ ପୋଖରୀର ପାଣି ଉପରେ ପିଇବା ପାଣି ବ୍ୟବହାର କରୁଛନ୍ତି । କିନ୍ତୁ ରାଜ୍ୟ ସରକାର ଗତ ୧୫ ବର୍ଷ ଧରି ପାନୀୟ ଜଳ ବ୍ୟବସ୍ଥାକୁ ପୂର୍ବାପେକ୍ଷା ଅଧିକ ସଚଳ କରାଇଛନ୍ତି । ପିଇବା ପାଣି ଉପରେ ରାଜ୍ୟ ବିଧାନସଭାରେ ବିରୋଧି ଦଳ ପକ୍ଷରୁ ସରକାରଙ୍କୁ ସମାଲୋଚନା କରି ଆସୁଛନ୍ତି । ଅବଶ୍ୟ ରାଜ୍ୟର ପୌରାଂଚଳ ଏବଂ ଏନ୍ଏସିରେ ପାନୀୟ ଜଳ ଯୋଗାଣ ଜାରୀ ରହିଛି । ଯଦି ପାରଦ ବଢ଼ିବ ଓ ନଈ, ନାଳ ସଂପୂର୍ଣ୍ଣ ଶୁଖିଯିବ ସେତେବେଳେ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ କି ପ୍ରଭାବ ପଡ଼ିବ ତାହା ସମୟ ହିଁ କହିବ

## ଲୋକରତ୍ନ କୁଞ୍ଜବିହାରୀ ଦାଶ

◆ ଡ଼ଃ.ଅରୁନ୍ଧତୀ ଦେବୀ



ଲୋକରତ୍ନ କୁଞ୍ଜବିହାରୀ ଦାଶ ଏକଧାରରେ ଜଣେ ଗବେଷକ, ଶିକ୍ଷାବିତ୍ ଓ ସାହିତ୍ୟିକ ଥିଲେ । ପୁରୀ ଜିଲ୍ଲା ନିମାପଡ଼ା ଥାନା ଅନ୍ତର୍ଗତ ରେଞ୍ଜ ଶାସନରେ ତାଙ୍କର ଜନ୍ମ । ଆର୍ଥିକ ପ୍ରତିବନ୍ଧ ସତ୍ୱେ ସେ ଉଚ୍ଚଶିକ୍ଷା ଲାଭ କରିଥିଲେ । ହାଇସ୍କୁଲ ଶିକ୍ଷକ ଭାବେ ବୃତିଗତ ଜୀବନ ଆରମ୍ଭ କରି, ପରବର୍ତ୍ତୀ ସମୟରେ ବିଶ୍ୱବିଦ୍ୟାଳୟର ପ୍ରଫେସର ହୋଇ ପାରିଥିଲେ । ଓଡ଼ିଆ ଲୋକ ଗୀତ ଓ କାହାଣୀ ଉପରେ ଗବେଷଣା କରି ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଲାଭ କରିଥିଲେ । ସେ ଅନେକ କାବ୍ୟ କବିତା, ଉପନ୍ୟାସ, ଭ୍ରମଣ କାହାଣୀ, ଲୋକ ଗଳ୍ପ, ଢ଼ଗଢ଼ମାଳିର ରଚୟିତା । ତାଙ୍କର ପ୍ରଥମ କାବ୍ୟ ଲାବଣ୍ୟ କୁସୁମ । ଆମେରିକାରୁ ୟୁରୋପ ଆଫ୍ରିକା ଭ୍ରମଣ କାହାଣୀ ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଏବଂ ଆତ୍ମଚରିତ ମୋ କାହାଣୀ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ । ଲୋକ ସାହିତ୍ୟରେ ଉଲ୍ଲେଖନୀୟ ଗବେଷଣା ପାଇଁ କଲକାତା ଏକାଡ଼େମୀ ଅଫ୍ ଫୋକଲୋର ପକ୍ଷରୁ ତାଙ୍କୁ ଲୋକରତ୍ନ ଉପାଧିରେ ସମ୍ମାନିତ କରାଯାଇଥିଲା । ବ୍ୟକ୍ତିଗତ ଜୀବନରେ କୁଞ୍ଜବିହାରୀ ଥିଲେ ଅତ୍ୟନ୍ତ ସରଳ, ଅମାୟିକ ଓ ନିଷ୍କପଟ ମଣିଷ । କାହା ବିରୋଧରେ ଅଭିଯୋଗ ନଥିଲା ବା କିଛି ନ ପାଇବାର ହତାଶାଭାବ ତାଙ୍କୁ ଘାରୁ ନଥିଲା । ସହରୀ ଜୀବନ କଟାଉଥିଲେ ବି ସେ ଥିଲେ ଗାଁ ପ୍ରିୟ ମଣିଷ । ପିଲାଙ୍କ ଠାରୁ ବୁଢ଼ାଙ୍କ ଯାଏ ସମସ୍ତଙ୍କ ସହ ଥଟ୍ଟା ତାମସା, ଗପସପ, ଟାହିଟାପରାରେ ତାଙ୍କ ସମୟ ବିତୁଥିଲା । କଥା କଥାକେ ତାଙ୍କ ପାଟିରୁ ଢ଼ଗ-ଢ଼ମାଳି ବାହାରୁଥିଲା । ୧୯୯୪ ମାର୍ଚ୍ଚ ୧୪ ତାରିଖ ଦିନରେ ଏହି ସ୍ୱାଭିମାନୀ ଓଡ଼ିଆଙ୍କ ପରଲୋକ ହୋଇଥିଲା ।

## ଆନ୍ତର୍ଜାତିକ ନଦୀ ସୁରକ୍ଷା ଦିବସ

# ନଦୀ : ମାନବ ସମାଜ ପାଇଁ ଜୀବନରେଖା

◆ ଶ୍ୟାମ ସୁନ୍ଦର ସାମଲ



ନଦୀ ମାନବ ସମାଜ ପାଇ ଜୀବନରେଖାର ଭୂମିକା ନିର୍ବାହ କରିଆସିଛି । ମନୁଷ୍ୟକୁ ଜଳ ଯୋଗାଇ ଦେବା ସହ ଜୈବ ବିବିଧତା ସଂରକ୍ଷଣ, କୃଷି କାର୍ଯ୍ୟରେ ସହାୟତା କରିଆସିଛି ନଦୀ । ମାନବ ସଭ୍ୟତା ଗଢ଼ି ଉଠିବା ଦିନ ଠାରୁ ନଦୀ ଏକ ଉପକାରୀ ପ୍ରାକୃତିକ ଜଳ ଉତ୍ସ ଭାବେ ସର୍ବଦା ମଣିଷକୁ ସହାୟତା ଯୋଗାଇ ଆସିଛି । ନଦୀ ଉପତ୍ୟାକାରେ ଅନେକ ସମୃଦ୍ଧ ସଭ୍ୟତା ଗଢ଼ି ଉଠିଥିବା ଇତିହାସରେ ବର୍ଣ୍ଣିତ । ହେଲେ ବର୍ତ୍ତମାନ ନଦୀ ଜଳର ଅପବ୍ୟବହାର କରାଯାଉଛି । ଶିଳ୍ପାୟନ ଯୋଗୁଁ ନଦୀ ଜଳ ଦୂଷିତ ହେବା ସହ ଅପଚୟ ହେଉଛି । ନଦୀ ଜଳକୁ ଶିଳ୍ପ କାର୍ଯ୍ୟରେ ବ୍ୟବହାର କରାଯାଇଥିବା ବେଳେ ଏହାର ସଂରକ୍ଷଣ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଉନାହିଁ । ସେହିପରି ବିଦ୍ୟୁତ୍ ଉତ୍ପାଦନ, ଜଳସେଚନ ପାଇଁ ବଡ଼ ବଡ଼ ଡ୍ୟାମ୍ ନିର୍ମାଣ କରାଯାଉଛି । ନଦୀର ଗତିପଥ ବଦଳା ଯାଉଛି । ଏଥିଯୋଗୁଁ ମରୁଡ଼ି, ବନ୍ୟା, ଭଳି ପରିସ୍ଥିତି ସୃଷ୍ଟି ହେଉଛି । କେବଳ ଭାରତୀୟ ଜନଜୀବନ ନୁହେଁ ସମଗ୍ର ପୃଥିବୀର ମୁଖ୍ୟ ଜୀବନ ଜୀବିକାର ଅବଲମ୍ବନ କ୍ଷେତ୍ର ହେଉଛି ପ୍ରମୁଖ ନଦୀ । ଇତିହାସ ପୃଷ୍ଠାରେ ଦେଖାଯାଇଛି ମାନବ ସଭ୍ୟତା ପ୍ରତିଷ୍ଠା ହୋଇଥିବା ବେଳେ ସେମାନେ ସର୍ବପ୍ରଥମେ ନିଜ ଦୈନନ୍ଦିନ ଜୀବନଯାପନ ପାଇଁ ନଦୀକୂଳକୁ ଗୁରୁତ୍ୱ ଦେଉଥିଲେ । ଐତିହାସିକ ମାନେ ବିଭିନ୍ନ ପ୍ରାମାଣିକ ଭାବରେ ଏସବୁ ଉଲ୍ଲେଖ କରିଛନ୍ତି । ଆଜି ଭାରତର ପ୍ରମୁଖ ନଦୀମାନେ ନିଜର ଗତିପଥକୁ ବାଧାବିଘ୍ନତାର ସହିତ ସମ୍ମୁଖୀନ ହେଉଛନ୍ତି । ଦିନକୁ ଦିନ ମନୁଷ୍ୟକୃତ କୁଢ଼ କୁଢ଼ ବିଭିନ୍ନ ଆବର୍ଜନା ନଦୀ ଜଳକୁ ଭୟଙ୍କର ଭାବେ ପ୍ରଦୂଷିତ ସହ ଏହାର ଗଭୀରତାକୁ କ୍ଷତବିକ୍ଷତ କରୁଛନ୍ତି । ଭାରତର ବିଶିଷ୍ଟ ଜନନାୟକ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ତାଙ୍କ ଶାସନ ସମୟରେ ଭାରତରେ ନଦୀ ସଂଯୋଗୀକରଣ ଯୋଜନାକୁ ଗୁରୁତ୍ୱ ଦେଇ ଏକ ବହୁତ ବଡ଼ ପଦକ୍ଷେପ ହାତକୁ ନେଇଥିଲେ ଯାହାକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗଙ୍ଗା ସଫେଇ ଅଭିଯାନ ଏକ ଦୃଷ୍ଟାନ୍ତମୂଳକ ଯୋଜନା କହିଲେ ଅତ୍ୟୁକ୍ତି ହେବନାହିଁ । ନଦୀଜଳ ମନୁଷ୍ୟର ପାନୀୟର ମୁଖ୍ୟ ଅବଲମ୍ବନ ହେବା ସହ କୃଷି କାର୍ଯ୍ୟ, ବିଭିନ୍ନ ବ୍ୟବସାୟ ବିପଣନ, ଗୃହପାଳିତ ପଶୁପକ୍ଷୀଙ୍କ ମୁଖ୍ୟ ଆଧାର ଏହିପରି ବିଭିନ୍ନ ଭାବରେ ଆମ ମାନଙ୍କୁ ପରିତୃପ୍ତି ଦେଇଥାନ୍ତି । କିନ୍ତୁ ଘୋର ଦୁଃଖର ପ୍ରସଙ୍ଗ ହେଉଛି ଯେଉଁ ନଦୀ ଆମ ମାନଙ୍କୁ ପିଇବା ପାଣି ଦେଉଛି ଆମ୍ଭମାନଙ୍କୁ ଚାଷର କ୍ଷେତକୁ ସୁଜଳା ସୁଫଳା କରୁଛି ଆମେ ସେହି ନଦୀଜଳକୁ ପ୍ରଦୂଷିତ କରିବାରେ ପଛାଉ ନାହିଁ । ଭାରତର ଅନେକ ପ୍ରମୁଖ ସହର ଏହି ନଦୀ ତଟରେ ଗଢ଼ି ଉଠିଛି । ମୁମ୍ବାଇ କୁହନ୍ତୁ ବା ନୂଆଦିଲ୍ଲୀ, କାନପୁର କୁହନ୍ତୁ ବା ଆହ୍ଲାବାଦ, ହରିଦ୍ୱାରା, ଋଷିକେଶ ଏପରିକି ହଜାର ବର୍ଷର ସହର ଭାବରେ ପରିଚିତ କଟକର ଦୁଇପଟେ ରାଜ୍ୟର ପ୍ରମୁଖ ନଦୀ ମହାନଦୀ ଓ କାଠଯୋଡ଼ି ବୋହି ଯାଇଛି । ନଦୀଠାରୁ ଆମେ ଏତେ ଉପକାର ପାଇ ମଧ୍ୟ ଆମ କାଳକାରଖାନାର ସମସ୍ତ ବର୍ଜ୍ୟବସ୍ତୁକୁ ନଦୀ ଜଳ ଭିତରକୁ ଛାଡ଼ି ଦେଉଛୁ ଯାହାଦ୍ୱାରା କଳକାରଖାନାର ଭୟଙ୍କର ବର୍ଜ୍ୟ ସମାଗ୍ରୀ ନଦୀଜଳକୁ ଭୟଙ୍କର ଭାବରେ ପ୍ରଦୂଷିତ କରି ଏହା ପ୍ରକାରାନ୍ତରେ ଆମ ପାଇଁ କ୍ଷତିକାରକ ସାଜିଛି । କେବଳ ସହରାଂଚଳ ନୁହେଁ ଭାରତର ଗ୍ରାମ୍ୟ ଜନଜୀବନ ମଧ୍ୟ ଏହି ନଦୀର ଅବବାହିକାର ସ୍ମୃତିକୁ ନେଇ ଗଢ଼ି ଉଠିଛି । ସଂପ୍ରତି ବିଶ୍ୱର ବଡ଼ ବଡ଼ ଶକ୍ତିଶାଳୀ ଦେଶମାନେ ନିଜ ନିଜ ଦେଶର ନଦୀର ସୁରକ୍ଷା ଓ ଗଭୀର ଖନନ ପାଇଁ ଅନେକ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି । କେବଳ ସେତିକି ନୁହେଁ ଦିନ ଥିଲା ବିଭିନ୍ନ ନଦୀରେ ଡଙ୍ଗା ଚାଳନା କରି ଲୋକମାନେ ଯାଆସ କରିବା ସହ ନିଜ ଜିନିଷପତ୍ର ମଧ୍ୟ ପରିବହନ କରୁଥିଲେ । ସଡ଼କର ବିକାଶ ନ ହୋଇଥିବା ସମୟରେ ଆନ୍ତଃ ନଦୀ ପରିବହନ ବ୍ୟବସ୍ଥା ଥିଲା ମୁଖ୍ୟ ଯୋଗାଯୋଗର ମାଧ୍ୟମ । ଭାରତର ଗଙ୍ଗା, ଯମୁନା, ବ୍ରହ୍ମପୁତ୍ର, ମହାନଦୀ, ଗୋଦାବରୀ, କ୍ରିଷ୍ଣା, କାବେରୀ ପ୍ରଭୃତି ନଦୀମାନେ କେତେକ କ୍ଷେତ୍ରରେ ନିଜ ଗତିପଥ ବଦଳାଇବା ପାଇଁ ବାଧ ହୋଇଛନ୍ତି । କେତେକ ଘଟଣା ପାଇଁ ଆମ ପରିପାର୍ଶ୍ୱର ଭୌଗୋଳିକ ପରିସ୍ଥିତି ଦାୟୀ କିନ୍ତୁ ଆଉ କିଛି ଘଟଣା ପାଇଁ ଏହା ମନୁଷ୍ୟକୃତ ତ୍ରୁଟି । ଶାସ୍ତ୍ରରେ ନଦୀମାନଙ୍କୁ ଦିବ୍ୟ ଜନନୀ ଭାବରେ ପୂଜା କରାଯାଇ ସେମାନଙ୍କ ପ୍ରତି ସମ୍ମାନ ଜଣାଯାଇଛି । ଆଜି ପର୍ଯ୍ୟନ୍ତ ଆହ୍ଲାବାଦର ବିଭିନ୍ନ ଘାଟରେ ଗଙ୍ଗା ଆରତୀ ଯେଉଁମାନେ ଦେଖିଥିବେ ବା ହରିଦ୍ୱାରରେ ଗଙ୍ଗା ପୂଜନ ମହା ଆଳତୀ ଦର୍ଶନର ଯେଉଁମାନେ ସୁଯୋଗ ପାଇଥିବେ ସେମାନେ ଜାଣିଥିବେ ଯେ ନଦୀକୁ ଆମ ପୂର୍ବଜମାନେ କେତେ ସମ୍ମାନର ସ୍ଥାନ ଦେଉଥିଲେ । ନଦୀର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୧୪ ତାରିଖକୁ ଆନ୍ତର୍ଜାତିକ ନଦୀ ସୁରକ୍ଷା ଦିବସ ବା 'ଇଂଟରନ୍ୟାସନାଲ ଡେ ଅଫ୍ ଆକ୍ସନ୍ ଫର ରିଭର୍ସ୍' ଭାବେ ପାଳିତ ହୋଇଥାଏ । ଏହି ଅବସରରେ ବିଭିନ୍ନ ରାଷ୍ଟ୍ରରେ ଶୋଭାଯାତ୍ରା, ସଚେତନତା କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଥାଏ ।

*ବିଡ଼ାନାସୀ ବନ୍ଧଛକ, କଟକ,*
*୯୭୭୮୬୩୫୯୨୬*

# ଆଲବର୍ଟ ଆଇନଷ୍ଟାଇନ୍ : ଆଧୁନିକ ପଦାର୍ଥ ବିଜ୍ଞାନର ଜନକ

◆ ଡକ୍ଟର ରାଜକିଶୋର ମିଶ୍ର



## ଜନ୍ମ ଦିବସ ଉପଲକ୍ଷେ

ଆଲବର୍ଟ ଆଇନ୍ଷ୍ଟାଇନ୍ଙ୍କୁ ଆଧୁନିକ ପଦାର୍ଥ ବିଜ୍ଞାନର ଜନକ କୁହାଯାଇଥାଏ । ସେ ସୈଦ୍ଧାତିକ ଭୌତିକ ବିଜ୍ଞାନ, ବିଶେଷତଃ ଆଲୋକ ବିଦ୍ୟୁତ୍ ବିକିରଣର ସନ୍ଧାନ ପାଇଁ ୧୯୨୧ ମସିହାରେ ନୋବେଲ ପୁରସ୍କାର ପାଇ ଥିଲେ । ପଦାର୍ଥ ବିଜ୍ଞାନ ଗବେଷଣା କ୍ଷେତ୍ରରେ ତାଙ୍କର ମହତ୍ୱପୂର୍ଣ୍ଣ ଅବଦାନ ରହିଛି । ଆଇନ୍ଷ୍ଟାଇନ୍ ମୁଖ୍ୟତଃ ଆପେକ୍ଷିକ ତତ୍ୱ ଏବଂ ବସ୍ତୁତ୍ୱ ଶକ୍ତି ସମୀକରଣ 'ଇ=ଏମ୍ସି ସ୍କୋୟାର୍' ଥିଓରୀର ଉଦ୍ଭାବନ ପାଇଁ ଜଣାଶୁଣା । ଏହାବ୍ୟତୀତ ସାଧାରଣ ଆପେକ୍ଷିକ ତତ୍ୱ, ବିଶେଷ ଆପେକ୍ଷିକ ତତ୍ୱ, ବିଦ୍ୟୁତ୍ ଚୁମ୍ବକୀୟ ପ୍ରଭାବ, ବସ୍ତୁତ୍ୱ ଶକ୍ତି ସମୀକରଣ, ବ୍ରାଉନିଆନ୍ ଗତି ତତ୍ୱ, ଆଇନ୍ଷ୍ଟାଇନ୍ ସମୀକରଣ, ବୋଷ ଆଇନଷ୍ଟାଇନ୍ ପରିସଂଖ୍ୟାନ, ୟୁନିଫାଏଡ୍ ଫିଲ୍ଡ ଥିଓରୀ, ଇପିଆର୍ ପାରାଡକ୍ସ ଆଦି ସିଦ୍ଧାନ୍ତର ଉଦ୍ଭାବନ କରିଥିଲେ । ଆଇନ୍ଷ୍ଟାଇନ୍ ୫୦ରୁ ଅଧିକ ବିଜ୍ଞାନ ଗବେଷରା ପତ୍ର ଓ ପୁସ୍ତକ ଲେଖିଯାଇଛନ୍ତି । ତାଙ୍କୁ ସର୍ବକାଳୀନ ଶ୍ରେଷ୍ଠ ବୈଜ୍ଞାନିକ ଭାବେ ବିବେଚନା କରାଯାଇ ଥାଏ । ତାଙ୍କର ପ୍ରଖର ବୁଦ୍ଧିମତା ଅତୁଳନୀୟ । ୧୪ ମାର୍ଚ୍ଚ ୧୮୭୯ରେ ଜର୍ମାନୀର ବୁଟେମ୍ବର୍ଗର ଏକ ଇହୁଦୀ ପରିବାରରେ ଆଇନ୍ଷ୍ଟାଇନ୍ ଜନ୍ମ ଗ୍ରହଣ କରିଥିଲେ । ପିଲାବେଳେ ଠିକ୍ ଭାବେ କଥା କହିପାରୁନଥିବା ଆଇନ୍ଷ୍ଟାଇନ୍ ଜଣେ ମେଧାବୀ ଛାତ୍ର ଥିଲେ । ପିଲାଟି ଦିନରୁ ଆଇନଷ୍ଟାଇନ୍ ସର୍ବଦା ନିଃସଙ୍ଗତାକୁ ଭଲ ପାଉଥିଲେ । ଏବଂ ଅନେକ ସମୟ ସିଏ ବଡ଼ଲୋକଙ୍କ ପରି କିଛି ଚିନ୍ତା କରୁଥିବା ପରି ତାଙ୍କ ଆଚରଣ ବାହାରକୁ ପ୍ରଦର୍ଶିତ ହେଉଥିଲା । ତେବେ ଆଇନଷ୍ଟାଇନ୍ଙ୍କର ପିତା ଜଣେ ଇଞ୍ଜିନିୟର ଥିବାରୁ ସେ ଚାହୁଁଥିଲେ ତାଙ୍କ ପୁଅଟି ଜଣେ ଦକ୍ଷ ଇଞ୍ଜିନିୟର ହେଉ । ତେବେ ତାଙ୍କୁ ପନ୍ଦର ବର୍ଷ ବୟସ ହେବାପୂର୍ବରୁ ସେ ସକ୍ରେଟିସ୍, ଇଉକ୍ଲିଡ୍, ନିଉଟନ୍, ସିନୋଜା, ବିଥୋଭେନ୍, ହେନ୍ ମେ କାଟ୍ ପ୍ରଭୃତି ମହାମନୀଷୀଙ୍କର ରଚିତ ଗ୍ରନ୍ଥସବୁ ଅଧ୍ୟନ କରିଥିଲେ । ଏତେ ପଢୁଥିଲେ ମଧ୍ୟ ବେଳେ ବେଳେ ସେ ପରୀକ୍ଷାରେ ଅକୃତକାର୍ଯ୍ୟ ହେଉଥିଲେ । ସେ ଥରକରେ ମାଟ୍ରିକ୍ୟୁଲେସନ ପାଶ୍ କରିପାରି ନଥିଲେ । କିନ୍ତୁ ତାଙ୍କର ମନୋବଳ କେବେ ବି ଭାଙ୍ଗିପଡୁ ନଥିଲା । ବହୁ ପୁସ୍ତକ ଅଧ୍ୟୟନକୁ ସେ ତାଙ୍କର ଜୀବନର ଲକ୍ଷ୍ୟ ବୋଲି ଧରିନେଇଥିଲେ । ପିଲାଦିନରୁ ପଦାର୍ଥ ବିଜ୍ଞାନ ଓ ଗଣିତ ଶାସ୍ତ୍ର ପ୍ରତି ବିଶ୍ୱର ଆଇନ୍ଷ୍ଟାଇନ୍ଙ୍କର ଦୁର୍ବଳତା ରହିଥିଲା ତେବେ ଜୀବିକାର୍ଜନ ପାଇଁ କୌଣସି ମତେ ଶିକ୍ଷକତା କରି ନିଜ ଦାୟିତ୍ୱ ତୁଲାଇବା ପାଇଁ ସେ ସ୍ଥିର କଲେ । ମାନ-ସମ୍ମାନ, ଖ୍ୟାତି-କ୍ଷମତା ଠାରୁ ଦୂରରେ ରହି ଏହି ନିରଳସ ନୀରବ ଗବେଷକ ଦୀର୍ଘ ଛବିଶ ବର୍ଷ ତାଙ୍କର ଗବେଷଣା ଚଳାଇ ୧୯୦୫ ଖ୍ରୀଷ୍ଟାବ୍ଦଠାରୁ ପଦାର୍ଥବିଜ୍ଞାନ ସମ୍ପର୍କରେ ତାଙ୍କର ସନ୍ଦର୍ଭମାନ ପ୍ରକାଶ କରିବାକୁ ଲାଗିଲେ । ତାଙ୍କର ବିଶେଷ ଆପେକ୍ଷିକ ତତ୍ୱ ତାଙ୍କୁ ସମଗ୍ର ଜଗତ୍ରେ ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଇନ୍ଷ୍ଟାଇନ୍ ରୂପେ ପରିଚିତ କରାଇଲା । ବିଶ୍ୱବାସୀଙ୍କର ଶ୍ରଦ୍ଧାଞ୍ଜଳି ତାଙ୍କରି ପାଦତଳେ ଅଜାଡ଼ି ହୋଇପଡ଼ିଲା । ୧୯୦୯ ରେ ଜୁରିଚ୍ ବିଶ୍ୱବିଦ୍ୟାଳୟର ପଦାର୍ଥବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକରୂପେ ସେ ଯୋଗଦାନ କଲେ । ୧୯୨୧ ଖ୍ରୀଷ୍ଟାବ୍ଦରେ ସେ ବ୍ରିଟିଶ ରୟାଲ୍ ସୋସାଇଟିର ସଭ୍ୟରୂପେ ନିର୍ବାଚିତ ହେଲେ ଓ ୧୯୨୨ ମସିହାରେ ନୋବେଲ ପୁରସ୍କାର ଲାଭ କଲେ । ଦେଶ ବିଦେଶରେ ଏହି ବିଶ୍ୱବରେଣ୍ୟ ବୈଜ୍ଞାନିକଙ୍କର ସାଧନା ଓ ପ୍ରତିଭାର ସମ୍ବାଦ ପ୍ରଚାରିତ ହେଲା । ୧୯୨୧ ମସିହାରେ ସେ ନୋବେଲ ପୁରସ୍କାର ମିଳିଥିବା ୧ଲକ୍ଷ ୯୨ ହଜାର ଟଙ୍କାକୁ ଦାନ କରି ଦେଇଥିଲେ । ସକ୍ରେଟିସ୍ଙ୍କ ପରି ତାଙ୍କର କିଛି ହେଲେ ଆବଶ୍ୟକ ନଥିଲା । ସତ୍ୟାନୁସନ୍ଧାନ ବ୍ୟତୀତ ଆମୋଦ ପ୍ରମୋଦ ବା ବିଳାସ୍ୟବେସନରେ ସମୟ କଟାଇବା କଥା ତାଙ୍କ ମନ ମଧ୍ୟରେ କେବେହେଲେ ସ୍ଥାନ ଲାଭ କରି ନଥିଲା । ୧୯୫୨ରେ ଇହୁଦୀରାଷ୍ଟ୍ର ଇସରାଏଲର ପ୍ରେସିଡେଂଟ ହେବା ନିମିତ ତାଙ୍କୁ ଯେତେବେଳେ ନିମନ୍ତ୍ରଣ କରାଗଲା ସେ ତାହା ପ୍ରତ୍ୟାଖ୍ୟାନ କରିଥିଲେ । ଆଇନଷ୍ଟାଇନ୍ଙ୍କର ୧୯୦୫ ମସିହାରେ ପ୍ରଚାର କରିଥିବା ତଥ୍ୟ ବିଶ୍ୱକୁ ତ୍ରସ୍ତ ଚକିତ କରିଥିଲା । ଗୋଟିଏ ଗ୍ରାମ ଜଡ଼ବସ୍ତୁକୁ ଶକ୍ତିରେ ରୂପାନ୍ତରିତ କଲେ ସେହି ଶକ୍ତିରେ କଲିକତାରୁ ଦିଲ୍ଲୀ ଯାଉଥିବା ଗୋଟିଏ ରେଲଗାଡ଼ି କଲିକତାରୁ ଦିଲ୍ଲୀ ଛଅ ଥର ଯିବା ଆସିବା କରିପାରିବ । ତାଙ୍କର ଏହି ତଥ୍ୟ ଜଗତ୍କୁ କେବଳ ଚମତ୍କୃତ କରି ନାହିଁ, ମଣିଷର ଜୀବନଧାରାରେ ବିପୁଳ ପରିବର୍ତ୍ତନର ସୂତ୍ରପାତ କରିଛି । ଭାରତୀୟ କାଳଗଣନାର ଧାରାକୁ ପ୍ରକାରାନ୍ତରେ ସେ ମଧ୍ୟ ସ୍ୱୀକୃତି ପ୍ରଦାନ କରିଅଛନ୍ତି । ଗାନ୍ଧିଜୀଙ୍କର ଅହିଂସାବ୍ରତ, କର୍ମଯୋଗ, ସତ୍ୟାନୁରାଗ ଓ ମାନବଜାତିପ୍ରୀତି ତାଙ୍କୁ ତନ୍ମୟ କରିଥିଲା । ତାଙ୍କ ମତରେ ଭବିଷ୍ୟତ ବଂଶଧର ମାନେ କେବେ ବିଶ୍ୱାସ କରିବେ ନାହିଁ ଯେ ଏପରି ଜଣେ ରକ୍ତମାଂସଧାରୀ ବ୍ୟକ୍ତି ପୃଥିବୀରେ ବିଚରଣ କରୁଥିଲା । ସମ୍ପଦ ଓ ସମ୍ମାନ ସାଧାରଣ ସଂସାରୀ - ଜୀବନରେ ବ୍ୟତିକ୍ରମ ସୃଷ୍ଟିକରେ, ମାତ୍ର ଜ୍ଞାନୀ ବ୍ୟକ୍ତିର ହୃଦୟକୁ ତାହା ଯେ କଳୁଷିତ କରିପାରେ ନା ଆଇନ୍ଷ୍ଟାଇନଙ୍କର ଜୀବନରେ ଏହା ପ୍ରମାଣିତ ହୋଇଥିଲା । ପୃଥିବୀର ଶାନ୍ତି ଓ ପ୍ରଗତି ପାଇଁ ତାଙ୍କର ଜୀବନର ପ୍ରତିଟି ମୁହୂର୍ତ୍ତକୁ ଦାନ କରି ୧୯୯୫ ମସିହା ଏପ୍ରିଲ ମାସ ୧୮ ତାରିଖରେ ସେ ଏହି ଧାମରୁ ଚିରବିଦାୟ ଗ୍ରହଣ କଲେ ।

*ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ : ୭୦୦୮୧୮୧୮୨୦*

# ଅଶାନ୍ତ ହେଉଛି ବିଶ୍ୱ



◆ କ୍ଷୀରୋଦିନୀ ବେହେରା

ମଣିଷକୁନେଇ ସମାଜ ଓ ସମାଜକୁ ନେଇ ରାଷ୍ଟ୍ରର ପରିକଳ୍ପନା । ସମୟାନୁସାରେ ମଣିଷସମାଜରେ ଦେଖା ଦେଇଥିବା ବିଜ୍ଞାନରଜୟଯାତ୍ରା, ଯାହାବର୍ତ୍ତମାନ ସମୟରେବିଶ୍ୱରେ ଦେଖିବାକୁମିଳୁଛି ।ତାହା ପୁଣି ଦେଶ ଧ୍ୱଂସମାର୍ଗରେ ପରିଚାଳିତକରିବା ପାଇଁବିଶ୍ୱରେ ପ୍ରବଳ ପ୍ରତିଯୋଗିତା ଆରମ୍ଭ ହୋଇଛି । ନିଜ ନିଜ ଦେଶରେ ଥିବାସାମରିକଶକ୍ତିର ଅଭିବୃଦ୍ଧି ଘଟାଇ ଗୋଟିଏରାଷ୍ଟ୍ରସହିତ ଅନ୍ୟ ରାଷ୍ଟ୍ରଉପରେ ଆଧିପତ୍ୟଜାହିରକରିବାରେ ପ୍ରଚେଷ୍ଟା ଚାଲିଛି । ଅଣୁ ପରମାଣୁଭଳି ମାରଣାସ୍ତ୍ର ଉଦ୍ଭାବନା କରି ବିଶ୍ୱବାସୀଙ୍କ ପ୍ରାଣରେ ଆତଙ୍କଭରିଦେଇଛି ।ସତରେ, ମଣିଷ ଏ ପୃଥିବୀରେଜୀବନକୁ ନିରାପଦ ମନେ କରୁନାହିଁ ତ ? କିନ୍ତୁକାଳକ୍ରମେ ଯୁଦ୍ଧରବିଭୀଷିକାମଣିଷମନରେ ଆତଙ୍କ, ବିଷାଦ ଓ ଦୁଃଖରଭୟାବହତା ଆଣିଦେଇଛି । ଏସବୁଭାବିଲା ବେଳକୁ, ମନେ ପଡ଼ିଯାଏସେଦିନର ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪ ରୁ ୧୯୧୮) ଓ ଦ୍ୱିତୀୟବିଶ୍ୱଯୁଦ୍ଧ (୧୯୩୯ ରୁ ୧୯୪୫), ଯାହା ବିଷମୟ ପରିଣତିବିଶ୍ୱବାସୀଙ୍କୁ ଆତଙ୍କିତ କରିଦେଇଥିଲା । ଏହାଦ୍ୱାରାରକ୍ତପାତ, କ୍ଷୟକ୍ଷତି ଓ ଧ୍ୱଂସ ମଣିଷ ମନରେ ଯେଉଁଭୟର ବାତାବରଣସୃଷ୍ଟିକରିଦେଇଥିଲା, ବର୍ତ୍ତମାନ ସମୟରେତାହା ଅନୁତାପ କରିବାକୁ ପଡୁଛି । ପ୍ରଥମ ଓ ଦ୍ୱିତୀୟବିଶ୍ୱଯୁଦ୍ଧ ମନରୁ ନଲିଭୁଣୁତୃତୀୟବିଶ୍ୱଯୁଦ୍ଧ ହେବାକୁ ସ୍ପଷ୍ଟ ହୋଇସାରିଛି ।କିଛିଦିନ ହେବ ଆମେରିକାସମର୍ଥିତଇସ୍ରାଏଲ ଓ ଇରାନ ମଧ୍ୟରେ ଆରମ୍ଭ ହୋଇ ଥିବା ଯୁଦ୍ଧ ବିଶ୍ୱକୁ ଆତଙ୍କିତକରିଦେଇଛି ।ଏହା ପୂର୍ବରୁ ଆରମ୍ଭ ହୋଇ ଥିବା ଋଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ସରିନାହିଁ ।ଏପଟେ ପାକିସ୍ଥାନ ଓ ଆଫଗାନିସ୍ଥାନ ମଧ୍ୟରେଗମ୍ଭୀରତିକ୍ତତାଲାଗିରହିଛି ।ଏସବୁ ଯୁଦ୍ଧ ଯୋଗୁଁବିଶ୍ୱର ଅନେକରାଷ୍ଟ୍ର ପ୍ରଭାବିତକରୁଛି ।ଏଇଠୁଜଣାପଡୁଛି, ଶାନ୍ତ ବିଶ୍ୱ ହେଉଛି ଅଶାନ୍ତ । ଏପରି ସୂଚନାକେବଳତୃତୀୟବିଶ୍ୱ ଯୁଦ୍ଧର ସତର୍କ ଘଂଟ□କୁହାଯାଇପାରେ । ଏହ ିଘଡ଼ିସନ୍ଧିମୁହୂର୍ତ୍ତରେ, ଏକମାତ୍ର ରାଷ୍ଟ୍ରଭାରତତା'ର ନୀତି ଓ ଆଦର୍ଶବଳରେ ଯୁଦ୍ଧକୁ ବନ୍ଦ କରିଶାନ୍ତିସ୍ଥାପନ କରିବା ପାଇଁ ମାନନୀୟ ପ୍ରଧାନମନ୍ତ୍ରୀଶ୍ରୀ ନରେନ୍ଦ୍ର ମୋଦୀ ନିବେଦନ କରିଛନ୍ତି ।ଏହାକୁସମର୍ଥନ କରିସଂଯୁକ୍ତଜାତିସଂଘସମେତ ଅନ୍ୟ ରାଷ୍ଟ୍ରମୁଖ୍ୟମାନେ ମଧ୍ୟ ଯୁଦ୍ଧ ବନ୍ଦ କରିଶାନ୍ତିଫେରାଇ ଆଣିବା ପାଇଁ ଆହ୍ୱାନ କରିଛନ୍ତି ।କିନ୍ତୁ ଦୁଇରାଷ୍ଟ୍ର ନିଜ ନିଜଜିଦରେ ଅଟଳ ଅଛନ୍ତି । ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେଚାଲିଥିବା ଯୁଦ୍ଧରେ ଇରାନରସର୍ବୋଚ୍ଚନେତା ଆୟାତୋଲ୍ଲା ଅଲ୍ଲୀଖାମେନି ପ୍ରାଣ ହରାଇଛନ୍ତି ବୋଲିଜାତୀୟଗଣମାଧ୍ୟମରେ ପ୍ରକାଶ ପାଇଥିଲା । ପ୍ରକାଶ ଥାଉକି, କିଛିଦିନ ପୂର୍ବରୁ ଯୁକ୍ତରାଷ୍ଟ୍ର ଆମେରିକାରରାଷ୍ଟ୍ରମୁଖ୍ୟ ତଥା ଆମେରିକାରାଷ୍ଟ୍ରପତିଡୋନାଲ୍ଡଟ୍ର ଇରାନରରାଷ୍ଟ୍ରମୁଖ୍ୟଙ୍କସହିତ କଥାବାର୍ତ୍ତା ହେବାକୁଚାହୁଁଥିଲେ । ମାତ୍ରଉଭୟରାଷ୍ଟ୍ରମଧ୍ୟରେ ଏହା ସମ୍ଭବ ହୋଇନଥିଲା, ଯାହାସମ୍ପର୍କରେତିକ୍ତତାସୃଷ୍ଟିକରିଥିଲାଏବଂ ଯାହାର କାରଣଇସ୍ରାଏଲ ହୋଇପାରେ । ଆମେରିକା କଥାରେଇରାନ ନ ରହିବାକିମ୍ବା ଆତ୍ମସମର୍ପଣ ନହେବାଯୋଗୁଁ ଆମେରିକା ଖୋଲାଖୋଲି ଇସ୍ରାଏଲକୁ ସମର୍ଥନ ଦେଇ ଇରାନ ଉପରେ ଆକ୍ରମଣ କରିବାର ସାହସଯୋଗାଇ ଦେଇ ଥିଲା । ଏହାଫଳରେଇରାନ ରାଷ୍ଟ୍ରମୁଖ୍ୟଙ୍କ ପ୍ରାଣହାନୀ ହୋଇଥିଲା । ଏହା ପୂର୍ବରୁ ମଧ୍ୟ ଭେଳେଲାରରାଷ୍ଟ୍ରମୁଖ୍ୟ ଓ ତାଙ୍କ ପତ୍ନୀଙ୍କୁ ଜବରଦସ୍ତ ଆମେରିକା ଅଣାଯାଇବନ୍ଦୀକରାଯାଇଥିଲା । ଏଭଳିହୀନମାନସିକକାର୍ଯ୍ୟକୁସମଗ୍ରବିଶ୍ୱ ନିନ୍ଦାକରିଥିଲା । ମଧ୍ୟପ୍ରାଚରେ ଚାଲିଥିବା ଯୁଦ୍ଧରେଇରାନ ନିଜର ପୁରାକ୍ଷମତା ସହ ଉପସାଗରୀୟ ଦେଶରେ ଥିବା ଆମେରିକୀୟ ସାମରିକ ଘାଟିଉପରେକ୍ଷେପଣାସ୍ତ୍ର ଅଗ୍ନିବର୍ଷାକରିଛି । ଅନ୍ୟପଟେ, ଇରାନ ଦାବି ଅନୁଯାୟୀକୁଏତ, ବାହାରିନ ଓ ୟୁଏଇରେମୋଟ ୨୦ ଆମେରିକୀୟ ଘାଟି ଆକ୍ରମଣକରିସାରିଛି । ଏପଟେ ଆମେରିକା ଅପରେସନ ଏପିକେ ଫ୍ୟୁରୀ ଓ ଇସ୍ରାଏଲରରୋରିଙ୍ଗଲାୟନ ଅଭିଯାନ ଅନୁଯାୟୀ ଇରାନରସାମରିକଘାଟିଉପରେବଡ଼ ଆକ୍ରମଣକରି ପ୍ରାୟ ୧୫୦୦ ଲୋକ ପ୍ରାଣହୋରାଇଲେଣି ।ଇରାନରେ ୧୩୦୦ ଆକ୍ରମଣ ହୋଇଥିବା ବେଳେ ୧୪ ମେଡିକାଲ ସେ□ରଟାର୍ଗେଟ ହୋଇଥିଲା ଏବଂ ଇରାନର ଅନେକ ସ୍ଥାନରେ ଜଳବିଜୁଳିଯୋଗାଣ ବନ୍ଦ ହୋଇ ଯାଇଛି । ତେବେକୁହାଯାଉଛି ଯେ, ଇରାନର ୧୩୦୦ କ୍ଷେପଣାସ୍ତ୍ର ଲ□ର ଧ୍ୱସ୍ତହୋଇଯାଇଛି । ଆମେରିକା-ଇସ୍ରାଏଲଏବଂଇରାନ ମଧ୍ୟରେ ସଂଘର୍ଷ ଏହିତିନୋଟି ଜାତୀୟରାଷ୍ଟ୍ରମଧ୍ୟରେସୀମିତ ନାହିଁ, ଏହାସମଗ୍ର ମଧ୍ୟପ୍ରାଚ୍ୟରେ ବ୍ୟାପିଛିସାରିଛିଏବଂସମଗ୍ରବିଶ୍ୱ ଅଶାନ୍ତ ହେବାରେ ଲାଗିଛି । ତେଣୁ ମଧ୍ୟପ୍ରାଚ୍ୟସଙ୍କଟଯେତେ ଅଧିକସମୟ ଧରିଜାରିରହିବ, ଏହାସମଗ୍ରବିଶ୍ୱ ପାଇଁସେତେ ଅଧିକ ସମସ୍ୟା ସୃଷ୍ଟିକରିବ । ଏହାର ସବୁଠାରୁବଡ଼କାରଣହେଉଛି ଅଶୋଧିତ ତୈଳ ଏବଂଗ୍ୟାସଯୋଗାଣ । ମଧ୍ୟପ୍ରାଚରେଚାଲିଥିବା ଯୁଦ୍ଧ ନେଇଇରାନ ତା'ରହରମୁଜ୍ ପ୍ରଣାଳୀରେତୈଳ ପରିବହନ ବନ୍ଦ କରିଦେଇଛି । ଫଳରେ ଭାରତର ଶକ୍ତିଯୋଗାଣକୁ ଗମ୍ଭୀରଭାବେବାଧାପ୍ରାପ୍ତ କରିଛି । ତଥ୍ୟ ଅନୁସାରେ, ଭାରତ ହେଉଛି ବିଶ୍ୱରତୃତୀୟ ବୃହତ୍ତୈଳ ବ୍ୟବହାରକାରୀ ରାଷ୍ଟ୍ର ।ତେଣୁଭାରତର ଆବଶ୍ୟକତା ଅନୁସାରେ ୮୫% ତେଲ ବାହାରରାଷ୍ଟ୍ରରୁ ଆମଦାନୀକରିଥାଏ, ତାହା ମଧ୍ୟ ମଧ୍ୟପ୍ରାଚରେ ଥିବାହରମୁଜ୍ ପ୍ରଣାଳୀ ଦେଇ । ଆମ ଦେଶରେ ୧୦୦% ରୁମାତ୍ର ୧୫% ତୈଳଉତ୍ପାଦନ ହୋଇଥାଏ ।କେବଳ ଅଶୋଧିତତୈଳ ନୁହେଁ, ବରଂ ଅତିଗୁରୁତ୍ୱପୂର୍ଣ୍ଣଏଲ୍ପିଜି ଆମଦାନୀକୁ ମଧ୍ୟ ଭାରତରେ ପ୍ରଭାବିତକରିଛି । ଆବଶ୍ୟକତାରଏଲ୍ପିଜି ଅଧିକାଂଶ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ଆସିଥାଏଏବଂଏହାରସଂରକ୍ଷଣ ପାଇଁକୌଣସିବଡ଼ବ୍ୟବସ୍ଥା ନଥିବାରୁଏହା ଅଧିକବିପଦପୂର୍ଣ୍ଣ ବୋଲିମନେ କରାଯାଏ । ଏହାବ୍ୟତୀତଭାରତରେ ଥିବାସୁନା ଓ ରୁପା ଦର ଓ ସେୟାରବଜାରକାରବାରକୁ ମଧ୍ୟ ପ୍ରଭାବିତ କରିବା ଆଶଙ୍କାକରାଯାଉଛି । ଅଶୋଧିତତୈଳ ଦରଦାମ୍ବୃଦ୍ଧି ହେଲେ, ତାହାପେଟ୍ରୋଲ ଓ ଡିଜେଲ୍ ଦରବୃଦ୍ଧିର କାରଣହେବ । ମଧ୍ୟପ୍ରାଚରେ ଚାଲିଥିବା ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ କେବଳ ଭାରତକୁହିଁ ପ୍ରଭାବିତକରିବ, ତାହା ନୁହଁସମଗ୍ର ବିଶ୍ୱରେ ଅଶାନ୍ତିର ବାତାବରଣ ମଧ୍ୟ ସୃଷ୍ଟିହେବ ଏବଂବିଶ୍ୱବାସୀଙ୍କ ପାଇଁଏହା ଗମ୍ଭୀର ଚିନ୍ତନୀୟ ବିଷୟହେବ ।ତେଣୁ ଏ ଯୁଦ୍ଧର ଅବସାନ କରିବା ପାଇଁବିଶ୍ୱର ସମସ୍ତ ଜାତୀୟରାଷ୍ଟ୍ରଏକତ୍ରିତହୁଅନ୍ତୁ ଏବଂ ଅଶାନ୍ତିରୁ ଶାନ୍ତିସ୍ଥାପନ ପାଇଁ ଉଦ୍ୟମ ଜାରିରହୁ ।

*ଭୁବନେଶ୍ୱର, ମୋ-୯୭୭୭୭୨୯୦୦୨*













# ଖଡ଼ିଆଳ ସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ନବମ ବାର୍ଷିକୋତ୍ସବ ଅନୁଷ୍ଠିତ



ନୂଆପଡ଼ା (ନି.ପ୍ର) : ନୂଆପଡ଼ା ଜିଲ୍ଲା ଖଡିଆଳ ସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ନବମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଜଗନ୍ନାଥଙ୍କ ପୂଜାର୍ଚ୍ଚନା ପରେ ପ୍ରାରମ୍ଭିକ ସଙ୍ଗୀତ ଗାନ ହୋଇଥିଲା । ଅଧକ୍ଷ ଡ଼ଃ ଅକ୍ଷୟ କୁମାର ସାହୁ ଅଧକ୍ଷତା କରିଥିବା ବେଳେ ପ୍ରାରମ୍ଭିକ ବକ୍ତବ୍ୟ ପରେ ଏକ ବାର୍ଷିକ ବୁଲେଟିନ ଉନ୍ମୋଚିତ ହୋଇଥିଲା । ସହକାରୀ ପ୍ରଫେସର ରାକେଶ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଡଃ ଫଣିନ୍ଦମ୍ ଦେଓ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ମେଜର ଡଃ ରାମ ଚନ୍ଦ୍ର ମିଶ୍ର, ମୁଖ୍ୟ ବକ୍ତା ଡଃ ବାସୁଦେବ ସୁନାନି ଯୋଗ ଦେଇଥିଲେ ଶ୍ରେଷ୍ଠ ସ୍ନାତକ ସାଂସ୍କୃତିକ ଚମ୍ପିୟାନ, କ୍ରୀଡା ଚମ୍ପିୟାନ, ସାଂସ୍କୃତିକ ପ୍ରତିଯୋଗିତା ଆଦିର କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ ପରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଓଡ଼ିଶୀ, ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ଅଧାପକ ଡଃ ଲିଙ୍ଗରାଜ ସାହୁ ସଂଯୋଜନା କରିଥିବା ବେଳେ ଅଧାପକ ଜୟ ଶଙ୍କର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ଅଧାପକ ଅଧାପିକା ସହଯୋଗ କରିଥିଲେ ।

# ବିଶ୍ୱ କିଡ଼ନୀ ଦିବସ ଏବଂ ଅଙ୍ଗଦାନ ସଚେତନତା ଶୋଭାଯାତ୍ରା ଓ ସେମିନାର

କଟକ : (ନି.ପ୍ର )ବିଶ୍ୱ ବୃକକ ଦିବସ ଅବସରରେ ଜଗତପୁରସ୍ଥିତ ସଦଗୁରୁ ହସ୍ପିଟାଲରୁ ସଦଗୁରୁ କଲେଜ କ୍ୟାମ୍ପସ ପର୍ଯ୍ୟନ୍ତ ଏକ ସଚେତନତା ମୂଳକ ଶୋଭା ଯାତ୍ରା ଏବଂ ସଦଗୁରୁ କଲେଜର ସମ୍ମିଳନୀ କକ୍ଷରେ ଏକ କର୍ମଶାଳା ହୋଇଥିଲା । ସଦଗୁରୁ କଲେଜ , ହସ୍ପିଟାଲଏବଂ ରୋଟାରୀ କ୍ଲବ ଅଫ୍ କଟକ ଗୋଲଡେନ୍ ଷ୍ଟାରର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା ।ପ୍ରବେଶ ପ୍ରକୋଷ୍ଠରେ ଅଙ୍ଗଦାନର ଶପଥ ପାଠ ଉତ୍ସବ କରାଯାଇଥିଲା ।ଆନୁଷ୍ଠାନିକ ଉଦଘାଟନ ପରେ ଡକ୍ଟର ପ୍ରୀତିମୟୀ ବେହେରା ,ଏଚ୍ଓଡି, ସଦଗୁରୁ କଲେଜ,ଡାଇସରେ ସମ୍ମାନିତ ବ୍ୟକ୍ତିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଡକ୍ଟର ଚଣ୍ଡୀ ଦାସ, ଡି.ଜି. ରୋଟାରିଆନ୍ ଶ୍ରୀଯୁକ୍ତ ମନୋଜ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଶ୍ରୀଯୁକ୍ତ ଦିଲୀପ କୁମାର ସାମନ୍ତରାୟ ,ସଭାପତି ରୋଟାରିଆନ୍ ଶ୍ରୀଯୁକ୍ତ ସୁକାନ୍ତ କୁମାର ସ୍ୱାଇଁ, କମିଟି ଅଧକ୍ଷ ରୋଟାରିଆନ୍ ଡକ୍ଟର ଶଶିଭୂଷଣ ରାଉତ,କଲେଜ / ହସ୍ପିଟାଲର ଅଧକ୍ଷ ଡକ୍ଟର ପ୍ରଦିପ କୁମାର ମହାନ୍ତି, ରୋଟାରୀ କ୍ଲବ ଅଫ ଗୋଲଡ୍ରେନ ଷ୍ଟାରର ସଭାପତି ରୋଟାରିଆନ୍ ଶ୍ରୀଯୁକ୍ତ ସୁକାନ୍ତ କୁମାର ସ୍ୱାଇଁ ସଭାପତିତ୍ୱ କରି ସଭାକୁ ଆଗେଇ ନେଇଥିବା ବେଳେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ଡକ୍ଟର ଶଶିଭୂଷଣ ରାଉତ । ବୃକକ ରୋଗର




କାରଣ, ନିରାକରଣ ଓ ସଚେତନତା ସମ୍ପର୍କରେ ସଦଗୁରୁ ହସ୍ପିଟାଲର ପ୍ରତିଷ୍ଠାତା ତଥା ଅଧକ୍ଷ ଡକ୍ଟର ପ୍ରଦୀପ କୁମାର ମହାନ୍ତି ଭାଷଣ ପ୍ରଦାନ କରିଥିଲେ । ରୋଟାରୀ କ୍ଲବ ଅଫ କଟକ ଗୋଲଡ୍ରେନ ଷ୍ଟାରର ପୂର୍ବତନ ସଭାପତି ଅଙ୍ଗଦାତା ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଏବଂ ସମ୍ମାନିତ ବ୍ୟକ୍ତିମାନଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ଏହାପରେ ଅଙ୍ଗଦାନ ସମ୍ବର୍ଦ୍ଧନା କରାଯାଇଥିଲା । ମନୋରଞ୍ଜନ ପଣ୍ଡା ତାଙ୍କ ଭାଇଙ୍କୁ କିଡନୀ ଦାନ କରିଛନ୍ତି ।ରତିକାନ୍ତ ତାଙ୍କ ମାଆଙ୍କଠାରୁ କିଡନୀ ପାଇଛନ୍ତି । ନିରଞ୍ଜନ କରଙ୍କ ସ୍ୱର୍ଗତ ପତ୍ନୀ ଦୁର୍ଘଟଣାଜନିତ ମୃତ୍ୟୁ ପରେ ଅଙ୍ଗ ଦାନ ଯକୃତ, ଚକ୍ଷୁ, କିଡନୀ ପ୍ରଦାନ କରିଛନ୍ତି ।ସମ୍ମାନିତ ଅତିଥି ଶ୍ରୀଯୁକ୍ତ ଦିଲୀପ କୁମାର ସାମନ୍ତରାୟ ନିଜର ବକ୍ତବ୍ୟ ରଖିଥିଲେ । ଡି.ଜି ଶ୍ରୀ ମନୋଜ କୁମାର ତ୍ରିପାଠୀଙ୍କ ଭାଷଣ ଏବଂ ସମବେଦନା ବୈଷୟିକ ସେମିନାର ଅଧିବେଶନ ସେମିନାର ଉପସ୍ଥାପନା ପ୍ରଥମେ ଡକ୍ଟର ରୁଦ୍ରାଶିଷ ସାମଲ, ସେମିନାର ଉପସ୍ଥାପନା ଦ୍ୱିତୀୟରେ କରିଥିଲେ ଆଡଭୋକେଟ୍ ପ୍ରଭୁ ପ୍ରସନ୍ନ ବେହେରା ।ଶେଷରେ ଡକ୍ଟର ରୀତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ପିତେଇପୁର ଉପ୍ରା ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷୟତ୍ରୀଙ୍କ ପରଲୋକ

ଧାମନଗର : ଧାମନଗର ବ୍ଲକ ଶୋହଡା ପଂଚାୟତ ର ପିତେଇପୁର ସରକାରି ଉପ୍ରା ବିଦ୍ୟାଳୟ ର କାର୍ଯ୍ୟରତ ଶିକ୍ଷୟତ୍ରୀ ବାସନ୍ତୀ ଲତା ପରିଡା ( ୫୯) ର ମଙ୍ଗଳବାର ଦିନ ପରଲୋକ ଘଟିଛି , ସେ ଜଣେ ଛାତ୍ର ବତ୍ସଳ ଭାବରେ ସମସ୍ତ ଙ୍କ ର ହୃଦୟ ଜୟ କରିପାରିଥିଲେ । ତାଙ୍କର ଏହି ଅକାଳ ବିୟୋଗ ରେ ସ୍ଥାନୀୟ ଅଂଚଳ ରେ ଶୋକ ର ଛାୟା ଖେଳି ଯାଇଛି,ତାଙ୍କର ଅନ୍ତେଷ୍ଟି କ୍ରିୟା ପାଇଁ ଧାମନଗର ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ସାହୁ ଗଭୀର ଶୋକ ପ୍ରକାଶ କରିଛନ୍ତି । ବ୍ଲକ ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ପକ୍ଷରୁ ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟ ସୁନ୍ଦର ପରିଡା, କର୍ମଚାରି କିରାଣୀ ନିଶିକାନ୍ତ ସାମଲ, ପ୍ରମୋଦ ନାଥ, ସି ଆର ସି ସି ଅଶ୍ୱିନୀ ଜେନା ତାଙ୍କ ଘର ମିଶ୍ରପୁର ରେ ପହଂଚି ବାସନ୍ତୀ ଙ୍କ ସ୍ୱାମୀ ରବିନାରାୟଣ ଦାସ ଙ୍କୁ ଭେଟି ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି ।ବାସନ୍ତୀ ଙ୍କ ଏହି ଅକାଳ ମୃତ୍ୟୁ ପରେ ସ୍ଥାନୀୟ ବିଦ୍ୟାଳୟ ରେ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ପକ୍ଷରୁ ଶୋକ କରିବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଚନ୍ତି ।

# ଜାତୀୟ ଜନଗଣନା କ୍ଷେତ୍ର ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ



ନୟାଗଡ : ଭାରତ ସରକାରଙ୍କ ଜାତୀୟ ଜନ ଗଣନା ୨୦୨୭ ପକ୍ଷରୁ ମାର୍ଚ୍ଚ ୧୦ ରୁ ୧୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ବ୍ରଜେନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ନୟାଗଡ ଜିଲ୍ଲା ଅନ୍ତର୍ଗତ ୮ ଗୋଟି ବ୍ଲକ, ବିଜ୍ଞାପିତ ଅଂଚଳ ପରିଷଦ ଓ ପୌର ପରିଷଦର ୪୦ ଜଣ କ୍ଷେତ୍ର ପ୍ରଶିକ୍ଷକ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରା ଯାଇଥିଲା । ଜିଲ୍ଲାପାଳ ମଧୁମିତା ରଥଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ମାଷ୍ଟର ଟ୍ରେନର ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଖଣ୍ଡପଡ଼ା ବିଡ଼ିଓ ଅଙ୍କୁର ଅଭିଳାଷ ଏହାର ପରି ଚାଳନା କରିଥିଲେ ।ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ ଡେପୁଟି କଲେକ୍ଟର ପ୍ରିୟଙ୍କା ମହାନ୍ତି, ସହକାରୀ କଲେକ୍ଟର ଶୁକଦେବ ବେହେରା ଏବଂ ଜନଗଣନା ଅଧିକାରୀ ଅକ୍ଷୟ କୁମାର ନାୟକ ।ପ୍ରଶିକ୍ଷଣର ଅନ୍ତିମ ଦିନରେ ଫିଲ୍ଡ ଟ୍ରେନର ମାନଙ୍କୁ ନେଇ ଏକ ପ୍ରାକଟିକାଲ ନୟାଗଡ ମ୍ୟୁନିସିପାଲଟିର ୧୨ ନଂ ୱାର୍ଡରେ କରା ଯାଇଥିଲା ।

## ଦେଶୀ ମଦ ଚାଲାଣ ବେଳେ ଚଢଉ, ୪ ଗିରଫ

ଜୟପୁର:ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଓ ନିରିକ୍ଷକ କାର୍ଯ୍ୟାଳୟ ତରଫରୁ ମିଳିତ ଚଢଉ କରାଯାଇ ୪ ଅଭିଯୁକ୍ତଙ୍କୁ ଗିରଫ କରି ୩୪ ଲିଟର ଦେଶି ମଦ ଜବତ କରିଛି । ଦେଶି ମଦ ଚାଲାଣ ସୂଚନା ପାଇ ଧଡରିଗୁଡା ଗ୍ରାମ ରାସ୍ତାରେ ଚଢଉ କରି ସାଧୁ ଚଲାଣଙ୍କୁ ଗିରଫ କରି ତା' ଠାରୁ ୮ ଲିଟର ଦେଶି ମଦ ଜବତ କରିଛି । କୁମୁଲିପୁଟରେ ଚଢଉ କରି ଦଣ୍ଡସେନାଗୁଡା ଗ୍ରାମର ଘାସି ରାମ ଭତାବାଇ ଓ ମୋହନ ମୁଦୁଲିଙ୍କୁ ଗିରଫ କରି ୧୮ ଲିଟର ଦେଶି ମଦ ଜବତ କରିଛି

# ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଶୁଭାରମ୍ଭ



କଟକ (ନି.ପ୍ର)ବନ୍ଧନରେ ବାନ୍ଧିହେଲେ ୫୫ଯୋଡା ବରବଧୂ କଟକ ତା ୧୨.୦୩.୨୦୨୬ ରିଖ – ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ସରକାରୀ ସହାୟତା ନୁହେଁ, ଏହା ବାଲ୍ୟବିବାହ ବିରୋଧରେ ଏକ ସଙ୍କଳ୍ପ, ଯୌତୁକ ପ୍ରଥା ବିରୋଧରେ ଏକ ସାମାଜିକ ସନ୍ଦେଶ ଓ କନ୍ୟାମାନଙ୍କ ସମ୍ମାନକୁ ସୁନିଶ୍ଚିତ କରିବାର ଏକ ଦୃଢ ପଦକ୍ଷେପ ।

# ସୋର ପୌରପରିଷଦ ସ୍ୱଚ୍ଛ ସାଥୀ ମମତା ଦିଦିଙ୍କ ପରଲୋକ

ସୋର : ସୋର ପୌରପାଳିକା ଅନ୍ତର୍ଗତ ୦୩ ନଂ ୱାର୍ଡ଼ ବଢ଼େଇସାହିର ବାସିନ୍ଦା ତଥା ପୌରପାଳିକାରେ ସ୍ୱଚ୍ଛ ସାଥୀ ଭାବେ କାର୍ଯ୍ୟ କରୁଥିବା ମମତା ଦାସଙ୍କର ଆଜି ଭୋର ପରଲୋକ ହୋଇଯାଇଛି । ସୂଚନା ଅନୁସାରେ ମମତା ଦୀର୍ଘ ଦିନରୁ କର୍କଟ ରୋଗରେ ପୀଡ଼ିତ ଥିଲେ । ପ୍ରାଥମିକ ପର୍ଯ୍ୟାୟରେ ମୁମ୍ବାଇ ଯାଇ ଚିକିତ୍ସିତ ହୋଇ ଆରୋଗ୍ୟ ପରେ ନିଜ କର୍ମ କ୍ଷେତ୍ରକୁ ମଧ ଫେରିଥିଲେ । ମାତ୍ର ଗତ ମାସ ପୁଣି ଥରେ ଦେହ ଅସୁସ୍ଥ ହୋଇ ଚିକିତ୍ସା ପାଇଁ ମୁମ୍ବାଇ ଯାଇଥିଲେ । ସେଠାରୁ ଭୁବନେଶ୍ୱରରେ ଚିକିତ୍ସାଧୀନ ଥିବା ବେଳେ ଗତକାଲି ଭୋର ୪ଟା ସମୟରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଦର୍ଶ ଯୁବ ପରିଷଦର ଜଣେ ସକ୍ରିୟ ସଦସ୍ୟା ଏବଂ ଜଣେ ଧର୍ମପରାୟଣା ପରୋପକାରୀ ମହିଳା ଥିଲେ । ତାଙ୍କ ମରଶରୀର ସୋର ପୌରପାଳିକାରେ ପହଁଚିଲା ପରେ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଂଜନ ପ୍ରଧାନଙ୍କ ସହ ସମସ୍ତ କର୍ମଚାରୀ ଶେଷ ଦର୍ଶନ ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ନିଜ ପୁଅ, ଝିଅ, ସ୍ୱାମୀଙ୍କ ସହ ପରିବାର ବର୍ଗ ଉପସ୍ଥିତ ଥିଲେ ।

# ରାଜ୍ୟ ସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ

ଭଦ୍ରକ : ଜିଲ୍ଲା ତିହିଡି ବ୍ଲକର ପାଳିଆ ବିନ୍ଧା ବିରଂଚି ନାରାୟଣ ମାଧବ ଅର୍ଜୁନ ମହାବିଦ୍ୟାଳୟ ରେ ରାଜନୀତି ବିଜ୍ଞାନ ଓ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଭାରତର ସଙ୍ଘୀୟ ବ୍ୟବସ୍ଥା, ପରିବର୍ତ୍ତିତ ଦିଗ ଓ କେନ୍ଦ୍ର ରାଜ୍ୟ ସମ୍ପର୍କ ଶୀର୍ଷକ ଏକ ରାଜ୍ୟ ସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଅମୂଲ୍ୟ କୁମାର ପରିଡ଼ା ଙ୍କ ଆବାହକ ରେ ଏବଂ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ସରୋଜ କୁମାର ମହାପାତ୍ର ଙ୍କ ପୌରହିତ୍ୟରେ ବହୁ ବିଶିଷ୍ଟ ଶିକ୍ଷାବିତ୍ ମାନେ ଯୋଗ ଦେଇ ସଙ୍ଘୀୟ ବ୍ୟବସ୍ଥାରେ ରାଜ୍ୟ ଗୁଡ଼ିକର ସ୍ୱାତନ୍ତ୍ରିୟ ରହିବା, ନିଜର ଅର୍ଥନୀତି, ବିଦେଶୀ ପୁଞ୍ଜି ବିନିଯୋଗ, ଭାରତର ସଙ୍ଘୀୟ ବ୍ୟବସ୍ଥା ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏଥିରେ ବିଭିନ୍ନ ମହାବିଦ୍ୟାଳୟରୁ ବହୁ ଅଧାପକ ଅଧାପିକା ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ ।

# ଆକ୍ରମଣ କରି ଯୁବକଙ୍କ ଠାରୁ ସୁନାଚେନ, ମୋବାଇଲ ଲୁଟିନେଲେ ଦୁର୍ବୃତ

ସୋର : ସୋର ଚଡକମରା ଛକ ନିକଟରେ ଜଣେ ଯୁବକଙ୍କୁ ଦୁର୍ବୃତମାନେ ଆକ୍ରମଣ କରି ତାଙ୍କ ମୋବାଇଲ ଓ ସୁନା ଚେନ୍ ଲୁଟ୍ ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁସାରେ ସିମୁଳିଆ ଥାନା ଆଙ୍କୁଲା ଗ୍ରାମର ମନୋଜ କୁମାର ଦତ କୌଣସି କାମରେ ଗତକାଲି ରାତିରେ ବାଇକ ଯୋଗେ ସୋର ଅଭିମୁଖେ ଆସୁଥିଲେ । ଏହି ସମୟରେ ଚକଡମରା ଛକ ନିକଟରେ ଦୁଇଜଣ ଯୁବକ ଏକ ବାଇକରେ ଆସି ତାଙ୍କୁ ଏକ ଲୁହା ରଡରେ ଆକ୍ରମଣ କରି ତାଙ୍କ ମୋବାଇଲ ଫୋନ ଛଡାଇବା ସହ ସେ ପିନ୍ଧିଥିବା ସୁନା ଚେନ ଟିକୁ ନେଇ ଫେରାର ହୋଇ ଯାଇଥିଲେ । ସ୍ଥାନୀୟ ଲୋକେ ମନୋଜଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରୁ ଫେରି ଆଜି ସକାଳେ ମନୋଜ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

# ବାଲ୍ୟବିବାହ ନିରାକରଣ ନିମନ୍ତେ ସଚେତନତା କର୍ମଶାଳା

ଭଦ୍ରକ : ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲ୍ୟ ବିବାହ ନିରାକରଣ ନିମନ୍ତେ ସଚେତନତା କର୍ମଶାଳା ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ରୂପେ ଶିଶୁ ମଙ୍ଗଳ କମିଟି ର ସଦସ୍ୟ , ଶିଶୁ ସୁରକ୍ଷା ଅଧିକାରି ପ୍ରମୁଖ ଯୋଗ ଦେଇ ବାଲ୍ୟବିବାହ ର କୁ-ପରିଣତି ସହ ଶିଶୁ ର ଶିକ୍ଷା,ସ୍ୱାସ୍ଥ୍ୟ ଓ ଭବିଷ୍ୟତ କିପରି ପ୍ରଭାବିତ ହୁଏ , ବାଲ୍ୟବିବାହ ନିରାକରଣ ପାଇଁ ସଚେତନତା ର ପ୍ରଚାର ପ୍ରସାର ଅଧିକ ହେବା , କୌଣସି ବ୍ୟକ୍ତି ବାଲ୍ୟବିବାହ ଘଟଣା ସୂଚନା ପାଇବା ମାତ୍ରେ ତୁରନ୍ତ ୧୦୯୮ ଚାଇଲ୍ଡ ହେଲ୍ପ ଲାଇନ, ପୋଲିସ ବା ବାଲ୍ୟବିବାହ ନିରାକରଣ ଅଧିକାରିଣୀ ଙ୍କୁ ଅବଗତ କରିବା ଉଚିତ୍ ବୋଲି କର୍ମଶାଳାରେ ଆଲୋକପାତ ହୋଇଥିଲା । ଏହି କର୍ମଶାଳା ରେ ବିଭିନ୍ନ ବ୍ଲକ୍ ରୁ ମହିଳା ପରିଦର୍ଶିକା,ଅଙ୍ଗନୱାଡ଼ି କର୍ମୀ,ଶିଶୁ ଅନୁଷ୍ଠାନ ର କର୍ମକର୍ତା, ସଖୀ ସେଂଟର ର ପ୍ରଶାସିକା ଯୋଗ ଦେଇଥିଲେ ।

# ଉଦ୍ୟାନ କୃଷି ଯୋଜନାର ସମୀକ୍ଷା ବୈଠକ ଅନୁଷ୍ଠିତ, ୫ ଜଣ ପ୍ରଗତିଶୀଳ ଚାଷୀଙ୍କୁ ସମ୍ବର୍ଦ୍ଧନା

ନୂଆପଡ଼ା: ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଉଦ୍ୟାନ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇ ଯାଇଛି ।ବୈଠକ ଆରମ୍ଭରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଁସଦା ବିଭାଗୀୟ ପ୍ରଗତି ବିବରଣୀ ଉପସ୍ଥାପନ କରିଥିଲେ । ବୈଠକରୁ ଜଣାଗଲା ଯେ, ସମନ୍ୱିତ ଉଦ୍ୟାନ କୃଷି ଉନ୍ନତି ମିଶନ ଅନ୍ତର୍ଗତ ପାଂଚଟି ବ୍ଲକରେ ୫୫ ଏକର ନୂତନ ଆମ୍ବ ବଗିଚା ସୃଷ୍ଟି କରା ଯାଇଛି । ସେହିପରି, ୫ ଏକର ଜମିରେ ନୂତନ ହାଇବ୍ରିଡ ଅମୃତଭଣ୍ଡା ବଗିଚା ସୃଷ୍ଟି କରା ଯାଇଛି । ଏହାସହିତ ଉଦ୍ୟାନ କୃଷି ବିଭାଗର ଯୋଜନାମାନ, ଯଥା ଉଦ୍ୟାନ କୃଷି ଅଭିବୃଦ୍ଧି ପାଇଁ ସମନ୍ୱିତ ମିଶନ, "ପ୍ରତି ବୁନ୍ଦାରୁ ଅଧିକ ଉତ୍ପାଦନ" ଯୋଜନା ଏବଂ ଖାଇବା ତେଲର ଜାତୀୟ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା । ଏହି ଅବସରରେ ପାଂଚଜଣ ପ୍ରଗତିଶୀଳ ଓ ସଫଳ ଉଦ୍ୟାନ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା । ସେମାନେ ହେଲେ ନୂଆଗାଁ ଗ୍ରାମର ମହେଶ୍ୱର ବାଗ, ପଲ୍ଲାଗୁଡ଼ାର ଧ୍ରୁବ ସାହୁ, ବ୍ରହ୍ମାପଡ଼ାର ସୁକାନ୍ତି କଶ୍ୟପ, ମହୁଲପଡ଼ାର ନିରଞ୍ଜନ ମାଝୀ ଓ ଖଡ଼ିଆଳ ଛତା ଗ୍ରାମର ମଣିରାମ ମାଝୀ । ବୈଠକରେ କୋମନା ସହାୟକ ଉଦ୍ୟାନ କୃଷି ଅଧିକାରିଣୀ ଆରାଧନା ଶବର, କୋମନା ଉଦ୍ୟାନ କୃଷି ଅଧିକାରୀ ଗୌରାଙ୍ଗ ଚରଣ ପ୍ରଧାନ, ନୂଆପଡ଼ା ଉଦ୍ୟାନ କୃଷି ଅଧିକାରୀ ଗୋବର୍ଦ୍ଧନ ପାତ୍ରୀ, ଖଡ଼ିଆଳ ସହାୟକ ଉଦ୍ୟାନ କୃଷି ଅଧିକାରୀ ମୋହିତ କୁମାର ନାୟକ ଓ ଉଦ୍ୟାନ କୃଷି ବିଭାଗର ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ

ଭୁବନ : ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ଦାସ କାର୍ଯ୍ୟକ୍ରମକୁ ଉଦଘାଟନ କରି ଛାତ୍ରୀ ମାନେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନେବା ପରେ ନିଜକୁ ସୁରକ୍ଷା ଦେବା ସହିତ ଅନ୍ୟକୁ ସୁରକ୍ଷା ଦେଇ ଏକ ସଶକ୍ତ ସମାଜ ଗଠନରେ ସାମିଲ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜିକା ଡଃ ମମତା ପାତ୍ର କହିଥିଲେ ଯେ, ଆଜିର ସମାଜରେ ପ୍ରତି ମୁହୂର୍ତରେ ନାରୀ ମାନେ ଅପମାନିତ, ନିର୍ଯ୍ୟାତିତ ହେଉଛନ୍ତି । ନିଜର ସୁରକ୍ଷା ପାଇଁ ଆତ୍ମରକ୍ଷା କୌଶଳର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଶାରୀରିକ କ୍ରୀଡା ଶିକ୍ଷକ ଗଦାଧର ସାହୁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାଷ୍ଟର ଟ୍ରେନର ଶିଳା ବେହେରା ଓ ଅନିତା ପୃଷ୍ଟି +୩ ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି । ଏହି ଶିବିର ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜଣା ପଡ଼ିଛି ।

# ଜିଲ୍ଲାପାଳଙ୍କ ନୂଆ ବସ୍‌ଷ୍ଟାଣ୍ଡ ପରିଦର୍ଶନ

ସୁବର୍ଣ୍ଣପୁର: ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼କ୍ଟର ନୃପାରାଜ ସାହୁ ଆଜି ପୂର୍ବାହ୍ନ ୧୧ଟା ସମୟରେରେ ଅସ୍ଥାୟୀ ବସଷ୍ଟାଣ୍ଡ ଅଚାନକ ପରିଦର୍ଶନ କରିଥିଲେ । ପି.ଏଚ.ଡି. ଦେଇଥିବା ପାଣି ଟାଙ୍କିଟି ଦୁଇ ଦିନ ଧରି ଉଭାନ ହୋଇଯିବା ପରେ ଜନ ସାଧାରଣ ଓ ଯାତ୍ରୀଙ୍କ ପିଇବା ପାଣି ଅସୁବିଧା କଥା ଜିଲ୍ଲାପାଳଙ୍କ ନଜରକୁ ଆସିଥିଲା । ବସଷ୍ଟାଣ୍ଡ ପରିଦର୍ଶନ ସମୟରେ ଲୋକଙ୍କ ରହଣି ସ୍ଥାନ ନଥିବାରୁ ଯାତ୍ରୀ ହନ୍ତସନ୍ତ ହେଉଥିବା ଦେଖି ଜିଲ୍ଲାପାଳ ଶୀଘ୍ର ଏକ ରହଣି ସ୍ଥାନ ତିଆରି ପାଇଁ ପୌର ନିର୍ବାହୀ ଅଧିକାରୀ, ସୋନପୁରଙ୍କୁ ଆଦେଶ ଦେଇଥିଲେ । ପୁରୁଷ ଓ ମହିଳା ଶୌଚାଳୟ ତିଆରି ହୋଇ ସାରିଥିଲେ ମଧ କାର୍ଯ୍ୟକ୍ଷମ ହୋଇ ନଥିବାରୁ ଶୀଘ୍ର ଲୋକଙ୍କ ବ୍ୟବହାରରେ କିପରି ଆସିବ ସେ ନେଇ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଥଣ୍ଡା ପାଣିର ସୁବିଧା କିପରି ଶୀଘ୍ର ହୋଇପାରିବ ସେ ନେଇ ସୋନପୁର ଘରୋଇ ବସ ମାଲିକ ସଂଘ ସଭାପତି ଦୀପକ କୁମାର ମହାପାତ୍ର ଓ ସମ୍ପାଦକ ସୁଦର୍ଶନ ପଣ୍ଡାଙ୍କ ସହ ଆଲୋଚନା କରିଥିଲେ । ବସଷ୍ଟାଣ୍ଡରେ ଥିବା ଉଠା ଦୋକାନୀ କେବଳ ୫ ଫୁଟ ଜାଗା ରଖି ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବାକି ଜାଗା ଖାଲି କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୌର ପରିଷଦ ପକ୍ଷରୁ ଦିଆଯାଇଥିବା ଅଚଳ ପାଣି ଟେପ୍ କୁ ଦେଖି ଆହୁରି ବିରକ୍ତି ପ୍ରକାଶ କରିଥିଲେ ଓ ବିକାଶ କାର୍ଯ୍ୟରେ ସାଧାରଣ ଲୋକଙ୍କ ମୌଳିକ ସୁବିଧା ବା ଅଧିକାରରେ ସେ ଯିଏ ବି ବ୍ୟାଘାତ ଦୃଷ୍ଟି କରିବ ସେ ଜିଲ୍ଲା ପ୍ରଶାସନ, ସରକାର ଓ ଲୋକଙ୍କ ଶତ୍ରୁ ବୋଲି ଧରାଯିବ ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ଜିଲ୍ଲାପାଳ ।

# ଶୋଷ ମେଂଟାଉଛି ଚୁଆ ପାଣି, ପାଣି ସମସ୍ୟାକୁ ନେଇ ଗାଁ ଲୋକଙ୍କ ଭୋଟ ବର୍ଜନ ଚେତାବନୀ

ଜୟପୁର : ଜଳ ହିଁ ଜୀବନ । ସେଥିପାଇଁ କୁହାଯାଏ, ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ । ରାଜ୍ୟରେ ଖରା ବଢ଼ିବା ମାତ୍ରେ ଜଳ ଯନ୍ତ୍ରଣା ଜଳଜଳ ହୋଇ ଦେଖାଯାଉଛି । ପରିବାରର ଶୋଷ ମେଂଟାଇବା ପାଇଁ ଘରର ମାଆମାନେ ନିଇତି କରୁଛନ୍ତି ସଂଘର୍ଷ । କେଉଁଠି ଗରା, ବାଲଟି ଧରି ଘରଠୁ ଦୂରକୁ ଯାଉଛନ୍ତି ତ ଆଉ କେଉଁଠି ଏକମାତ୍ର ନଳକୂପ ପାଖରେ ଘଂଟା ଘଂଟା ଧରି ଅପେକ୍ଷା କରିବାକୁ ପଡୁଛି । ଆଉ କୋରାପୁଟ ଜିଲ୍ଲା ଭଳି ଅପହଂଚ ଉପାନ୍ତ ଗ୍ରାମାଚଂଳରେ ବାଧ ହୋଇ ଚୁଆ ପାଣି ଉପରେ ନିର୍ଭର କରନ୍ତି ଗ୍ରାମବାସୀ । ଏଭଳି ଏକ ବାସ୍ତବ ଚିତ୍ର ବୈପାରୀଗୁଡା ବ୍ଲକ ରାମଗିରି ପଂଚାୟତ ମାଳିଗୁଡା ଠାରେ ଦେଖିବାକୁ ମିଳିଛି । ପାହାଡ଼ ପର୍ବତ ଘେରା ଉପାନ୍ତ ମାଳିଗୁଡା ଗାଁରେ ରହୁଥିବା ପଚାଶ ପରିବାର ପ୍ରତିବର୍ଷ ଖରା ଦିନେ ପାନୀୟ ଜଳକୁ ନେଇ ବହୁ ସମସ୍ୟା ଭୋଗନ୍ତି । କାରଣ ଗାଁରେ ପାନୀୟ ଜଳ ଯୋଗାଣ ପାଇଁ ନଳକୂପ ବ୍ୟବସ୍ଥା କରାଯାଇଛି, ହେଲେ ତାହା ୩ ବର୍ଷ ଧରି ଅଚଳ । ଆଉ ବିଦ୍ୟାଳୟ ପରିସରରେ ନଳକୂପ ଅଛି କିନ୍ତୁ ସ୍କୁଲ ପିଲା ଏବଂ ଅଙ୍ଗନବାଡି ପିଲାଙ୍କ ପାଇଁ ସେ ନଳକୂପ ପାଣି ନିଅଂଟ । ତେଣୁ ପିଇବା ଓ ଗାଧୁଆ ପାଇଁ ଗାଁ ଠାରୁ ଏକ କିଲୋମିଟର ଦୂରରେ ଥିବା ଚୁଆ ହିଁ ଏକମାତ୍ର ବିକଳ୍ପ । ଏଠାରେ ପ୍ରଥମେ ଗାଁ ଲୋକେ ନିଜ ଖର୍ଚ୍ଚରେ ପଥର କୁଣ୍ଡ ନିର୍ମାଣ କରିଥିଲେ । ପରବର୍ତୀ ସମୟରେ ପଂଚାୟତ ତରଫରୁ ସେଠାରେ ଲୁହା ଢ଼ାଙ୍କୁଣି ବ୍ୟବସ୍ଥା କରାଯାଇଛି । କିନ୍ତୁ ସେ ଢ଼ାଙ୍କୁଣି କାମରେ ଲାଗୁନି । ବାହାର ପାଣି କୁଣ୍ଡରେ ଭରି ଯାଉଛି ପାଣି ସମ୍ପୂର୍ଣ୍ଣ ଦୂଷିତ ହୋଇଯାଉଛି କ୍ଷ ଗାଁ ରେ ନଳକୂଅ ସୁବିଧା ନ ଥିବା ଯୋଗୁଁ ବାଧ ହୋଇ ଏକ କିଲୋମିଟର ଦୂରରେ ଏହି ଦୂଷିତ ପାଣି ଉପରେ ନିର୍ଭର କରନ୍ତି କ୍ଷ ପୁଣି ପ୍ରତିଦିନ ବଣ ପାହାଡ଼ ଘେରା ରାସ୍ତାରେ ଚାଲିଚାଲି ଯାଇ ବିପଦସଂକୁଳ ପରିସ୍ଥିତିରେ ପାଣି ସଂଗ୍ରହ କରନ୍ତି । ବନ୍ୟଜନ୍ତୁ ଭୟରେ ପାଣି ସଂଗ୍ରହ ପାଇଁ ମହିଳା ମାନେ ଗାଁ ର ପୁରୁଷ ମାନଙ୍କୁ ସାଥୀରେ ନିଅନ୍ତି । ଦୂଷିତ ପାଣି ପିଇ ଲୋକେ ଅନେକ ସମୟରେ ନାନା ଜଳବାହିତ ରୋଗରେ ପଡୁଥିଲେ ବି ପ୍ରଶାସନ ଶୁଣୁନଥିବା ଅଭିଯୋଗ ହୋଇଛି ।"ଏନେଇ ସ୍ଥାନୀୟ ଆଶାକର୍ମୀ ସାବିଦେଇ ବିଶୋଇ କହିଛନ୍ତି ଯେ, ଲୋକଙ୍କୁ ରୋଗ ଦାଉରୁ ଦୂରେଇ ରହିବାକୁ ଯେତେ ଔଷଧ ଓ ମଶାରୀ ଟାଣିବା ପାଇଁ ସଚେତନ କରାଯାଉଛି କିନ୍ତୁ କ'ଣ ହେବ ଏଠାରେ ପିଇବା ପାଇଁ ବିଶୁଦ୍ଧ ଜଳ ମିଳୁନି । ଏଥିପ୍ରତି ପ୍ରଶାସନ ମଧ ଦୃଷ୍ଟି ଦେଉନି । ଗାଁ ର ଦୈତାରୀ ମାଳି, ଧନ ଚୌଧୁରୀ, ଡମ୍ବୁରୁ ମାଳୀ, କଇତା ମାଳି, ଭଗତ ମାଳି, ରାମନାଥ ମାଳି, ଟାଇପି ବିଶୋଇ, ରେବତୀ ମାଳି, ରଦମା ଯାନୀ ତେଟନ୍ତି ମାଳି ପ୍ରମୁଖ ଅଗାମି ଦିନରେ ପାଣି ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏହି ସମସ୍ୟାକୁ ନେଇ ଆମ ପ୍ରତିନିଧି ସ୍ଥାନୀୟ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ ଏସଡିଓ ଅକ୍ଷୟ ପଟ୍ଟନାୟକଙ୍କ ନଜରକୁ ଆଣିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ କରି ଅତି ଶୀଘ୍ର ପାଣି ସମସ୍ୟା ସମାଧାନ କରିବେ ।

# ଜିଲ୍ଲାସ୍ତରୀୟ ଆଶା ସମ୍ମିଳନୀ- ୨୦୨୬ ଅନୁଷ୍ଠିତ

ପୁରୀ(ନିପ୍ର): ଆଦ୍ୟ ତା ୧୩.୦୩.୨୦୨୬ ରିଖ ଦିବା ଦଶ ଘଟିକା ସମୟରେ ଟାଉନ ହଲ, ପୁରୀ ଠାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ପୁରୀ ତରଫରୁ ଆଶା, ଗାଁକଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ଓ ଏଥିରେ ମୁଖ୍ୟ ଅତିଥି ଭାବେ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ, ପୁରୀ, ଯୋଗ ଦେଇଥିଲା ବେଳେ ଡା. ଅକ୍ଷୟ କୁମାର ଶତପଥି ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ପୁରୀ ଏଥିରେ ସଭାପତିତ୍ୱ କରିଥିଲେଓ ଏଥିରେ ଅନ୍ୟତମ ଅତିଥି ଭାବରେ ତନୁପ୍ରଭା ବେଉରା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ପୁରୀ ଏବଂ ପ୍ରଦୀପ୍ତ କୁମାର ସେନାପତି, ଅତିରିକ୍ତ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ, ପୁରୀ ଯୋଗ ଦେଇଥିଲେ, ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲ୍ଲାର ସମସ୍ତ ଏଡିପିଏଚଓ ଏବଂ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ଓ ଶ୍ୟାମ ସୁନ୍ଦର ତ୍ରିପାଠୀ, ଜିଲ୍ଲା ପ୍ରକଳ୍ପ ପରିଚାଳକ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ପୁରୀ ଅତିଥି ମାନଙ୍କର ପରିଚୟ କରାଇବା ସହିତ ତାଙ୍କୁ ସମ୍ବର୍ଦ୍ଧିତ କରି ଥିଲେ ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ସ୍ମରଣ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା, ଅଶୋକ କୁମାର ସାହୁ, ଆଶା ସଂଯୋଜକ, ପୁରୀ ଏହି ସମ୍ମିଳନୀର ଉଦେଶ୍ୟ ବ୍ରିସ୍ତୁତ ଭାବେ ଉଲେଖ କରିଥିଲେ । ଏହା ପରେ ସମସ୍ତ ଅତିଥିମାନଙ୍କ ଦ୍ୱାରା ଆଶା ଓ ଗାଁକଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତି ମାନଙ୍କର ଆଜିର ପରିସ୍ଥିତିରେ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ ଓ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ, ପୁରୀ, ଉଭୟ ଗ୍ରାମାଂଚଳ ଓ ସହରାଂଚଳ ରେ ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ପାଖରେ ପହଁଚେଇବା ପାଇଁ ଆଶା କର୍ମୀ ମାନଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନିଅ ବୋଲି କହିଥିଲେ ଓ ମାତୃ ଓ ଶିଶୁ ସୁରକ୍ଷା, ଟୀକାକରଣ, ପୌଷ୍ଟିକ ଆହର ଓ ବିଭିନ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟ କର୍ମକୁ ସଫଳ କରିବାରେ ଆଶା କର୍ମୀ ମାନଙ୍କ ସହଭାଗିତା ଗୁରୁତ୍ୱପୂର୍ଣ୍ଣ ଓ ଅନ୍ୟ ସମସ୍ତ ଅତିଥିବୃନ୍ଦ ଆଶାମାନଙ୍କର କାର୍ଯ୍ୟକୁ ଭୁୟସୀ ପ୍ରଂଶସା କରିଥିଲେ ଓ ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସେବାରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ୮ ଜଣ ଆଶାକର୍ମୀ, ୧୨ ଗୋଟି ଗାଁ କଲ୍ୟାଣ ସମିତି, ୧୧ ଗୋଟି ଉପ କେନ୍ଦ୍ର ଜନ ଆରୋଗ୍ୟ ସମିତି, ୩୩ ଗୋଟି ମହିଳା ଆରୋଗ୍ୟ ସମିତିକୁ ଅର୍ଥ ପ୍ରଦାନ ସହ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା ।

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ହାତକୁ ହାତ ଧରିଲେ ୪୩ ଯୋଡ଼ି



ବାରିପଦା(ନିପ୍ର): ରାଜ୍ୟ ସରକାରଙ୍କ ସାମାଜିକ କଲ୍ୟାଣ ମୂଳକ ପଦକ୍ଷେପ ଭାବେ ଆରମ୍ଭ ହୋଇଥିବା 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଆର୍ଥିକ ଦୁର୍ବଳ ଶ୍ରେଣୀର କନ୍ୟାମାନଙ୍କୁ ବିବାହ ସମୟରେ ସହାୟତା ପ୍ରଦାନ କରି ସମାଜରେ ସାମାଜିକ ସୁରକ୍ଷା ଓ ସମତା ସୃଷ୍ଟି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରୂପେ ପ୍ରମାଣିତ ହେଉଛି । ଏହି ଯୋଜନା ମାଧ୍ୟମରେ ଯୋଗ୍ୟ ହିତାଧିକାରୀ କନ୍ୟାମାନଙ୍କ ବିବାହକୁ ସମୂହ ଭାବେ ସମ୍ପନ୍ନ କରାଯାଇ ସେମାନଙ୍କୁ ଏକ ସୁନ୍ଦର ଓ ସୁରକ୍ଷିତ ଭବିଷ୍ୟତ ପାଇଁ ପ୍ରେରିତ କରାଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତରଫରୁ ବାରିପଦା ସ୍ଥିତ ଛଉ ପଡ଼ିଆ ଠାରେ ଏକ ବିଶାଳ ସମୂହ ବିବାହ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ ମୋଟ ୪୩ ଯୋଡ଼ି ବର ଓ ବଧୂ ପାରମ୍ପରିକ ରୀତିନୀତି ଅନୁସାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ଏହି ମାଙ୍ଗଳିକ କାର୍ଯ୍ୟକ୍ରମ ନବଦମ୍ପତିମାନଙ୍କ ଜୀବନରେ ନୂଆ ଆଶା, ଆନନ୍ଦ ଓ ଆତ୍ମବିଶ୍ୱାସ ସୃଷ୍ଟି କରିଥିଲା । ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ୍ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ନବଦମ୍ପତିମାନଙ୍କୁ ତାଙ୍କର ନୂତନ ବୈବାହିକ ଜୀବନ ପାଇଁ ଶୁଭେଚ୍ଛା ଓ ଆଶୀର୍ବାଦ ଜଣାଇଥିଲେ । ତାଙ୍କ ଅଭିଭାଷଣରେ ସେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ସହାୟକ ହେବ । ଏହା ମାଧ୍ୟମରେ ଆର୍ଥିକ ଦୁର୍ବଳ ପରିବାରମାନେ ନିଜ କନ୍ୟାଙ୍କ ବିବାହ ସମୟରେ ଆର୍ଥିକ ଚାପରୁ ମୁକ୍ତି ପାଇପାରିବେ ଏବଂ ସମ୍ମାନପୂର୍ଣ୍ଣ ଭାବରେ ସେମାନଙ୍କ ଜୀବନ ଯାପନ କରିପାରିବେ । ସେ ଆହୁରି କହିଥିଲେ ଯେ, ଏହି ଯୋଜନା ମାଧ୍ୟମରେ ବିଧବା ବିବାହକୁ ମଧ୍ୟ ପ୍ରୋତ୍ସାହନ ଦିଆଯାଉଛି, ଯାହା ଦ୍ୱାରା ସମାଜରେ ସାମାଜିକ ସଚେତନତା ବୃଦ୍ଧି ପାଇବା ସହିତ ବିଧବାମାନଙ୍କୁ ପୁନର୍ବାର ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଇ ସେମାନଙ୍କୁ ସଶକ୍ତିକରଣ କରାଯାଇପାରିବ । ଏହି ଯୋଜନା ଅନୁସାରେ ପ୍ରତ୍ୟେକ କନ୍ୟାଙ୍କୁ ସରକାରଙ୍କ ପକ୍ଷରୁ ସର୍ବମୋଟ ୬୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏଥିରୁ ୪୫,୦୦୦ ଟଙ୍କା Direct Benefit Transfer (DBT) ମାଧ୍ୟମରେ ସିଧାସଳଖ କନ୍ୟାଙ୍କ ବ୍ୟାଙ୍କ ଖାତାରେ ଜମା ହେବାର ବ୍ୟବସ୍ଥା ରହିଛି । ଅବଶିଷ୍ଟ ୧୫,୦୦୦ ଟଙ୍କା ବିବାହ ସମ୍ପର୍କିତ ଆନୁସଙ୍ଗିକ ଖର୍ଚ୍ଚ ପାଇଁ ନିୟୋଜିତ କାର୍ଯ୍ୟକାରୀ ସଂସ୍ଥା ଗ୍ରାମୀଣ ବିକାଶ କାର୍ଯ୍ୟକାରୀଣୀ କମିଟିକୁ ପ୍ରଦାନ କରାଯାଇଛି । ଏହି ସମୂହ ବିବାହ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକ ବ୍ୟବସ୍ଥା କରାଯାଇ ଥିଲା । ବର ଓ ବଧୂମାନଙ୍କ ପାଇଁ ପାରମ୍ପରିକ ରୀତିନୀତି ଅନୁସାରେ ବିବାହ ଆୟୋଜନ ସହିତ ସମସ୍ତ ଆବଶ୍ୟକ ସୁବିଧା ଯଥା ଆସନ ବ୍ୟବସ୍ଥା, ପୂଜା ପାଠ, ଭୋଜନ ବ୍ୟବସ୍ଥା ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଥିଲା । ନବଦମ୍ପତି ମାନଙ୍କ ପରିବାର ସଦସ୍ୟ ଓ ଆତ୍ମୀୟସ୍ୱଜନମାନଙ୍କ ଉପସ୍ଥିତିରେ ଏହି ମାଙ୍ଗଳିକ କାର୍ଯ୍ୟକ୍ରମ ଆନନ୍ଦମୟ ପରିବେଶରେ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଖବନ୍ଧୁ ନାୟକ, ଉପ-ଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡ଼ା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ଶ୍ରୀମତୀ ନିହାରିକା ମହାନ୍ତି, ଜିଲ୍ଲା ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ସସ୍ମିତା ମହାନ୍ତି, ସାମାଜିକ ମଙ୍ଗଳ ଅଧିକାରୀଣୀ ଅନ୍ନପୂର୍ଣ୍ଣା ବୁରୁଡ଼ା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ସହିତ ଅନ୍ୟାନ୍ୟ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷମାନେ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରଶାସନଙ୍କ ଏହି ପ୍ରୟାସ ମାଧ୍ୟମରେ ସମୂହ ବିବାହ ପ୍ରଥାକୁ ପ୍ରୋତ୍ସାହନ ମିଳୁଥିବା ସହିତ ଆର୍ଥିକ ଦୁର୍ବଳ ପରିବାରମାନଙ୍କୁ ସହାୟତା ମିଳୁଛି । ଏହା ସମାଜରେ ସମାନତା, ସାମାଜିକ ସୁରକ୍ଷା ଓ ସଚେତନତା ବୃଦ୍ଧି କରିବାରେ ଏକ ଉତ୍କୃଷ୍ଟ ପଦକ୍ଷେପ ଭାବେ ପରିଗଣିତ ହେଉଛି ।

# 'ଓଡ଼ିଶା ଶିକ୍ଷା ସର୍ବେକ୍ଷଣ ପ୍ରୋଗ୍ରାମର' ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ



ପୁରୀ(ନିପ୍ର): ପୁରୀ ଜିଲ୍ଲା ସ୍କୁଲ୍ ପରିସରରେ 'ଓଡ଼ିଶା ଶିକ୍ଷା ସର୍ବେକ୍ଷଣ ପ୍ରୋଗ୍ରାମର' ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଯେଉଁ ପିଲାମାନେ ଅଧାରୁ ପାଠ ଛାଡ଼ିଥିଲେ, ବିଭିନ୍ନ କାରଣରୁ ମୂଳରୁ ପାଠ ପଢ଼ିବା ପାଇଁ ଆଡିମିସନ୍ କରି ନ ଥିଲେ ଓ ଯେଉଁ ଭିନ୍ନକ୍ଷମ ପିଲାମାନେ ସମାଜରେ ଅଣଦେଖା ହୋଇ ପାଠ ପଢୁ ନ ଥିଲେ ସେମାନଙ୍କୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ସି ଆର୍ ସିସି ମାନଙ୍କ ଦ୍ୱାରା ଚିହ୍ନଟ କରାଯାଇ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ନାମ ଲେଖାଇ ଦିଆଯିବା ସହ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରାଯାଇଛି । ସେହି ପିଲା ମାନଙ୍କ ମଧ୍ୟରୁ ବିଭିନ୍ନ ଶ୍ରେଣୀର ପ୍ରାୟ ୬୦ ଜଣ ଛାତ୍ରଛାତ୍ରୀ, ସେମାନଙ୍କ ଅଭିଭାବକ ଓ ସେମାନଙ୍କୁ ଚିହ୍ନଟ କରାଇ ମୁଖ୍ୟ ସ୍ରୋତରେ ସାମିଲ କରାଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ଓ ସି ଆର୍ ସି ସି ମାନଙ୍କୁ ନେଇ ଏହି ବୈଠକ ଆୟୋଜନ କରାଯାଇ ଥିଲା । ଏଥିରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜୀବନ କୁମାର (ଆଇ ଏ ଏସ) ଓ କୌଶଳେନ୍ଦ୍ର ପ୍ରତାପ ସିଂହ (ଆଇ ଏ ଏସ) ତଥା ସନ୍ତୋଷ କୁମାର ରାଉତ, ଯୁଗ୍ମ ନିର୍ଦ୍ଦେଶକ, ସମଗ୍ର ଶିକ୍ଷା, ଓଡ଼ିଶା ଓ ଦୀପକ କୁମାର ରାୟ, ସହାୟକ ନିର୍ଦ୍ଦେଶକ, ଓସେପା, ଓଡ଼ିଶା ସମୀକ୍ଷକ ରୂପେ ଯୋଗଦାନ କରିଥିଲେ । ସେମାନେ ପ୍ରତ୍ୟେକ ଛାତ୍ରଛାତ୍ରୀ ମାନଙ୍କ ଠାରୁ ସେମାନଙ୍କ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ଶିକ୍ଷକ ଶିକ୍ଷୟିତ୍ରୀ, ସି ଆର୍ ସିସି ଓ ଅଭିଭାବକ ମାନଙ୍କ ଠାରୁ ମଧ ପିଲାମାନଙ୍କ ବିଷୟରେ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ପିପିଟି ପ୍ରଦର୍ଶନ ମାଧ୍ୟମରେ ଏ ସମ୍ପର୍କରେ ସମଗ୍ର ଜିଲ୍ଲାର ତଥ୍ୟ ବିଷଦ ଭାବେ ଉପସ୍ଥାପନ ଓ ତର୍ଜମା କରିଥିଲେ । ଏହାର ସାମଗ୍ରିକ ପ୍ରସ୍ତୁତି ଡପିସି ଓ ଡିଇଓଙ୍କ କାର୍ଯ୍ୟାଳୟ ତରଫରୁ କରାଯାଇ ଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ଓ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ୍, ପୁରୀ ଜିଲ୍ଲା ସ୍କୁଲ୍ ର ମଞ୍ଜୁଲତା ସାମନ୍ତରାୟ, ବିଶ୍ୱଜିତ୍ ବାନାର୍ଜୀ, ଜିଲ୍ଲା ସ୍କୁଲ୍ ପରିଚାଳନା କମିଟି ସଭାପତି ସୁଧାଂଶୁ ଶେଖର ରାୟ, ଆଲୁମିନି କମିଟି ସଭାପତି ରାଜକିଶୋର ପାତ୍ର, ପୁରୀ ଜିଲ୍ଲାର ସମସ୍ତ ମଣ୍ଡଳ ଶିକ୍ଷାଧିକାରୀ, ସମସ୍ତ ସି ଆର୍ ସିସି ଓ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ତୈଳ ଓ ରନ୍ଧନ ଗ୍ୟାସ ଗଚ୍ଛିତର ନିଶ୍ଚିତତା ଉପରେ ଜରୁରୀକାଳୀନ ବୈଠକ

ଜଗତସିଂହପୁର(ନିପ୍ର): ଜିଲ୍ଲାପାଳ ଶ୍ରୀ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ତୈଳ ଓ ରନ୍ଧନ ଗ୍ୟାସର ଆବଶ୍ୟକୀୟ ଗଚ୍ଛିତର ନିଶ୍ଚିତତା କୁ ନେଇ ଏକ ଜରୁରକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ବୈଠକ ରେ କହିଥିଲେ ଯେ ବର୍ତ୍ତମାନ ସମୟ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଆମେ ଭୟଭୀତ ନ ହୋଇ ସଚେତନ ରହିବା । ଓଡ଼ିଶାରେ ଆସନ୍ତା ୧୫/ ୨୦ଦିନ ଯାଏଁ ରନ୍ଧନ ଗ୍ୟାସର ଅଭାବ ରହିବ ନାହିଁ । ବର୍ତ୍ତମାନ ଓଡିଶାରେ ଆବଶ୍ୟକ ପରିମାଣର ରନ୍ଧନ ଗ୍ୟାସ ଗଚ୍ଛିତ ରହିଛି । ରନ୍ଧନ ଗ୍ୟାସ ଅଭାବକୁ ନେଇ ଗୁଜବ ରେ ଭୟଭୀତ ନ ହେବା ପାଇଁ ସାଧାରଣ ଜନତାଙ୍କୁ ସଚେତନ କରାଇବା ପାଇଁ କହିଥିଲେ । ଭାରତ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ବର୍ତ୍ତମାନ ଗ୍ୟାସ ବୁକିଂ ର ବ୍ୟବଧାନ କୁ ୨୧ ଦିନରୁ ବଢ଼ାଯାଇ ୨୫ ଦିନ ରଖାଯାଇଛି । ଯଦି ଭବିଷ୍ୟତରେ କିଛି ଅଭାବନୀୟ ପରିସ୍ଥିତି ଆସେ ପ୍ରଥମତଃ ଜନମଙ୍ଗଳକାରୀ ଯୋଜନାରେ ଜଡ଼ିତ ଯଥା ଡାକ୍ତରଖାନା, ବିଦ୍ୟାଳୟ, ଛାତ୍ରାବାସ, ଆହାର କେନ୍ଦ୍ର, ଜେଲ, ଅଙ୍ଗନୱାଡ଼ି କେନ୍ଦ୍ର ଓ ବୃଦ୍ଧାଶ୍ରମ ଭଳି ସ୍ଥାନକୁ ପ୍ରାଥମିକତା ଦିଆଯିବ ବୋଲି ସେ କହିଥିଲେ । ତୈଳ ଅଭାବ କୁ ନେଇ ଆମେ ସ୍ୱଳ୍ପ ମାତ୍ର ଭୟଭୀତ ହେବାର ଆବଶ୍ୟକତା ନାହିଁ ବୋଲି କହିଥିଲେ ଯଥେଷ୍ଟ ପରିମାଣର ତୈଳ ଗଚ୍ଛିତ ରହିଛି । କଳାବଜାରୀକୁ ପ୍ରଶୟ ଦିଆଯିବ ନାହିଁ । ଯେଉଁ ଡିଷ୍ଟ୍ରିବ୍ୟୁଟର ଓ ଓରମାସ ପକ୍ଷର ସ୍ୱୟଂ ସହାୟକ ଗୋଷ୍ଠୀ ମାନେ କଳାବଜାରୀ କରିବେ ବା ବେଆଇନ ଭାବେ ଗଚ୍ଛିତ ରଖିବେ ତାଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଉପସ୍ଥିତ ରହି ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା କହିଥିଲେ ବର୍ତ୍ତମାନ ଗଚ୍ଛିତ ଥିବା ରନ୍ଧନ ଗ୍ୟାସ ଚାହିଦା ପୂରଣ ପାଇଁ ଯଥେଷ୍ଟ । ଭୟଭୀତ ନ ହୋଇ ସାଧାରଣ ଜନତା ସଚେତନ ରୁହନ୍ତୁ । ଏହି ସମୟ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ହୋଇଥିବାରୁ ସାଇବର ଅପରାଧ ର ଆଶଙ୍କା ରହିଛି ଏବଂ ଏଥି ପ୍ରତି ସମସ୍ତେ ସଜାଗ ରହିବାକୁ ସେ ଉପଦେଶ ଦେଇଥିଲେ । ଭାରତ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବା ନୀଳ ରଙ୍ଗର ସିଲିଣ୍ଡର ର ପୁନଃପୁରଣ କୁ ଅସ୍ଥାୟୀ ଭାବରେ ବନ୍ଦ କରିଦିଆଯାଇଛି ବର୍ତ୍ତମାନ କେବଳ ଘରୋଇ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବା ନାଲି ରଙ୍ଗର ସିଲିଣ୍ଡରର ପୁନଃପୁରଣ କରାଯାଉଛି । କୌଣସି ଅଶୋଚନୀୟ ପରିସ୍ଥିତି ପାଇଁ ନିକଟସ୍ଥ ଥାନାକୁ ଯୋଗାଯୋଗ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସହଯୋଗ ରହିଛି ଏବଂ ସମସ୍ତଙ୍କ ସହଯୋଗରେ ପରିସ୍ଥିତିକୁ ସାମନା କରିବାକୁ ସେ କହିଥିଲେ ।

# କୋଟିଏ ଟଙ୍କାର ପ୍ରକଳ୍ପ ପାଣିରେ ପଡିବ, ବିନା ସୂଚନା ଫଳକରେ ଚାଲିଚି କାମ



ଧାମନଗର(ନିପ୍ର): ବନ୍ୟା ବିଭୀଷିକା ରୁ ମୁକ୍ତି ଦେବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ମାତ୍ର ଧାମନଗର ଜଳସେଚନ ବିଭାଗର କିଛି ଅଧିକାରୀ ଓ ଲାଭଖୋର ଠିକାଦାରଙ୍କ ପାଇଁ ଏହା ଏବେ 'ଦୁର୍ନୀତିର ଚରାଭୂଇଁ' ପାଲଟିଛି । ଫଳପୁର କଣ୍ଡୀଆ ନଦୀର ବେଲଗଣ୍ଡ ଠାରେ ଚାଲିଥିବା ପଥର ଚଟାଣ ନିର୍ମାଣ କାର୍ଯ୍ୟରେ ସ୍ୱଚ୍ଛତାକୁ ଜଳାଞ୍ଜଳି ଦିଆଯାଇ କେବଳ ପକେଟ୍ ଗରମ କରିବାର ଅଭିସନ୍ଧି ରଖାଯାଇଛି ।ସରକାରୀ ନିୟମ ଅନୁଯାୟୀ, ଅନ୍ୟ ସ୍ଥାନରୁ ମାଟି ଆଣି ବନ୍ଧ ପ୍ରସ୍ତୁତ ପୂର୍ବକ ପଥର ଚଟାଣ କରାଯିବାର ବିଧି ରହିଛି । କିନ୍ତୁ ଏଠାରେ ନଦୀ କୂଳରୁ ହିଁ ମାଟି ଖୋଳି ବନ୍ଧ ରେ ମାଟି ପକାଯାଉଛି । ଫଳରେ ନଦୀ ବନ୍ଧ ନିର୍ମାଣ ନୁହେଁ, ବରଂ ନଦୀର ସୁରକ୍ଷା ବଳୟକୁ ଅତି ଦୁର୍ବଳ କରାଯାଉଛି । ପ୍ରଥମ ବନ୍ୟା ବନ୍ଧ ଧୋଇଯିବା ଏକ ପ୍ରକାର ନିର୍ଶ୍ଚିତ । ପ୍ରକଳ୍ପର ମୂଲ୍ୟ କେତେ କାର୍ଯ୍ୟର ସ୍ଥାୟିତ୍ୱ କେତେ ଦିନ ଏହା ଜାଣିବାର ଅଧିକାର ଜନସାଧାରଣଙ୍କର ରହିଛି । ମାତ୍ର ଦୁର୍ନୀତିର ଗନ୍ଧ ଯେମିତି ବାହାରକୁ ନଆସୁ, ସେଥିପାଇଁ ସୂଚନା ଫଳକକୁ ଜାଣିଶୁଣି ଠିକାଦାର କାର୍ଯ୍ୟ ସ୍ଥଳରେ ଲଗାଇ ନାହାଁନ୍ତି । କାର୍ଯ୍ୟସ୍ଥଳରେ ନା ଅଛନ୍ତି ଯନ୍ତ୍ରୀ, ନା ଦେଖା ମିଳୁଛି ଠିକାଦାରଙ୍କର । କେବଳ ଶ୍ରମିକଙ୍କ ଭରସାରେ କୋଟିଏ ଟଙ୍କାର କାମ ଚାଲିବା କେଉଁ ପ୍ରକାର ଶାସନ ବୋଲି ପ୍ରଶ୍ନ ଉଠୁଛି । ବେଲଗଣ୍ଡ ରୁ ବନ୍ୟା ଜଳ ମାଡ଼ି ଆସିଲେ ଭଟସାହୀ, କୋଠାର ଓ ବୟାଙ୍ଗଡିହୀ ଭଳି ପଂଚାୟତର ଚାଷୀ କୂଳ ହାହାକାର କରନ୍ତି । ଲୋକଙ୍କ ଘରଦ୍ୱାର ଓ ରାସ୍ତାଘାଟ ନଷ୍ଟ ହୁଏ । ସରକାର ଏହାର ସ୍ଥାୟୀ ପ୍ରତିକାର ପାଇଁ ଅଂଟା ଭିଡ଼ିଥିବା ବେଳେ ବିଭାଗୀୟ ଦୂରଦୃଷ୍ଟିର ଅଭାବ ଓ ଅସାଧୁ ବ୍ୟକ୍ତି ଙ୍କ ଗୁପ୍ତ ବୁଝାମଣା ଯୋଗୁଁ ସାଧାରଣ ଲୋକେ ବଳି ପଡ଼ିବାକୁ ଯାଉଛନ୍ତି । ଏ ସମ୍ପର୍କ ରେ ଯନ୍ତ୍ରୀ ବିମଳ ବେହେରାଙ୍କୁ ପଚାରିବାରୁ ସେ ଏହାକୁ 'ସାଧାରଣ ପ୍ରକ୍ରିୟା' କହି ଏଡ଼ାଇ ଯାଉଥିବା ବେଳେ, ବନ୍ୟା ପରେ ପୁଣି କାମ ହେବ ବୋଲି କହିଛନ୍ତି । ଯଦି ବିଭାଗୀୟ ଅଧିକାରି ଓ ଜିଲ୍ଲା ପ୍ରଶାସନ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନକରନ୍ତି, ତେବେ କୋଟିଏ ଟଙ୍କାର ସରକାରୀ ପାଣ୍ଠି ପାଣିରେ ପଡ଼ିବ ଏବଂ ହଜାର ହଜାର ଚାଷୀ ସର୍ବସ୍ୱାନ୍ତ ହେବେ ।

# ଆଗାମୀ ନିର୍ବାଚନରେ ପଂଚାୟତ ସମିତି ଦଖଲ କରିବ କଂଗ୍ରେସ



ନୀଳଗିରି(ନିପ୍ର): ରାଜ୍ୟ କଂଗ୍ରେସର ନବକଳେବର ପରେ ବାଲେଶ୍ୱର ଜିଲ୍ଲାରେ ସଭାପତିର ବାଗଡୋର ସମ୍ଭାଳିଥିବା ଅଭିଜ୍ଞ ସାମ୍ବାଦିକ ତଥା ବିଚକ୍ଷଣ ରାଜନେତା ସତ୍ୟଶିବ ଦାସଙ୍କ ମାର୍ଗଦର୍ଶନରେ ନୀଳଗିରି ବ୍ଲକ୍ ର ନବନିଯୁକ୍ତ ସଭାପତି ଯୁବନେତା ତପନ କୁମାର ରାଉତଙ୍କ ନେତୃତ୍ୱରେ ଦଳର ପ୍ରଥମ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ଭଉଁରିଆବାଡ ପଂଚାୟତ ଗୋଡିଶୁଳ ସ୍ଥିତ ମିକୋ ଟୁରିଜିମ ପାର୍କ ଠାରେ ନୀଳଗିରି କଂଗ୍ରେସର ବହୁ ତୁଙ୍ଗ ଏବଂ ଯୁବନେତୃବୃନ୍ଦଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା । ସଭାପତି ତପନ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ କଂଗ୍ରେସନେତା ତଥା ବିଧାୟକ ପ୍ରାର୍ଥୀ ଇଂ ଦୀପ୍ତିକାନ୍ତ ମହାପାତ୍ର, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସମରେନ୍ଦ୍ର ଦାସ, ରାଜ୍ୟ କିଶାନକଂଗ୍ରେସ ତଥା ଜିଲ୍ଲା ସାଧାରଣସମ୍ପାଦକ ଯଶୋଦାନନ୍ଦନ ସିଂହ, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ରାମକୃଷ୍ଣ ଜେନା, ଜିଲ୍ଲା ସାଧାରଣସମ୍ପାଦକ ଯୋଗେଶ୍ୱର ବେହେରା, କଂଗ୍ରେସ ନଗରସଭାପତି ଉପେନ୍ଦ୍ର ବେହେରା, ନରସିଂହପୁର ପଂଚାୟତର ବରିଷ୍ଠନେତା ସନାତନ ଜେନା , ବରିଷ୍ଠ କଂଗ୍ରେସନେତା ଅଶ୍ୱିନୀ ଦାସ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ରୁକ୍ମଣୀ ସିଂ, ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଅଶ୍ୱିନୀ କୁମାର ପାତ୍ର, ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ରାସବିହାରୀ ମହାପାତ୍ର, ପୂର୍ବତନ ବ୍ଲକ୍ ମହିଳା ସଭାପତି ବାସନ୍ତୀ ସିଂ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ଯଶୋଦା ନାୟକ, ଜିଲ୍ଲା କମିଟି ସମ୍ପାଦକ ପ୍ରଦୀପ ବେହେରା, ଉମେଶ ଧଳ, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ସୁରେନ୍ଦ୍ର ଦାସ, ପୂର୍ବତନ ସରପଂଚ ଧୀରେନ୍ଦ୍ର ନାୟକ, ରତିକାନ୍ତ ବେହେରା ପ୍ରମୁଖ, ନୀଳଗିରି ବ୍ଲକର ୨୫ଗୋଟି ପଂଚାୟତ ତଥା ନୀଳଗିରି ନିର୍ବାଚନମଣ୍ଡଳୀ ଔପଦା, ବାହାନଗା ବ୍ଲକର ଅଧିକାଂଶ ପଂଚାୟତର ଛାମୁଆ ନେତାଙ୍କ ସହିତ ବହୁବରିଷ୍ଠ ନେତାଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା । ତେବେ ଆଜିର ଉପସ୍ଥିତି କଂଗ୍ରେସଦଳକୁ ଏକ ନୂତନ ଦିଶା ଓ ସମ୍ଭାବନାର ପୂର୍ବାଭାଷ ବୋଲି ଉପସ୍ଥିତ ନେତାମାନଙ୍କ ଅଭିଭାଷଣରେ ମତପ୍ରକାଶ ପାଇଥିଲା । ଆଗାମୀ ଦିନରେ ତପନ କୁମାର ରାଉତଙ୍କ ନେତୃତ୍ୱରେ ଦଳ ନିର୍ବାଚନ ମଣ୍ଡଳୀର ପ୍ରତି ପଂଚାୟତରେ ପହଂଚି ଦଳକୁ ତୃଣମୂଳ ସ୍ତରରେ ସଂଗଠିତକରି ଲୋକଙ୍କ ସମସ୍ୟା ସମାଧାନ କରିବାଦିଗରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାକୁ ବୈଠକରେ ନିଷ୍ପତି ହୋଇଥିବା ବେଳେ ଆଗାମୀ ପଂଚାୟତ ନିର୍ବାଚନରେ ଦଳ ପ୍ରତି ବ୍ଲକରେ ପଂଚାୟତସମିତି ଦଖଲ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଏବଂ ନୀଳଗିରି ନେତୃତ୍ୱଙ୍କ ପ୍ରତି ଆସ୍ଥାଭାଜନ କରି ଅନ୍ୟଦଳର ୨୫ରୁ ଉର୍ଦ୍ଧ୍ୱ କର୍ମୀ କଂଗ୍ରେସରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା ।

# ଜାତୀୟ ମହିଳା ଆୟୋଗ ଓ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଆନୁକୂଲ୍ୟରେ ଜନଶୁଣାଣି ଅନୁଷ୍ଠିତ

କଟକ(ନିପ୍ର): ମହିଳାମାନଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗର ଯଥାଶୀଘ୍ର ସମାଧାନ ଉଦ୍ଦେଶ୍ୟରେ ଜାତୀୟ ମହିଳା ଆୟୋଗ ଓ ଓଡିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଆନୁକୂଲ୍ୟରେ ଆଜି ନେତାଜୀ ସଂସ୍କୃତି ଭବନଠାରେ ସ୍ୱତନ୍ତ୍ର ଜନଶୁଣାଣି ଜଗତସିଂହପୁର ଓ କଟକ ଜିଲ୍ଲାକୁ ନେଇ ଅନୁଷ୍ଠିତ ହୋଇଯାଇଛି । ମହିଳା କମିଶନ ଅଧକ୍ଷା ଶ୍ରୀମତୀ ଶୋଭନା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମହିଳାଙ୍କ ଘରୋଇ ହିଂସା, ନିର୍ଯାତନା, ପରିତ୍ୟାଗ, ବୈବାହିକ ବିବାଦ, ମହିଳା ଅଧିକାର ଉଲଂଘନ ଏବଂ ମହିଳା କଲ୍ୟାଣ ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଜଡିତ ଅଭିଯୋଗର ଶୁଣାଣି ହୋଇଥିଲା । ଶୁଣାଣି ସମୟରେ ଓଡିଶା ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତିଙ୍କ ସମେତ କମିଶନଙ୍କ ସଦସ୍ୟା ତଥା କଟକ ଓ ଜଗତସିଂହପୁର ଜିଲ୍ଲାର ଇନଚାର୍ଜ ପ୍ରତିଭା ଶତପଥୀ, ସଦସ୍ୟା ମୁକ୍ତା ସାହୁ, ଉର୍ମିଳା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ମାମଲା ଗୁଡିକର ସମାଧାନ ନିମନ୍ତେ ପକ୍ଷଗୁଡିକ ସହ ଆଲୋଚନା କରିଥିଲେ । ଜଗତସିଂହପୁର ଓ କଟକ ଜିଲ୍ଲାରୁ ସମୁଦାୟ ୫୩ଟି ଅଭିଯୋଗ ହସ୍ତଗତ ହୋଇଥିଲା । ସେଥିମଧ୍ୟରୁ ୪ଟି ମାମଲାର ସଫଳ ଆପୋଷ ସମାଧାନ କରାଯାଇଥିବା ବେଳେ ୩ଟି ମାମଲାର ଅଧିକ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଆୟୋଗ ପକ୍ଷରୁ ସୁପାରିଶ କରାଯାଇଛି । ଗୋଟିଏ ମାମଲାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ କୁ ହସ୍ତାନ୍ତର କରାଯାଇଥିବା ବେଳେ ପରବର୍ତ୍ତୀ ଶୁଣାଣି ନିମନ୍ତେ ୨୯ଜଣଙ୍କୁ ନୋଟିସ ପ୍ରେରଣ କରାଯାଇଛି । ଏଥିସହିତ କମିଶନଙ୍କ ନିକଟରେ ୬ଟି ନୂତନ ମାମଲା ପଞ୍ଜିକୃତ ହୋଇଛି । ମହିଳାମାନଙ୍କ ସୁରକ୍ଷା ଓ ସେମାନଙ୍କ ଅଧିକାର ସୁନିର୍ଶ୍ଚିତ କରିବା ପାଇଁ କମିଶନ ଏଭଳି ଶୁଣାଣୀ ଜରିଆରେ ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରୁଛନ୍ତି ବୋଲି ଅଧକ୍ଷା ଶୋଭନା ମହାନ୍ତି ପ୍ରକାଶ କରିଛନ୍ତି ।

# ଏନଏସି ଘୋଷଣା ଦାବୀ କରି ବୋରିଗୁମ୍ମା ନାଗରିକ ମଂଚର ୧୨ ଘଂଟିଆ ବନ୍ଦ ଡାକରା



ବୋରିଗୁମ୍ମା(ନି.ପ୍ର.)ବୋରିଗୁମ୍ମା ସହର କୁ ବିଜ୍ଞାପିତ ଅଂଚଳ ପରିଷଦ(ଏନଏସି) ଘୋଷଣା ଦାବୀ କରି ବୋରିଗୁମ୍ମା ନାଗରିକ ମଂଚ ପକ୍ଷରୁ ୧୨ ଘ[ଆ ବନ୍ଦ ଡାକରା ଦିଆଯାଇଥିଲା ।ଆଜି ସକାଳ ୬ ଟା ଠାରୁ ସନ୍ଧ୍ୟା ୬ ଘ[ ପର୍ଯ୍ୟନ୍ତ ଦୋକାନ ବଜାର ବନ୍ଦ ସହ ଗାଡି ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା । ବୋରିଗୁମ୍ମା ବନ୍ଦ କୁ କଂଗ୍ରେସ ଓ ବିଜେଡି ସମ୍ପୁର୍ଣ୍ଣ ସମର୍ଥନ କରିଛନ୍ତି ।ରାଜ୍ୟର ଏକ ବୃହତ ବ୍ଲକ ଭାବେ ବୋରିଗୁମ୍ମା ପରିଚିତ ।ବିଭିନ୍ନ ଦୃଷ୍ଟି କୋଣ ରୁ ବୋରିଗୁମ୍ମା ଏନଏସି ପାଇଁ ସମସ୍ତ ମାପ ଦଣ୍ଡ ଥାଇ ସୁଦ୍ଧା ଏପର୍ଯ୍ୟନ୍ତ ବୋରିଗୁମ୍ମା ଏନଏସି ଘୋଷଣା ହୋଇପାରି ନାହିଁ ।ଗତ ସରକାର ସମୟରେ ବୋରିଗୁମ୍ମା ଏନଏସି ଘୋଷଣା ଏକ ପ୍ରହେଳିକା ରହିଥିବା ବେଳେ ବର୍ତମାନ ମୋହନ ସରକାର ଗତ କିଛି ଦିନ ତଳେ ସାତ ଜିଲ୍ଲାର ୧୨ ଟି ଅଂଚଳ କୁ ଏନଏସି ଘୋଷଣା କରିଥିଲେ ।କିନ୍ତୁ ବୋରିଗୁମ୍ମା ସହର ର ନାଁ ନ ଥିଲା ।ଯାହାଫଳରେ ରାଜନୈତିକ ସ୍ତରରେ ହେଉ ଅବା ପ୍ରଶାସନିକ ସ୍ତରରେ ବୋରିଗୁମ୍ମା ସହର କୁ ଏନଏସି ଘୋଷଣା ସମ୍ପୁର୍ଣ୍ଣ ଭାବେ ଅବହେଳା କରାଯାଇଛି ।ଏହାର ଦୃଢ଼ ପ୍ରତିବାଦ କରି ବୋରିଗୁମ୍ମା ନାଗରିକ ମଂଚ ପକ୍ଷରୁ ୧୨ ଘ[ଆ ବନ୍ଦ ପାଳନ କରାଯାଇଥିଲା ।ବୋରିଗୁମ୍ମା ବନ୍ଦ ସମ୍ପୂର୍ଣ୍ଣ ଭାବେ ସଫଳ ହୋଇଥିବା ବେଳେ ବୋରିଗୁମ୍ମା ବିଭିନ୍ନ ସଙ୍ଗଠନ ଯଥା ବଣିକ ସଂଘ, ବାର ଏସୋସିଆସନ,ବୋରିଗୁମ୍ମା ପ୍ରେସ କ୍ଲବ,ଟ୍ରକ ମାଲିକ ସଂଘ, ବିଭିନ୍ନ ମନ୍ଦିର ପରିଚାଳନା କମିଟି,ନୀଳମାଧବ ଡ୍ରାଇଭର ସଂଘ, ଓଡିଶା ଡ୍ରାଇଭର ମହାସଂଘ, ମିସ୍ତ୍ରୀ ସଂଘ ଭଳି ଅନେକ ସଙ୍ଗଠନ ବୋରିଗୁମ୍ମା ବନ୍ଦ ଡାକରା କୁ ସମର୍ଥନ ଦେଇଥିଲେ ।ତେବେ ବୋରିଗୁମ୍ମା ବନ୍ଦ ଡାକରା ପୂର୍ବରୁ ବିଭିନ୍ନ ରାଜନୈତିକ ଦଳ ବୋରିଗୁମ୍ମା ଏନଏସି ପ୍ରସଙ୍ଗ ନେଇ ବିଭିନ୍ନ ମନ୍ତବ୍ୟ ରଖିଥିଲେ ।କିନ୍ତୁ କାହା ମନ୍ତବ୍ୟ କାହା ସହିତ ତାଳମେଳ ଖାଉ ନାହିଁ ।ଯାହାଫଳରେ ସବୁ କିଛି ଥାଇ ଏପର୍ଯ୍ୟନ୍ତ ବୋରିଗୁମ୍ମା ଏନଏସି ଘୋଷଣା ହୋଇପାରୁ ନାହିଁ ।ଆନ୍ଦୋଳନ ର ଶେଷ ପର୍ଯ୍ୟାୟରେ ବୋରିଗୁମ୍ମା ନାଗରିକ ମଂଚ ପକ୍ଷରୁ ସ୍ଥାନୀୟ ଅତିରିକ୍ତ ତହସିଲଦାର ବୋଇନା ସତୀଶ କୁମାର ଓ ଏସ୍ଡିପିଓ ସତ୍ୟବ୍ରତ ଲେଙ୍କା କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ଜନଗଣନା କ୍ଷେତ୍ର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ଝାରସୁଗୁଡ଼ା(ନି.ପ୍ର.): ଆଗାମୀ ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଡି ଏମ ଏଫ୍ ସଭାଗୃହରେ ଆୟୋଜିତ ତିନି ଦିନିଆ କ୍ଷେତ୍ର ପ୍ରଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି । ଗତ ୧୧ ମାର୍ଚ୍ଚରୁ ଆରମ୍ଭ ହୋଇଥିବା ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୨୨ ଜଣ କ୍ଷେତ୍ର ପ୍ରଶିକ୍ଷକ ଅଂଶଗ୍ରହଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବ୍ରଜବନ୍ଧୁ ଭୋଇ ଏବଂ ଉପ-ଜିଲ୍ଲା ଜନଗଣନା ଅଧିକାରୀ ତଥା ଡେପୁଟି କଲେକ୍ଟର (ଜନଗଣନା) ଶ୍ରୀମତୀ ଲୋପାମୁଦ୍ରା କାଲୋ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଜନଗଣନା ବିଭାଗର ଡେପୁଟି ଡାଇରେକ୍ଟର ଶ୍ରୀ ଜୟକୃଷ୍ଣ ଭୋଇ ଏବଂ ବ୍ରଜରାଜନଗର ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀ ଚନ୍ଦ୍ରମଣି ସ୍ୱାଇଁ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ଜନଗଣନାର ଜଟିଳ ପ୍ରକ୍ରିୟା ଓ ବୈଷୟିକ ଦିଗ ଉପରେ ଆଲୋକପାତ କରିଥିଲେ । ପ୍ରଶିକ୍ଷଣ ସମୟରେ ବିଶେଷ କରି ଜନଗଣନା ସମ୍ପର୍କିତ ତଥ୍ୟ ସଂଗ୍ରହ, ସଠିକ୍ ଲେ-ଆଉଟ୍ ମ୍ୟାପ୍ ପ୍ରସ୍ତୁତି ଏବଂ ଆଧୁନିକ 'ଐଖଙ ମୋବାଇଲ୍ ଆପ୍'ର ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ କିଭଳି ନିର୍ଭୁଲ ତଥ୍ୟ ଅପଲୋଡ୍ କରାଯାଇପାରିବ, ସେ ନେଇ ପ୍ରଶିକ୍ଷକମାନଙ୍କୁ ବ୍ୟବହାରିକ ଜ୍ଞାନ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମର ଶେଷ ଦିନରେ ପ୍ରଶିକ୍ଷକମାନେ କ୍ଷେତ୍ର ପରିଦର୍ଶନ କରି ପ୍ରାୟୋଗିକ ଅଭିଜ୍ଞତା ହାସଲ କରିବା ସହ ବାସ୍ତବ ସ୍ଥିତିରେ ଆସୁଥିବା ସମସ୍ୟାର ସମାଧାନ ଶିଖିଥିଲେ । ଏହି ପ୍ରଶିକ୍ଷଣ ପାଇଥିବା କ୍ଷେତ୍ର ପ୍ରଶିକ୍ଷକମାନେ ଆଗାମୀ ଦିନରେ ନିଜ ନିଜ ଅଂଚଳରେ ଏନୁମେରେଟର ଏବଂ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଦେଇ ଜନଗଣନା କାର୍ଯ୍ୟକୁ ଆଗେଇ ନେବେ । ଏହି ଅବସରରେ ଜିଲ୍ଲା ଜନଗଣନା ଇନଚାର୍ଜ ଶ୍ରୀ ରବି ରଞ୍ଜନ, ସେକ୍ସନ ଅଫିସର ଶ୍ରୀ ହରିହର ମାଝୀଙ୍କ ସମେତ ଜନଗଣନା ଶାଖାର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।

# ଜିଲ୍ଲାରେ ପର୍ଯ୍ୟାପ୍ତ ରନ୍ଧନ ଗ୍ୟାସ୍ ଓ ଇନ୍ଧନ ମହଜୁଦ; କଳାବଜାରୀଙ୍କ ଉପରେ ଜିଲ୍ଲା ପ୍ରଶାସନର କଡ଼ା ନଜର

ଝାରସୁଗୁଡ଼ା, (ନି.ପ୍ର.): ଜିଲ୍ଲାରେ ରନ୍ଧନ ଗ୍ୟାସ୍, ପେଟ୍ରୋଲ ଓ ଡିଜେଲର ସ୍ଥିତି ଏବଂ ସୁଷମ ବ[ନକୁ ନେଇ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି । ଗତକାଲି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ଇନ୍ଧନ ମହଜୁଦ ଥିବା ସୂଚନା ଦିଆଯିବା ସହ କଳାବଜାରୀ ରୋକିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା । ଏହି କ୍ରମରେ ଆଜି ଯୋଗାଣ ବିଭାଗ ପକ୍ଷରୁ ଏକ ବଡ଼ ଧରଣର ଚଢ଼ାଉ କରାଯାଇ ବେନିୟମ ଭାବେ ଗଚ୍ଛିତ ୯୮ଟି ସିଲିଣ୍ଡର ଜବତ କରାଯାଇଛି ।ଗତକାଲି ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ସ୍ପଷ୍ଟ କରିଥିଲେ ଯେ, ଅନାବଶ୍ୟକ ଭାବେ ଗ୍ୟାସ୍ ସିଲିଣ୍ଡର ବା ତୈଳ ମହଜୁଦ ରଖିବା କିମ୍ବା କୃତ୍ରିମ



ଅଭାବ ସୃଷ୍ଟି କରି କଳାବଜାରୀ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସାଧାରଣ ଖାଉଟି, ଡାକ୍ତରଖାନା, ଆହାର କେନ୍ଦ୍ର, ମଧ୍ୟାହ୍ନ ଭୋଜନ ଓ ଆଶ୍ରମ ସ୍କୁଲଗୁଡ଼ିକୁ ଗ୍ୟାସ୍ ଯୋଗାଣ କ୍ଷେତ୍ରରେ ପ୍ରାଥମିକତା ଦେବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଆଜି ଯୋଗାଣ ବିଭାଗ ପକ୍ଷରୁ ବେହେରାମାଲ ଛକ ନିକଟରେ ବେନିୟମ ଗ୍ୟାସ ଭର୍ତି କରାଯାଉଥିବା ଅଭିଯୋଗରେ ଚଢ଼ାଉ କରାଯାଇଥିଲା । ଏହି କାର୍ଯ୍ୟାନୁଷ୍ଠାନରେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପୀତାମ୍ବର ସେଠୀ, ଏସିଏସଓ ସୂର୍ଯ୍ୟ କୁମାର ପାଣିଗ୍ରାହୀଙ୍କ ସମେତ ଜିଲ୍ଲାର ୬ ଜଣ ଯୋଗାଣ ନିରୀକ୍ଷକ ଉପସ୍ଥିତ ଥିଲେ । ଯୋଗାଣ ବିଭାଗର ୨ଟି ସ୍ଥାନରେ ଅତର୍କିତ ଚଢ଼ାଉ ସମୟରେ ଘଟଣାସ୍ଥଳରୁ ୯୮ ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି । ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ବେଲଗାମ ଦର ବୃଦ୍ଧି: ଖାଉଟିଙ୍କ ମୁଣ୍ଡରେ ଚଡ଼କ ଚଢ଼ାଉ କେବେ ?

ବ୍ରହ୍ମପୁର(ନି.ପ୍ର.) ସହରରେ ଦିନକୁ ଦିନ ବଜାର ଦରର ଅନିୟନ୍ତ୍ରିତ ବୃଦ୍ଧି °ଚସାଧାରଣ ଖାଉଟିଙ୍କ ପାଇଁ ବଡ଼ ଚିନ୍ତାର କାରଣ ହୋଇପଡ଼ିଛି ।°ଚ ସହରର ବିଭିନ୍ନ ଗଳିକନ୍ଦିରେ ଥିବା ଛୋଟ ଦୋକାନ ଠାରୁ ଆରମ୍ଭ କରି ବଡ଼ ବ୍ୟବସାୟୀ ପର୍ଯ୍ୟନ୍ତ ଅନେକ ସ୍ଥାନରେ ଅହେତୁକ ଭାବରେ ଦର ବୃଦ୍ଧି ହେଉଥିବା ଦେଖାଯାଉଛି । °ଚଦୁଃଖର ବିଷୟ ହେଲା,°ଚ ଏହା ଉପରେ କୌଣସି ପ୍ରକାର ନିୟନ୍ତ୍ରଣ କିମ୍ବା ନଜରଦାରୀ ଦେଖିବାକୁ ମିଳୁନାହିଁ । ଯାହାଫଳରେ °ଚକେତେକ ଅସାଧୁ ବ୍ୟବସାୟୀ ଓ କଳାବଜାରୀମାନେ ଭୟ ଛାଡ଼ି ମନଇଚ୍ଛା ଦର ବଢ଼ାଇ ଲାଭ ଉଠାଉଛନ୍ତି, ଏବଂ ଏହାର ଭାର ସିଧାସଳଖ ସାଧାରଣ ଖାଉଟିଙ୍କ ଉପରେ ପଡୁଛି । ସୂଚନା ଥାଉ କି, ଘରୋଇ ଗ୍ୟାସ ଦର ସିଲିଣ୍ଡର ପିଛା ୬୦ ଟଙ୍କା ବୃଦ୍ଧି ପାଇଥିବା ବେଳେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତିତ ରହିଛି । ତଥାପି ପରିବାପତ୍ର ଠାରୁ ଆରମ୍ଭ କରି ନିତିଦିନିଆ ଆବଶ୍ୟକ ସାମଗ୍ରୀ ପର୍ଯ୍ୟନ୍ତ ଦର ଆକାଶଛୁଆଁ ହୋଇଯାଇଛି । ଏହା ସହ ଟିଫିନ୍ ସାମଗ୍ରୀର ଦରରେ ମଧ୍ୟ ଅସାମାନ୍ୟ ବୃଦ୍ଧି ଦେଖାଯାଉଛି । ଗତକାଲି ପର୍ଯ୍ୟନ୍ତ ଯେଉଁ ଇଡିଲି, ପୁରୀ କିମ୍ବା ଉପମା ୫ ଟଙ୍କାରେ ମିଳୁଥିଲା, ଆଜି ସେଗୁଡ଼ିକ କେତେକ ସ୍ଥାନରେ ୭ ତ କେଉଁଠି ୧୦ ଟଙ୍କାରେ ବିକ୍ରି ହେଉଛି । ସେହିପରି ଦୋସା ଯାହା କିଛି ଦିନ ପୂର୍ବରୁ ୩୦ ଟଙ୍କାରେ ମିଳୁଥିଲା, ଆଜି ତାହା ୫୦ ରୁ ୬୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଏହି ଅସାମାନ୍ୟ ଦର ବୃଦ୍ଧି କେବଳ ଟିଫିନ୍ ସାମଗ୍ରୀରେ ସୀମିତ ନୁହେଁ; ବଜାରର ଅନେକ ଆବଶ୍ୟକ ସାମଗ୍ରୀରେ ମଧ୍ୟ ଏହାର ପ୍ରଭାବ ଦେଖାଯାଉଛି । °ଚଯାହାଫଳରେ ସାଧାରଣ ଲୋକମାନେ ଦିନକୁ ଦିନ ଅସୁବିଧା ଓ ଅସନ୍ତୋଷର ସମ୍ମୁଖୀନ ହେଉଛନ୍ତି । ଏହି ପରିସ୍ଥିତିକୁ ରାଜ୍ୟ ସରକାର ଓ ଯୋଗାଣ ବିଭାଗ ଗୁରୁତ୍ୱର ସହିତ ନେଇ ବଜାର ଉପରେ କଡା ନଜରଦାରୀ କରିବା ଆବଶ୍ୟକ । ଅନାବଶ୍ୟକ ଭାବରେ ଦର ବଢ଼ାଇଥିବା ବ୍ୟବସାୟୀଙ୍କ ଉପରେ ଯଥୋଚିତ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର, ଯାହା ଫଳରେ ବଜାର ଦର ନିୟନ୍ତ୍ରଣରେ ରହିପାରିବ ଏବଂ ସାଧାରଣ ଖାଉଟି ନିଶ୍ଚିନ୍ତ ଓ ସୁଖ ଶାନ୍ତିରେ ଜୀବନ ଯାପନ କରିପାରିବେ । ସାଧାରଣ ଲୋକଙ୍କ ହିତରେ ସରକାର ଶୀଘ୍ର ଏହାପ୍ରତି ଦୃଢ଼ ଓ ପ୍ରଭାବଶାଳୀ ପଦକ୍ଷେପ ନେବେ ବୋଲି ସମସ୍ତଙ୍କ ଆଶା । ଯଦି ଠିକ୍ ସମୟରେ ଏହି ସମସ୍ୟାର ସମାଧାନ ନହୁଏ, ତେବେ ଏହାର ପ୍ରଭାବ ଆଗାମୀ ପଂଚାୟତ ନିର୍ବାଚନରେ ପଡିବା ସ୍ୱାଭାବିକ । °ଚସାଧାରଣ ଲୋକଙ୍କ ଅସନ୍ତୋଷ ବଢ଼ିଲେ ସରକାର ପରିବର୍ତନର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇପାରିବ ନାହିଁ ।

# ଡୌରିଆନ୍ ଷ୍ଟାରଲିଂ ପକ୍ଷୀ ଦେଖି ପର୍ଯ୍ୟଟକ ଓ ପ୍ରକୃତିପ୍ରେମୀ ଖୁସି

ନୀଳଗିରି,(ନି.ପ୍ର.)ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ରେ ଅବସ୍ଥିତ କୁଲଡିହା ବନ୍ୟଜନ୍ତୁ ଅଭୟାରଣ୍ୟରେ ପ୍ରଥମ ଥର ପାଇଁ ଡୌରିଆନ୍ ଷ୍ଟାରଲିଂ ପକ୍ଷୀ ଦର୍ଶନ ହେବା ପକ୍ଷୀପ୍ରେମୀ ଓ ପ୍ରକୃତି ପର୍ଯ୍ୟବେକ୍ଷକଙ୍କ ପାଇଁ ଏକ ଅଲଭ୍ୟ ଘଟଣା । ସକାଳ ୮ଟା ୫୨ ମିନିଟ୍ ସମୟରେ ଏହି ପକ୍ଷୀଟି କୁଲଡିହାବିଟ ହାଉସ ଠାରୁ ୨୦୦ମିଟର ଦୂରରେ ଏକ କୋରାଲ୍ ଫ୍ଲାୱାର ଗଛରେ ବସି ଫୁଲରୁ ମଧୁ ଆହରଣ କରୁଥିବା ବେଳେ ସୁଦୂର ପଶ୍ଚିମବଙ୍ଗ ରାଜ୍ୟ ର ବାଙ୍କୁଡା ଅଂଚଳରୁ ଆସି ଥିବା ପର୍ଯ୍ୟଟକ ରାହୁଲ ଚକ୍ରବର୍ତୀ ,ସ କିତ ଦତ ,



ଟୁରିଷ୍ଟଗାଇର୍ଡ ମନୋରଞ୍ଜନ ଦାସ ଓ ବନକର୍ମଚାରୀ ମାନେ ଦେଖିବାକୁ ପାଇଥିଲେ । ଏହା ସହ ଏକ ଚେଷ୍ଟନଟ୍-ଟେଲ୍ଡ ଷ୍ଟାରଲିଂ ମଧ୍ୟ ଗଛରେ ବସିଥିବା ଦୃଶ୍ୟ ଦେଖାଯାଇଥିଲା । ବିଶେଷତ୍ୱ ଡୌରିଆନ୍ ଷ୍ଟାରଲିଂ ପୂର୍ବ ଏସିଆର ପକ୍ଷୀ, ଯାହା ପ୍ରାୟତଃ ପୂର୍ବ ମଙ୍ଗୋଲିଆ, ଦକ୍ଷିଣ-ପୂର୍ବ ରୁଷ (ଟ୍ରାନ୍ସ-ବାଇକାଲିଆରୁ ଉସୁରିଲ୍ୟାଣ୍ଡ), ଉତର-ପୂର୍ବ ଓ ମଧ୍ୟ ଚୀନ ଏବଂ ଉତର କୋରିଆ ରେ ପ୍ରଜନନ କରେ । କୁଲଡିହାରେ ଏହାର ଦର୍ଶନ ଏଠାର ପକ୍ଷୀ ବୈବିଧ୍ୟକୁ ଆଉ ଏକ ନୂତନ ରେକର୍ଡ ଯୋଗ କରିଛି ।ତେଣୁ ପ୍ରକୃତି ପ୍ରେମି, ପକ୍ଷୀ ପ୍ରେମୀ ଓ ପର୍ଯ୍ୟଟକ ଙ୍କୁ ବେଶ ଆକୃଷ୍ଟ କରିଛି ।କୁଲଡିହା ଅଭୟାରଣ୍ୟ ଏପରି ପକ୍ଷୀ ଦେଖି ବନ ବିଭାଗ ବେଶ ଖୁସି ଥିବା ଜଣାପଡିଛି ।

# ଜାତୀୟ ମହିଳା ଆୟୋଗ ଓ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଆନୁକୁଲ୍ୟରେ ଜନଶୁଣାଣି ଅନୁଷ୍ଠିତ

କଟକ (ନି.ପ୍ର)-ମହିଳାମାନଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗର ଯଥାଶୀଘ୍ର ସମାଧାନ ଉଦ୍ଦେଶ୍ୟରେ ଜାତୀୟ ମହିଳା ଆୟୋଗ ଓ ଓଡିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଆନୁକୁଲ୍ୟରେ ଆଜି ନେତାଜୀ ସଂସ୍କୃତି ଭବନଠାରେ ସ୍ୱତନ୍ତ୍ର ଜନଶୁଣାଣି ଜଗତସିଂହପୁର ଓ କଟକ ଜିଲ୍ଲାକୁ ନେଇ ଅନୁଷ୍ଠିତ ହୋଇଯାଇଛି । ମହିଳା କମିଶନ ଅଧକ୍ଷା ଶ୍ରୀମତୀ ଶୋଭନା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମହିଳାଙ୍କ ଘରୋଇ ହିଂସା , ନିର୍ଯାତନା , ପରିତ୍ୟାଗ, ବୈବାହିକ ବିବାଦ,ମହିଳା ଅଧିକାର ଉଲଂଘନ ଏବଂ ମହିଳା କଲ୍ୟାଣ ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଜଡିତ ଅଭିଯୋଗର ଶୁଣାଣି ହୋଇଥିଲା । ଶୁଣାଣି ସମୟରେ ଓଡିଶା ରାଜ୍ୟ ମହିଳା ଆୟୋଗ ଅଧକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ଙ୍କ ସମେତ କମିଶନଙ୍କ ସଦସ୍ୟା ତଥା କଟକ ଓ ଜଗତସିଂହପୁର ଜିଲ୍ଲାର ଇନଚାର୍ଜ ଶ୍ରୀମତୀ ପ୍ରତିଭା ଶତପଥୀ, ସଦସ୍ୟା ଶ୍ରୀମତୀ ମୁକ୍ତା ସାହୁ , ଶ୍ରୀମତୀ ଉର୍ମିଳା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ମାମଲା ଗୁଡିକର ସମାଧାନ ନିମନ୍ତେ



ପକ୍ଷଗୁଡିକ ସହ ଆଲୋଚନା କରିଥିଲେ । ଜଗତସିଂହପୁର ଓ କଟକ ଜିଲ୍ଲାରୁ ସମୁଦାୟ ୫୩ଟି ଅଭିଯୋଗ ହସ୍ତଗତ ହୋଇଥିଲା । ସେଥିମଧ୍ୟରୁ ୪ଟି ମାମଲାର ସଫଳ ଆପୋଷ ସମାଧାନ କରାଯାଇଥିବା ବେଳେ ୩ଟି ମାମଲାର ଅଧିକ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଆୟୋଗ ପକ୍ଷରୁ ସୁପାରିଶ କରାଯାଇଛି । ଗୋଟିଏ ମାମଲାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ କୁ ହସ୍ତାନ୍ତର କରାଯାଇଥିବା ବେଳେ ପରବର୍ତୀ ଶୁଣାଣି ନିମନ୍ତେ ୨୯ଜଣଙ୍କୁ ନୋଟିସ ପ୍ରେରଣ କରାଯାଇଛି । ଏଥିସହିତ କମିଶନଙ୍କ ନିକଟରେ ୬ଟି ନୂତନ ମାମଲା ପଞ୍ଜିକୃତ ହୋଇଛି । ମହିଳାମାନଙ୍କ ସୁରକ୍ଷା ଓ ସେମାନଙ୍କ ଅଧିକାର ସୁନିଶ୍ଚିତ କରିବା ପାଇଁ କମିଶନ ଏଭଳି ଶୁଣାଣୀ ଜରିଆରେ ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରୁଛନ୍ତି ବୋଲି ଅଧକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ପ୍ରକାଶ କରିଛନ୍ତି । ମାମଲା ଗୁଡିକର ଉପସ୍ଥାପନା ଓ ଶୁଣାଣି ପାଇଁ ମହିଳାମାନଙ୍କୁ ଏକ ନିଃଶୁଳ୍କ ପ୍ଲାଟଫର୍ମ ଯୋଗାଇବା ଲକ୍ଷ୍ୟରେ ଏହି ଶୁଣାଣୀ ଅନୁଷ୍ଠିତ ହୋଇଥିଲା ବୋଲି ସେ ସୂଚନା ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ରଶ୍ମିତା ମହାନ୍ତି ଏବଂ ଜଗତସିଂହପୁର ଓ କଟକ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣି ପ୍ରକ୍ରିୟାରେ ସହଯୋଗ କରିଥିଲେ ।

# ନୀଳଗିରି ଆଇଟିଡିଏ କାର୍ଯ୍ୟାଳୟରେ ମହାଦୁର୍ନୀତି, ଏହାକୁ ବିରୋଧ କରି ୧୬ ତାରିଖରେ ଧାରଣା ଦେବେ ବ୍ଲକ ଅଧକ୍ଷା

ନୀଳଗିରି (ନି.ପ୍ର.)ପୁଣି ବିବାଦ ଘେରରେ ନୀଳଗିରି ଆଇଟିଡିଏ କାର୍ଯ୍ୟଳୟ ।ଆଦିବାସୀ ମାନଙ୍କ ଉନ୍ନତି ଓ ସୁରକ୍ଷା ପାଇଁ ୧୯୮୪ମସିହାରେ ନୀଳଗିରି ଆଇଟିଡିଏ କାର୍ଯ୍ୟଳୟ ସ୍ଥାପନ ହୋଇଥିଲା ।ଏହାରି ଭିତରେ ବିତି ଯାଇଛି ୪୧ବର୍ଷ କିନ୍ତୁଆଦିବାସୀ ଉନ୍ନତି ପରିବର୍ତେ ଆଦିବାସୀ ଙ୍କ ନାମରେ ନିମ୍ନ ମାନର କାର୍ଯ୍ୟ କରି କୋଟି କୋଟି ଟଙ୍କା ଲୁଟ ସହ ଆଦିବାସୀ ଙ୍କ ଆସୁଥିବା ସବ୍ସିଡି ଓ ବିଭିନ୍ନ ଯୋଜନା ରେ ଅନୁମୋଦନ ହୋଇ ଆସିଥିବା ପ୍ରକଳ୍ପ କୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ କଥାରେ ସହକାରୀ ଯନ୍ତ୍ରୀଇଂ ରମେଶ ସିଂ, ଇଂ ଆଶିଷ ପାତ୍ର, ଇଂ କୁନାମୀ ଟୁଡୁ,ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ନାୟକ, ଭାରପ୍ରାପ୍ତ ସ୍ୱତନ୍ତ୍ରଅଧିକାରୀ ତଲୱାର ଜେନା ଓ ପ୍ରୋଜେକ୍ଟ ମ୍ୟାନେଜର ସାବିନା ସିଂ ଙ୍କୁ ହାତ ବାରିସ କରି ପ୍ରକଳ୍ପ ପ୍ରଶାସକ ଡ଼. ମଧୁସ୍ମିତା ସାମନ୍ତରାଏ ଙ୍କ ଗୋଚରରେ କୋଟି କୋଟି ଟଙ୍କା ଦୁର୍ନୀତି ହେଉଥିବା ର ଅଭିଯୋଗ ଆଣିଛନ୍ତି ଖୋଦ ନୀଳଗିରି ବ୍ଲକ ଅଧକ୍ଷା ଶ୍ରୀ ମତି ଶୁଭଲକ୍ଷ୍ମୀ ମାଝୀ ଏନେଇ ଲିଖିତ ଭାବେ ନୀଳଗିରି ଉପଜିଲ୍ଲାପାଳ,ଜିଲ୍ଲାପାଳ,ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ,ମୁଖ୍ୟ ଶାସନ ସଚିବ ଙ୍କୁ ଅବଗତ କରାଇଛନ୍ତି ।ଆସନ୍ତା୧୬ତାରିଖ ସୋମବାର ଦିନଏ ନେଇ ସରପଂଚ, ସମିତି ସଭ୍ୟ, ନିର୍ବାଚିତ ଲୋକ ପ୍ରତିନିଧି ଆଇଟିଡିଏକାର୍ଯ୍ୟାଳୟସମ୍ମୁଖରେ ଅହରାତ୍ର ଧାରଣା ଦେବେ ବୋଲିଅଧକ୍ଷା ଶ୍ରୀମତୀ ମାଝୀ ଲିଖିତ ଭାବେ ଜଣାଇଛନ୍ତି ।



# ଗଞ୍ଜାମ ଜିଲ୍ଲାରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧିର ୨୨ତମ କିସ୍ତି ପ୍ରଦାନ

## ଜିଲ୍ଲାର ୧. ୬୭ ଲକ୍ଷରୁ ଉର୍ଦ୍ଧ୍ୱ ଅନ୍ନଦାତାଙ୍କ ବ୍ୟାଙ୍କ ଖାତାକୁ ଗଲା ୩୩ କୋଟି ୫୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା

ଛତ୍ରପୁର(ନି.ପ୍ର.) ସାରା ଦେଶର କୃଷକଙ୍କ ପରି ଗଞ୍ଜାମ ଜିଲ୍ଲାର କୃଷକମାନଙ୍କ ପାଇଁ ଆଜି ଥିଲା ଏକ ଆନନ୍ଦର ଦିନ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆସାମର ରାଜଧାନୀ ଗୁଆହାଟୀରୁ ଡ଼ିବିଟି ମାଧ୍ୟମରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାର ୨୨ତମ କିସ୍ତି ଦେଶର ଅନ୍ନଦାତା ଭାଇଭଉଣୀମାନଙ୍କୁ ପ୍ରଦାନ କରିଛନ୍ତି । ଏହି ଅବସରରେ ସ୍ଥାନୀୟ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜ଼ିଲ୍ଲାପାଳ ଭି କୀର୍ତି ଭାସନଙ୍କ ଅଧ୍ୟକ୍ଷତାରେ ପିଏମ କିଷାନ ଉତ୍ସବ ଦିବସ ପାଳନ କରାଯିବା ସହ ଜାତୀୟ ଓ ରାଜ୍ୟସ୍ତରୀୟ ସମାରୋହ ଓ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦବୋଧନର ସିଧା ପ୍ରସାରଣ କୃଷକ ଭାଇଭଉଣୀମାନଙ୍କ ପାଇଁ ଉପଲବ୍ଧ କରାଯାଇଥିଲା । ଚାଷୀଙ୍କୁ ସଶକ୍ତ ଏବଂ କୃଷିକୁ ସମୃଦ୍ଧ କରିବା ଲକ୍ଷ୍ୟ କ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ଗଞ୍ଜାମ ଜିଲ୍ଲାର ୧,୬୭,୭୪୬ କୃଷକ ପରିବାରଙ୍କୁ ୩୩,୫୪,୯୨,୦୦୦ ଟଙ୍କାର (ତେତିଶ କୋଟି ଚଉବନ ଲକ୍ଷ ବୟାନବେ ହଜାର) ସହାୟତା ରାଶି ଡ଼ିବିଟି ମାଧ୍ୟମରେ ପ୍ରଦାନ କରିଛନ୍ତି । ବ୍ଲକ ଅନୁଯାୟୀ ହିତାଧିକାରୀଙ୍କ ସଂଖ୍ୟା ହେଲା -- ଆସିକା ବ୍ଲକରେ ୮୧୦୨, ବେଗୁନିଆପଡାରେ ୮୪୬୩, ବେଲଗୁଣ୍ଠରେ ୬୬୫୪, ଭଞ୍ଜନଗରରେ ୫୬୮୯, ବୁଗୁଡାରେ ୭୨୦୭, ଛତ୍ରପୁରରେ ୪୨୫୧, ଚିକିଟିରେ ୫୩୦୪, ଧରାକୋଟରେ ୬୨୨୩, ଦିଗପହଣ୍ଡିରେ ୧୪୧୫୩, ଗଞ୍ଜାମ ବ୍ଲକରେ ୫୪୪୬, ହିଞ୍ଜିଳୀକାଟୁରେ ୬୩୬୮, ଜଗନ୍ନାଥପ୍ରସାଦରେ ୮୮୫୨, କବିସୂର୍ଯ୍ୟନଗରରେ ୬୧୨୩, ଖଲ୍ଲିକୋଟରେ ୧୦୦୬୩, କୁକୁଡାଖଣ୍ଡିରେ ୫୪୬୦, ପାତ୍ରପୁରରେ ୭୫୩୦, ପୋଲସରାରେ ୮୬୩୩, ପୁରୁଷୋତମପୁରରେ ୮୫୧୧, ରଙ୍ଗେଇଲୁଣ୍ଡାରେ ୫୪୫୪, ସାନଖେମୁଣ୍ଡିରେ ୧୧୧୬୮, ସେରଗଡରେ ୯୮୦୩ ଏବଂ ସୁରଡା ବ୍ଲକରେ ୮୧୬୯ କୃଷି ପରିବାର ଏହି ଯୋଜନାରେ ଲାଭାନ୍ୱିତ ହେବେ । ଆଜି ପ୍ରଧାନମନ୍ତ୍ରୀ ଦେଶର ୯.୩୨ କୋଟି ଅନ୍ନଦାତାଙ୍କ ଆକାଉ[କୁ ୨୨ ତମ କିସ୍ତି ହସ୍ତାନ୍ତର କରିଛନ୍ତି । ଏହି କ୍ରମରେ ଓଡ଼ିଶାର ୩୪ ଲକ୍ଷରୁ ଅଧିକ କୃଷକ ପରିବାର ଉପକୃତ ହେଉଛନ୍ତି । ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା କୃଷକମାନଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା । ଏହା ଅଧୀନରେ ଜମି ଥିବା ଚାଷୀମାନଙ୍କୁ ପ୍ରତିବର୍ଷ ତିନୋଟି କିସ୍ତିରେ ୨୦୦୦ ଟଙ୍କା କରି ସର୍ବମୋଟ ୬୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏହି ସହାୟତା ଚାଷୀଭାଇଭଉଣୀମାନଙ୍କୁ ଚାଷ ଋତୁ ପୂର୍ବରୁ ବିହନ, ସାର ଓ ଔଷଧ କ୍ରୟ କରିବାରେ ସାହାଯ୍ୟ କରୁଛି । ସୂଚନା ଯୋଗ୍ୟ ଯେ, ପି.ଏମ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ପି.ଏମ କିଷାନ ପୋର୍ଟାଲରେ କୃଷକ ଭାଇଭଉଣୀମାନେ ନିଜେ ନିଜର ପଞ୍ଜିକରଣ ଓ ଆବେଦନ କରିପାରିବେ । ସମସ୍ତ ଜମି ସମ୍ପର୍କିତ ସୂଚନା କୃଷକ ଓଡିଶା ପୋର୍ଟାଲରୁ ସଂଗ୍ରହ କରାଯାଇପାରିବ । ଆଧାର ସହିତ ଲିଙ୍କ ହୋଇଥିବା ବ୍ୟାଙ୍କ ଆକାଉ[ରୁ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରାଯାଇ ସେହି ଆକାଉ[ରେ ଡ଼ିବିଟି ମାଧ୍ୟମରେ ସହାୟତା ରାଶି ପ୍ରଦାନ କରାଯିବ । କୃଷକମାନଙ୍କ ଜମିର ପ୍ରକାର ପରିବର୍ତନ କରିବାର ବ୍ୟବସ୍ଥା ମଧ୍ୟ କୃଷକ ଓଡିଶା ପୋର୍ଟାଲରେ କରାଯାଇଛି । ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ନିମନ୍ତେ ଏଗ୍ରି ଷ୍ଟାକ (ଇଶକ୍ସସ-ଶ୍ୱଶ୍ୱବମଳ) କୃଷକ ପଞ୍ଜିକରଣ ବାଧ୍ୟତାମୂଳକ ଅଟେ ।ଆଜିର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜ଼ିଲ୍ଲାପାଳଙ୍କ ସମେତ ଜ଼ିଲ୍ଲା ପରିଷଦର ଭାରପ୍ରାପ୍ତ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅଜୟ କୁମାର କର, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ଡ଼ଃ କନ୍ଧ ଜେନା ଓ ବରିଷ୍ଠ କୃଷି ବୈଜ୍ଞାନିକ ଡଃ ସୁଜିତ କୁମାର ନାଥ ପ୍ରମୁଖଙ୍କ ସହିତ ଗଞ୍ଜାମ ଜିଲ୍ଲାର ବିଭିନ୍ନବ୍ଲକରୁ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ପିଏମ କିଷାନ ଯୋଜନାର ହିତାଧିକାରୀ ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବେଆଇନ ବାଲି ଚୋରାଚାଲାଣ ଉପରେ ଲାଗିବ ଅଙ୍କୁଶ : ବିଭୂତି ଭୂଷଣ ଜେନା



ଭୁବନେଶ୍ୱର: ରାଜ୍ୟରେ ବଢିଚାଲିଛି ବାଲି ଚୋରା ଚାଲାଣ । ଏଥିରେ ଲାଗିପାରୁନି ଅଙ୍କୁଶ । ବେଆଇନ ବାଲିଘାଟକୁ ନେଇ ଅପରାଧୀମାନେ ରକ୍ତମୁଖା ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲ୍ଲାରେ ବାଲିଘାଟ ଜଗିବା ଦାୟିତ୍ୱ ଓଡ଼ିଶା ଶିଳ୍ପ ସୁରକ୍ଷା ବଳକୁ ପ୍ରଦାନ କରାଯିବ । ଏଥିପାଇଁ ଖଣି ବିଭାଗ ପକ୍ଷରୁ ଗୃହ ବିଭାଗକୁ ଅନୁରୋଧ କରାଯାଇଛି । ଗୁରୁବାର ବିଧାନସଭାରେ ଏକ ଲିଖିତ ଉତରରେ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏପରି ସୂଚନା ଦେଇଛନ୍ତି । ମନ୍ତ୍ରୀ ଦର୍ଶାଇଛନ୍ତି ଯେ, ଜିଲ୍ଲାସ୍ତରରେ ଖଣି ଅଧିକାରୀଙ୍କୁ ସ୍ୱତନ୍ତ୍ର ଭାବେ ସୁରକ୍ଷା ବଳ ଯୋଗାଇ ଦେବା ପାଇଁ ବିଭାଗ ଯୋଜନା କରିଛି । ଏଥିପାଇଁ ୫୭ ସେକ୍ସନ ଓଆଇଏସ୍ଏଫ୍ ନିୟୋଜନ କରିବା ପାଇଁ ଗୃହ ବିଭାଗକୁ ଅନୁରୋଧ କରାଯାଇଛି । ସେହିପରି ଓଏମ୍ଏମ୍ସି-୨୦୧୬ ନିୟମକୁ ସଂଶୋଧନ କରି ଖଣି ବିଭାଗର ଅଧିକାରୀଙ୍କ ବ୍ୟତୀତ ଅତିରିକ୍ତ ତହସିଲଦାର, ପୋଲିସ ସବ୍‌ଇନ୍ସପେକ୍ଟର ଓ ତାଙ୍କ ଉପରିସ୍ଥ ଅଧିକାରୀଙ୍କୁ ଚଢ଼ଉ ଓ ବେଆଇନ ଖଣିଜ ଜବତ କରିବା ପାଇଁ କ୍ଷମତା ଦେବାକୁ ପଦକ୍ଷେପ ନିଆଯାଇଛି । ସେହିପରି ଓଡ଼ିଶାରୁ କିଛି ପଡ଼ୋଶୀ ରାଜ୍ୟ ଓ ବିଦେଶକୁ ବି ବାଲି ରପ୍ତାନି ହେଉଛି ।

# ଆସନ୍ତା ଶିକ୍ଷା ବର୍ଷରୁ ତୃତୀୟରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ମିଳିବ ଶାରୀରିକ ଶିକ୍ଷା : ନିତ୍ୟାନନ୍ଦ ଗଣ୍ଡ



ଭୁବନେଶ୍ୱର: ସୁରୁଖୁରୁରେ ଚାଲିଛି ବିଧାନସଭା ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ । ଗୃହରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ଶୃଙ୍ଖଳାର ସହ ଚାଲିଛି । ସ୍କୁଲ୍ ଓ ଗଣଶିକ୍ଷା ବିଭାଗ ପ୍ରସଙ୍ଗରେ ଚାଲିଛି ଆଲୋଚନା । ଉତର ରଖୁଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । କେମିତି ସୁସ୍ଥ ରହିବେ ଛାତ୍ରଛାତ୍ରୀ ସେନେଇ ନୂଆ ନିୟମ ଆଣୁଛନ୍ତି ରାଜ୍ୟ ସରକାର ବୋଲି ମନ୍ତ୍ରୀ କହିଛନ୍ତି ।ଶିକ୍ଷା ନୀତି ୨୦୨୦ ଅଧୀନରେ ତୃତୀୟରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ଶାରୀରିକ ଶିକ୍ଷା ଦିଆଯିବ । ଏବେ ଡିଜିଟାଲ୍ କ୍ଲାସରୁମ୍‌ରେ ଇ-କଂଟେଂଟ ଦ୍ୱାରା ଶିକ୍ଷା ଦିଆଯାଉଛି ବୋଲି ବିଧାନସଭାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ।








# ଇରାନ ରାଷ୍ଟ୍ରପତିଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟରେ ଯୁଦ୍ଧ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦି ଗୁରୁବାର ରାତିରେ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନଙ୍କ ସହ ଫୋନ୍ ମାଧ୍ୟମରେ କଥାବାର୍ତ୍ତା କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଇନଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି, ମୁଁ ଗମ୍ଭୀର ଆଂଚଳିକ ପରିସ୍ଥିତି ଉପରେ ଆଲୋଚନା କରିବା ପାଇଁ ଇରାନ ରାଷ୍ଟ୍ରପତି ଡକ୍ଟର ମାସୁଦ ପେଜେଶକିୟାନଙ୍କ ସହ କଥା ହୋଇଛି । ଉତେଜନା ବୃଦ୍ଧି, ସାଧାରଣ ନାଗରିକଙ୍କ ଜୀବନହାନି ଏବଂ ସାଧାରଣ ଭିତିଭୂମିର କ୍ଷତି ଉପରେ ମୁଁ ଗଭୀର ଚିନ୍ତା ପ୍ରକାଶ କରିଛି । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଭାରତୀୟ ନାଗରିକଙ୍କ ସୁରକ୍ଷା ଏବଂ ନିରବଚ୍ଛିନ୍ନ ଶକ୍ତି ପରିବହନର ଆବଶ୍ୟକତା ଭାରତର ସର୍ବୋଚ୍ଚ ପ୍ରାଥମିକତା ରହିଛି । ମୁଁ ଶାନ୍ତି ଏବଂ ସ୍ଥିରତା ପ୍ରତି ଭାରତର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି ଏବଂ ଆଲୋଚନା ଏବଂ କୂଟନୀତିକୁ ଆହ୍ୱାନ କରିଛି । ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଏବେ ବିଶ୍ୱ ତୈଳ ବଜାର ଉପରେ ସ୍ପଷ୍ଟ ଭାବରେ ଦେଖାଯାଉଛି । ଭାରତରେ ଏଲପିଜି ଗ୍ୟାସ ଅଭାବର ସମ୍ଭାବନା ସମ୍ପର୍କରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ସଂସଦରେ ଏକ ବିବୃତି ଦେଇଛନ୍ତି । ସେ କହିଛନ୍ତି, "ହର୍ମୁଜ୍ ପ୍ରଣାଳୀ ଦେଇ ୨୦% ଯାତାୟାତ ପ୍ରଭାବିତ ହୋଇଛି । ଦେଶରେ ବର୍ତ୍ତମାନ ପର୍ଯ୍ୟାପ୍ତ ଗ୍ୟାସ ଅଛି । ଗ୍ୟାସ ସିଲିଣ୍ଡରକୁ ନେଇ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ ।"ଭାରତର ବିଭିନ୍ନ ରାଜ୍ୟରେ ଏଲପିଜି ସିଲିଣ୍ଡର ପାଇଁ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ତାଙ୍କର ୧.୪ ବିଲିୟନ ଭାରତୀୟଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି ଯେ, କୋଭିଡ-୧୯ ମହାମାରୀ ପରି, ଆମେ ଏହି ସଙ୍କଟକୁ ମଧ୍ୟ ଦୂର କରିବୁ । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, "କିଛି ଲୋକ ଏଲପିଜି ଉପରେ ଆତଙ୍କ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି । କୌଣସି ରାଜନୈତିକ ପ୍ରସଙ୍ଗ ଉଠାଇ ନ ପାରି, ମୁଁ କହିବି ଯେ ସେମାନେ ନିଜକୁ ପ୍ରକାଶ କରୁଛନ୍ତି । ପଶ୍ଚିମ ଏସିଆରେ ସଂଘର୍ଷରୁ ସୃଷ୍ଟି ହୋଇଥିବା ବର୍ତ୍ତମାନର ସଙ୍କଟର ସମାଧାନ କରିବାରେ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି – ତାହା ରାଜନୈତିକ ଦଳ, ଗଣମାଧ୍ୟମ, ଯୁବପିଢ଼ି, ସହର ଏବଂ ଗ୍ରାମ ହେଉ ।"

# ଏନପିଏସଟି ଓ ଏନଏମଏମର ଜାତୀୟ ସମ୍ମିଳନୀ ୨୦୨୬ ର ଉଦ୍‌ଘାଟନୀ ସମାରୋହରେ ଯୋଗ ଦେଲେ ରାଜ୍ୟପାଳ




ଭୁବନେଶ୍ୱର : ବ୍ୟକ୍ତି, ସମାଜ ଓ ଜାତିର ଭବିଷ୍ୟତ ଗଢ଼ିବାରେ ଶିକ୍ଷା ମୁଖ୍ୟ ଭୂମିକା ନିଭାଏ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ଶୁକ୍ରବାର ଦିନ ଆଇଆଇଟି ଭୁବନେଶ୍ୱରରେ ଆୟୋଜିତ ନ୍ୟାସନାଲ୍ ପ୍ରୋଫେସନାଲ୍ ଷ୍ଟାଣ୍ଡାର୍ଡସ୍ ଫର୍ ଟିଚର୍ସ ଓ ନ୍ୟାସନାଲ୍ ମିଶନ୍ ଫର୍ ମେଂଟରିଙ୍ଗର ଦେଶବ୍ୟାପୀ କାର୍ଯ୍ୟାନ୍ୱୟନ ପାଇଁ ହିତଧାରୀମାନଙ୍କ କ୍ଷମତାବୃଦ୍ଧି ସମ୍ପର୍କିତ ଜାତୀୟ ସମ୍ମିଳନୀ-୨୦୨୬ ର ଉଦଘାଟନୀ ସମାରୋହରେରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ସମ୍ମିଳନୀରେ ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ଝାଡ଼ଖଣ୍ଡ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲ୍ୟାଣ୍ଡ, ଓଡ଼ିଶା, ସିକ୍କିମ, ତ୍ରିପୁରା ଓ ପଶ୍ଚିମବଙ୍ଗ ରାଜ୍ୟରୁ ଶିକ୍ଷାବିତ, ଶିକ୍ଷକ, ପ୍ରଶାସକ, ନୀତିନିର୍ଦ୍ଧାରକ ଓ ଶିକ୍ଷାନୁଷ୍ଠାନର ପ୍ରତିନିଧିମାନେ ଯୋଗ ଦେବା ସହିତ ବିଦ୍ୟାଳୟ ଶିକ୍ଷା ଓ ରାଜ୍ୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ ର ନିର୍ଦ୍ଦେଶକ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ର ଅଧକ୍ଷ, ରାଜ୍ୟ ନୋଡାଲ୍ ଅଧିକାରୀ, କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ସିବିଏସଇ ଓ ରାଜ୍ୟ ବୋର୍ଡ ବିଦ୍ୟାଳୟର ଅଧକ୍ଷ ଓ ଶିକ୍ଷକମାନଙ୍କ ଉପସ୍ଥିତି ଭାରତର ଶିକ୍ଷା ପରିବେଶର ବିବିଧତା ଓ ସମନ୍ୱୟକୁ ପ୍ରକାଶ କରିଛି ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ । ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ମନୋଭାବ, ଜିଜ୍ଞାସା ଓ ଦାୟିତ୍ୱବୋଧ ଗଢ଼ି ତୋଳି ଦେଶର ଭବିଷ୍ୟତ ନିର୍ମାଣ କରନ୍ତି । ଭାରତର ପ୍ରାଚୀନ ଗୁରୁ–ଶିଷ୍ୟ ପରମ୍ପରା ଜ୍ଞାନ, ମୂଲ୍ୟବୋଧ ଓ ଚରିତ୍ର ଗଢ଼ିବାରେ ଶିକ୍ଷକଙ୍କ ମହତ୍ୱକୁ ପ୍ରତିପାଦନ କରେ ଓ ବର୍ତ୍ତମାନ ବିଶ୍ୱ ଦ୍ରୁତ ଗତିରେ ପରିବର୍ତ୍ତନଶୀଳ ହେଉଥିବାରୁ ଶିକ୍ଷା ବ୍ୟବସ୍ଥା ମଧ୍ୟ ସମୟୋଚିତ ଭାବେ ପରିବର୍ତ୍ତିତ ହେବା ଆବଶ୍ୟକ । ପ୍ରଯୁକ୍ତି, କୃତ୍ରିମ ବୁଦ୍ଧିମତା, ଡିଜିଟାଲ୍ ସଂଯୋଗ ଓ ବିଶ୍ୱ ସଂଯୋଜନ ନୂତନ ସୁଯୋଗ ଓ ଆହ୍ୱାନ ସୃଷ୍ଟି କରୁଛି । ଏହି ପରିପ୍ରେକ୍ଷିତରେ ଛାତ୍ରଛାତ୍ରୀଙ୍କୁ କେବଳ ପରୀକ୍ଷା ପାଇଁ ନୁହେଁ ବରଂ ନବସୃଜନ, ଉଦ୍ୟମିତା ଓ ବିଶ୍ୱସ୍ତରୀୟ ଆହ୍ୱାନ ପାଇଁ ପ୍ରସ୍ତୁତ କରିବା ଦରକାର ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ । ରାଜ୍ୟପାଳ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ମାନ୍ୟବର ପ୍ରଧାନ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଅଧୀନରେ ଜାତୀୟ ଶିକ୍ଷା ନୀତି–୨୦୨୦ ଭାରତର ଶିକ୍ଷା ପ୍ରଣାଳୀକୁ ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁରୂପ ଗଢ଼ିବା ପାଇଁ ଏକ ଦୂରଦର୍ଶୀ ରୋଡମ୍ୟାପ୍ ପ୍ରଦାନ କରିଛି । ଶିକ୍ଷା ସଂସ୍କାର କେବଳ ନୀତିରେ ସୀମିତ ନୁହେଁ; ଶିକ୍ଷକମାନେ ସଶକ୍ତ ହେଲେ ହି ପ୍ରକୃତ ପରିବର୍ତ୍ତନ ସମ୍ଭବ ବୋଲି ରାଜ୍ୟପାଳ କହିଥିଲେ । ଏହି ଦୃଷ୍ଟିକୋଣକୁ ବାସ୍ତବ ପଦକ୍ଷେପ ମାଧ୍ୟମରେ ରୂପାନ୍ତରିତ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିବାରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୂରଦର୍ଶୀ ନେତୃତ୍ୱକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ରାଜ୍ୟପାଳ ଆହୁରି ମଧ୍ୟ କହିଥିଲେ ଯେ ଯଦିଓ ଜାତୀୟ ଶିକ୍ଷା ନୀତି–୨୦୨୦ କାର୍ଯ୍ୟକାରୀ ହେବାର ପାଂଚ ବର୍ଷରୁ ଅଧିକ ସମୟ ଅତିକ୍ରମ କରିଛି, ତଥାପି ଏହା ମନେ ରଖିବା ଉଚିତ୍ ଯେ ଶିକ୍ଷା ସଂସ୍କାର କେବଳ ନୀତି ଦସ୍ତାବିଜ୍ ମାଧ୍ୟମରେ ହାସଲ ହୋଇନଥାଏ ।

# ବଢୁଥିବା ନିଖୋଜ ବ୍ୟକ୍ତି ଘଟଣା ଉପରେ ଏନଏଚଆରସିର ଉଦ୍‌ବେଗ; ୫ ରାଜ୍ୟକୁ ନୋଟିସ

ନୂଆଦିଲ୍ଲୀ : ଜାତୀୟ ମାନବାଧିକାର କମିଶନ (ଏନଏଚଆରସି), ଏକ ଗଣମାଧ୍ୟମ ରିପୋର୍ଟକୁ ସ୍ୱତଃପ୍ରବୃତ ଭାବେ ଗ୍ରହଣ କରି ଏଥିରେ ଦର୍ଶାଯାଇଛି ଯେ, ବିହାରରେ ୨୦୧୩ ମସିହାରୁ ପ୍ରତିବର୍ଷ ପଞ୍ଜିକୃତ ହେଉଥିବା ୧୨,୦୦୦ ରୁ ୧୪,୦୦୦ ନିଖୋଜ ମାମଲା ମଧ୍ୟରୁ ଅନେକ ଶିଶୁ ଅଛନ୍ତି, ଏବଂ ନିଖୋଜ ଶିଶୁଙ୍କ ମଧ୍ୟରୁ ମାତ୍ର ଦୁଇ-ତୃତୀୟାଂଶ ଶିଶୁଙ୍କୁ ଉଦ୍ଧାର କରାଯାଇଛି । ରିପୋର୍ଟ ଅନୁଯାୟୀ, ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ (ଏନସିଆରବି)ର ତଥ୍ୟ ସୂଚାଉଛି ଯେ ଓଡ଼ିଶା, ବିହାର, ତେଲେଙ୍ଗାନା ଏବଂ ମହାରାଷ୍ଟ୍ରରେ ସର୍ବାଧିକ ମାନବ ଚାଲାଣ ମାମଲା ପଞ୍ଜିକୃତ ହୋଇଛି । ନାବାଳକ ପୁଅ ଚାଲାଣ କ୍ଷେତ୍ରରେ ଓଡ଼ିଶା ତାଲିକାର ଶୀର୍ଷରେ ଥିବାବେଳେ ଏହା ପଛକୁ ବିହାର ରହିଛି । ସେହିପରି ନାବାଳିକା ଝିଅ ଚାଲାଣ କ୍ଷେତ୍ରରେ ରାଜସ୍ଥାନରେ ସର୍ବାଧିକ ମାମଲା ପଞ୍ଜିକୃତ ହୋଇଛି । ୯ ମାର୍ଚ୍ଚ ୨୦୨୬ରେ ପ୍ରକାଶିତ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏହି ଶିଶୁମାନଙ୍କୁ ଭିକ୍ଷାବୃତି, ଶିଶୁ ଶ୍ରମିକ, ବେଶ୍ୟାବୃତି ଏବଂ ଅନ୍ୟାନ୍ୟ ବେଆଇନ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ସନ୍ଦେହ କରାଯାଉଛି । କମିଶନ ପର୍ଯ୍ୟବେକ୍ଷଣ କରିଛନ୍ତି ଯେ, ଯଦି ସମ୍ପୃକ୍ତ ସମ୍ବାଦର ବିଷୟବସ୍ତୁ ସତ୍ୟ ହୁଏ, ତେବେ ଏହା ପୀଡ଼ିତମାନଙ୍କ ମାନବାଧିକାର ଉଲ୍ଲଂଘନର ଏକ ଗମ୍ଭୀର ସମସ୍ୟା ସୃଷ୍ଟି କରୁଛି । ରାଜ୍ୟଗୁଡିକ ଦ୍ୱାରା ବିଭିନ୍ନ ପଦକ୍ଷେପ ନିଆଯାଇଥିଲେ ସୁଦ୍ଧା ନିଖୋଜ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଉଛି ଏବଂ ସେମାନଙ୍କ ମଧ୍ୟରୁ ମାତ୍ର କିଛି ଲୋକଙ୍କୁ ଠାବ କରାଯାଉଛି ବୋଲି ପ୍ରକାଶିତ ଚିନ୍ତାଜନକ ବିଷୟକୁ ମଧ୍ୟ କମିଶନ ଗ୍ରହଣ କରିଛନ୍ତି । ତେଣୁ, ବିହାର, ଓଡ଼ିଶା, ତେଲେଙ୍ଗାନା, ମହାରାଷ୍ଟ୍ର ଏବଂ ରାଜସ୍ଥାନର ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକମାନଙ୍କୁ ନୋଟିସ ଜାରି କରି ଦୁଇ ସପ୍ତାହ ମଧ୍ୟରେ ଏହି ବିଷୟରେ ବିସ୍ତୃତ ରିପୋର୍ଟ ମାଗିଛନ୍ତି କମିଶନ । ବୃଦ୍ଧି ପାଉଥିବା ନିଖୋଜ ବ୍ୟକ୍ତି, ବିଶେଷ କରି ଶିଶୁମାନଙ୍କ ସମସ୍ୟାର ସମାଧାନ ପାଇଁ ନିଆଯାଇଥିବା କିମ୍ବା ପ୍ରସ୍ତାବିତ ପଦକ୍ଷେପଗୁଡ଼ିକୁ ଏହି ରିପୋର୍ଟରେ ଅନ୍ତର୍ଭୁକ୍ତ କରାଯିବ ବୋଲି ଆଶା କରାଯାଉଛି ।

# ଋଷିକେଶରେ ଆରଭିଏନଏଲ୍ ପ୍ରକଳ୍ପ ସାଇଟ୍ ପରିଦର୍ଶନ କଲେ ଓଡ଼ିଶା ପ୍ରତିନିଧି ଦଳ



ଭୁବନେଶ୍ୱର : ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଥିବା ପିଆଇବି ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଉତରାଖଣ୍ଡ ଗସ୍ତରେ ଥିବା ଓଡ଼ିଶାର ଏକ ଗଣମାଧ୍ୟମ ପ୍ରତିନିଧି ଦଳ ଆଜି ଋଷିକେଶ ସ୍ଥିତ ରେଳ ବିକାଶ ନିଗମ ଲିମିଟେଡ୍ (ଆରଭିଏନଏଲ୍) ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିଛନ୍ତି । ଏହି ଗସ୍ତ ସମୟରେ ପ୍ରତିନିଧି ଦଳ ହିମାଳୟ ପାର୍ବତ୍ୟ ଅଂଚଳରେ ଚାଲିଥିବା ଏହି ବିଶାଳ ରେଳ ପ୍ରକଳ୍ପର କାର୍ଯ୍ୟଶୈଳୀ ଅନୁଧ୍ୟାନ କରିବା ସହ ଏହାର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ । ଆରଭିଏନଏଲ୍‌ର ଡିଜିଏମ୍ (ସିଭିଲ୍) ଶ୍ରୀ ଓମ୍ ପ୍ରକାଶ ମାଲଗୁଡୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ସ୍ୱାଗତ କରିବା ସହ ବହୁ ପ୍ରତିକ୍ଷିତ ଋଷିକେଶ-କର୍ଣ୍ଣପ୍ରୟାଗ ରେଳ ଲାଇନ୍ ପ୍ରକଳ୍ପର ଗୁରୁତ୍ୱ ବିଷୟରେ ସବିଶେଷ ସୂଚନା ପ୍ରଦାନ କରିଥିଲେ । ସେ ସୂଚନା ଦେଇଥିଲେ ଯେ, ପ୍ରାୟ ୩୭,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଏହି ୧୨୫ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ରେଳ ପଥ ଉତରାଖଣ୍ଡର ୫ଟି ଜିଲ୍ଲା ଯଥା ଡେରାଡୁନ, ଟିହରୀ, ପୌଡ଼ି, ରୁଦ୍ରପ୍ରୟାଗ ଏବଂ ଚାମୋଲିକୁ ସଂଯୋଗ କରିବ । ହିମାଳୟ ଅଂଚଳରେ ଏହି ପ୍ରକଳ୍ପଟିକୁ ଭାରତୀୟ ରେଳବାଇର ଅନ୍ୟତମ ଚ୍ୟାଲେଞ୍ଜିଙ୍ଗ ଇଞ୍ଜିନିୟରିଂ କାର୍ଯ୍ୟ ଭାବେ ବିଚାର କରାଯାଉଛି । ଏହି ପ୍ରକଳ୍ପର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏହାର ନିର୍ମାଣ ଶୈଳୀ । ପ୍ରକଳ୍ପର ପ୍ରାୟ ୮୫ ପ୍ରତିଶତ ଅଂଶ ଟନେଲ୍ ବା ସୁଡ଼ଙ୍ଗ ମଧ୍ୟ ଦେଇ ଗତି କରିବ, ଯାହା ଏହାକୁ ଦେଶର ଅନ୍ୟତମ ଟନେଲ୍-ସମୃଦ୍ଧ ରେଳ ପ୍ରକଳ୍ପରେ ପରିଣତ କରିଛି । ଏଥିପାଇଁ ୧୦୦ କିଲୋମିଟରରୁ ଅଧିକ ଦୂରତା ମଧ୍ୟରେ ୧୬ଟି ବଡ଼ ସୁଡ଼ଙ୍ଗ ଏବଂ ଗଭୀର ନଦୀ ଉପତ୍ୟକାରେ ଏକାଧିକ ବୃହତ୍ ପୋଲ ନିର୍ମାଣ କରାଯାଉଛି । ପରିଦର୍ଶନ ଅବସରରେ ପ୍ରତିନିଧି ଦଳ ପ୍ରସ୍ତାବିତ ଶିବପୁରୀ ଷ୍ଟେସନ ପର୍ଯ୍ୟନ୍ତ ନିର୍ମାଣାଧୀନ ସୁଡ଼ଙ୍ଗ ମଧ୍ୟକୁ ଯାଇ କାର୍ଯ୍ୟର ସ୍ଥିତି ପରଖିଥିଲେ । ହିମାଳୟର କଠିନ ପଥର କାଟି କିଭଳି ଅତ୍ୟାଧୁନିକ ଜ୍ଞାନକୌଶଳରେ ରେଳପଥ ନିର୍ମାଣ କରାଯାଉଛି, ସେ ବିଷୟରେ ସାମ୍ବାଦିକମାନେ ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଥିଲେ । ଏହି ରେଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ପାର୍ବତ୍ୟ ଜିଲ୍ଲାଗୁଡ଼ିକୁ ଯାତାୟାତ ଅତି ସହଜ ହେବା ସହ ଉତରାଖଣ୍ଡର ପ୍ରମୁଖ ଧର୍ମପୀଠଗୁଡ଼ିକୁ ଶ୍ରଦ୍ଧାଳୁମାନେ ସ୍ୱଳ୍ପ ସମୟରେ ଯାଇପାରିବେ । ଏହା ଦ୍ୱାରା ଅଂଚଳର ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ସହ ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଏକ ନୂତନ ବିପ୍ଳବ ଆସିବ ବୋଲି ଅଧିକାରୀମାନେ ଆଶା ପ୍ରକାଶ କରିଛନ୍ତି । ଏହି ପ୍ରତିନିଧି ଦଳକୁ ପିଆଇବି ଭୁବନେଶ୍ୱରର ସହକାରୀ ନିର୍ଦ୍ଦେଶକ ଶ୍ରୀ ମହେନ୍ଦ୍ର ଜେନା ଓ ସୂଚନା ସହାୟକ ଶ୍ରୀ ବିକାଶ ରଞ୍ଜନ ଦଳାଇ ପରିଚାଳନା କରୁଛନ୍ତି । ପରିଦର୍ଶନ ସମୟରେ ପିଆଇବି ଡେରାଡୁନର ସହକାରୀ ନିର୍ଦ୍ଦେଶକ ଶ୍ରୀ ସଞ୍ଜୀବ ସୁନ୍ଦ୍ରିୟାଲ ମଧ୍ୟ ଉପସ୍ଥିତ ଥିଲେ ।

# ଆଇପିଏଲ ୨୦୨୬: ଅଭ୍ୟାସ ସେସନ ନେଇ ଗାଇଡ଼ଲାଇନ ଜାରି କଲା ବିସିସିଆଇ



ନୂଆଦିଲ୍ଲୀ: ଆଇପିଏଲ ୨୦୨୬ ଆଉ କିଛି ଦିନ ମଧ୍ୟରେ ଆରମ୍ଭ ହୋଇଯିବ । ବିସିସିଆଇ ଏ ନେଇ କେତେକ ଗାଇଡଲାଇନ ଜାରୀ କରିଛି । ଗୋଟିଏ ନିର୍ଦ୍ଦିଷ୍ଟ ପିଚରେ ୨ଟି ଯାକ ଟିମ ଅଭ୍ୟାସ କରିପାରିବେ ନାହିଁ । କୌଣସି ଟିମ ଯଦି ଶୀଘ୍ର ଅଭ୍ୟାସ ସେଶନ ସାରିଥାଏ ତେବେ ମଧ୍ୟ ସେଠାରେ ଅନ୍ୟ ଟିମକୁ ଅନୁମତି ମିଳିବ ନାହିଁ । ପ୍ରତ୍ୟେକ ଟିମକୁ ଅଭ୍ୟାସ ପାଇଁ ନୂତନ ପିଚ ଦିଆଯିବ । ସେହିପରି କୌଣସି ଟିମ ଯଦି ଅଭ୍ୟାସ ମ୍ୟାଚ ଖେଳିବାକୁ ଚାହିଁବ ତେବେ ୩ଘଂଟା ୩୦ ମିନିଟରୁ ଅଧିକ ସମୟ ପ୍ରଦାନ କରାଯିବ ନାହିଁ । ପ୍ରତ୍ୟେକ ଟିମ ୨ରୁ ଅଧିକ ଅଭ୍ୟାସ ମ୍ୟାଚ ଖେଳିପାରିବ ନାହିଁ । ଏଥିପାଇଁ ମଧ୍ୟ ଫ୍ରାଂଚାଇଜକୁ ବିସିସିଆଇ ନିକଟରୁ ଅନୁମତି ଆଣିବାକୁ ପଡିବ । ସେହିପରି ଟିମ ଅଭ୍ୟାସ ମ୍ୟାଚ ମୁଖ୍ୟ ପିଚ ନିକଟରେ ଖେଳି ପାରିବ ନାହିଁ । ଯଦି ହୋମ ଫ୍ରାଚାଇଜ ଅଧିକ ଅଭ୍ୟାସ ମ୍ୟାଚ ଖେଳିବାକୁ ଚାହିଁବ ତେବେ ରାଜ୍ୟ ଆସୋସିଏଶନ ନିକଟରୁ ଅନ୍ୟ ଗ୍ରାଉଣ୍ଡର ବ୍ୟବସ୍ଥା କରିପାରିବ । ହୋମ ଫ୍ରାଂଚାଇଜ ଉଭୟ ଟିମର ଅଭ୍ୟାସ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇବ ।

# ୨୪ରୁ କଳିଙ୍ଗରେ ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍



ଭୁବନେଶ୍ୱ : କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୪ ଓ ୨୫ ତାରିଖ ଦୁଇ ଦିନ ଧରି ଆୟୋଜିତ ହେବ ପ୍ରଥମ ଜାତୀୟ ଇନଡୋର ଆଥଲେଟିକ୍ସ ଚାମ୍ପିଅନସିପ୍ । ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ସହଯୋଗରେ ଏବଂ ଏଏଫଆଇ (ଭାରତୀୟ ଆଥଲେଟିକ୍ସ ସଂଘ) ଆନୁକୂଲ୍ୟରେ ଆୟୋଜିତ ହେବ ଏହି ପ୍ରତିଯୋଗିତା । ପୁରୁଷ, ମହିଳା, ୨୦ ବର୍ଷରୁ କମ୍ ପୁରୁଷ ଓ ମହିଳାରେ ମୋଟ୍ ୩୬ଟି ଇଭେଂଟରେ ପ୍ରତିଯୋଗିତା ହେବ । ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରୁ ଆଥଲେଟମାନେ ଭାଗ ନେବେ । କଳିଙ୍ଗ ଷ୍ଟାଡିୟମରେ ନିର୍ମାଣ ହୋଇଛି ଦେଶର ପ୍ରଥମ ଇନ୍‌ଡୋର ଆଥଲେଟିକ୍ସ କେନ୍ଦ୍ର । ଆଗକୁ ୨୦୨୮ରେ ଏସିଆନ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍ ଏଠାରେ ଆୟୋଜିତ ହୋଇପାରେ । ଏହି ଚାମ୍ପିଅନସିପ୍ ଆୟୋଜନ ନେଇ ଭାରତ ବିଡ୍ ଦାଖଲ କରିଛି । ଜାତୀୟ ଇନଷ୍ଟୋର ଆଥଲେଟିକ୍ସ ଚାମ୍ପିଅନରେ ପୁରୁଷ ଓ ମହିଳାରେ ୬୦ ମିଟର, ୪୦୦ ମିଟର, ୮୦୦ ମିଟର, ୧୫୦୦ ମିଟର, ୩୦୦୦ ମିଟର, ୬୦ ମିଟର ହର୍ଡଲ୍ସ, ହାଇ ଜମ୍ପ, ଲଙ୍ଗ ଜମ୍ପ ଓ ଟ୍ରିପଲ ଜମ୍ପ ଏବଂ ୨୦ ବର୍ଷରୁ କମ୍ ପୁରୁଷ ଓ ମହିଳାରେ ୬୦ ମିଟର, ୪୦୦ ମିଟର, ୮୦୦ ମିଟର, ୩୦୦୦ ମିଟର, ହାଇଜମ୍ପ, ଲଙ୍ଗ ଜମ୍ପ ଓ ସଟ୍‌ପୁଟରେ ପ୍ରତିଦ୍ୱନ୍ଦ୍ୱିତା ହେବ । ମୁଁ ଉତ୍ସାହିତ: ଶ୍ରାବଣୀ ଅଲିମ୍ପିଆନ ଶ୍ରାବଣୀ ନନ୍ଦ କହିଛନ୍ତି, ' କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ଥର ଜାତୀୟ ଇନଷ୍ଟୋର ଆଥଲେଟିକ୍ସ ଚାମ୍ପିଅନସିପ୍ ଆୟୋଜିତ ହେବାକୁ ଯାଉଛି । ଯାହାକୁ ନେଇ ମୁଁ ବହୁତ ଉତ୍ସାହିତ ରହିଛି । ସବୁଠୁ ବଡ଼ କଥା ହେଉଛି, ଯେଉଁମାନେ ଆଗକୁ ଏସିଆନ ଓ ବିଶ୍ୱ ଇନଷ୍ଟୋର ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଅଂଶ ଗ୍ରହଣ କରିବେ ସେମାନଙ୍କ ପାଇଁ ଏହି ପ୍ରତିଯୋଗିତା ଏକ ବଡ଼ ସୁଯୋଗ ଆଣି ଦେଇଛି । ଦର୍ଶକ ଓ/ କ୍ରୀଡ଼ାପ୍ରେମୀମାନଙ୍କୁ ମୋର ଅନୁରୋଧ ଷ୍ଟାଡିୟମ ଆସି ଆଥଲେଟମାନଙ୍କୁ ଉତ୍ସାହିତ କରନ୍ତୁ ।' କଳିଙ୍ଗରେ ଏସିଆନ ଇନଷ୍ଟୋର ଆଥଲେଟିକ୍ସ ! ଏସିଆନ ଇନଷ୍ଟୋର ଆଥଲେଟିକ୍ସ ଚାମ୍ପିଅନସିପ୍ର ୨୦୨୮ ସଂସ୍କରଣ ଆୟୋଜନ ନେଇ ଭାରତ ବିଡ୍ ଦାଖଲ କରିଛି । ଯଦି ଭାରତ ଆୟୋଜନ ଅଧିକାର ହାସଲ କରେ ତେବେ ଏହା କଳିଙ୍ଗ ଷ୍ଟାଡିୟମ ଇନଷ୍ଟୋର ଆଥଲେଟିକ୍ସ କେନ୍ଦ୍ରରେ ଆୟୋଜିତ ହେବ । ନିକଟରେ ଏସିଆନ ଆଥଲେଟିକ୍ସ ସଂଘ (ଏଏଏ) ର ନିର୍ଦ୍ଦେଶକ ଚୁଡିକୋଟା ଭାଲସନ, ସମ୍ପାଦକ ଏ. ସୁଗୁମରାନ ଏବଂ ଭାରତୀୟ ଆଥଲେଟିକ୍ସ ସଂଘ (ଏଏଫଆଇ)ର କୋଷାଧକ୍ଷ ବି.ଇ ଷ୍ଟାନଲେଙ୍କୁ ନେଇ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଆସିଥିଲେ । ଏହି ପ୍ରତିନିଧି ଦଳ କ୍ରୀଡ଼ା ବିଭାଗ ସଚିବ ଭୂପେନ୍ଦ୍ର ସିଂ ପୁନିଆଙ୍କ ସହ ଆଲୋଚନା କରିଥିଲେ ।

# ଆଇପିଏଲ ୨୦୨୬: ୩୦୦ କ୍ଲବରେ ସାମିଲ ହେବା ପାଇଁ କୋହଲିଙ୍କୁ ଆବଶ୍ୟକ ୯ ଛକା



ବେଙ୍ଗାଲୁରୁ : ଆଇପିଏଲ ୨୦୨୬ ମାର୍ଚ୍ଚ ୨୮ରୁ ଆରମ୍ଭ ହେବ । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁର ଓ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ପ୍ରଥମ ମ୍ୟାଚ ଖେଳାଯିବ । ଆଇପିଏଲର ଏହି ସଂସ୍କରଣରେ ଆରସିବିର ଷ୍ଟାର ବ୍ୟାଟ୍ସମ୍ୟାନ ବିରାଟ କୋହଲି ୯ଟି ଛକା ମାରିଲେ ନିଜ ନାମରେ ଆଉ ଏକ କୀର୍ତ୍ତିମାନ ଯୋଡିବେ । କୋହଲି ଏବେ ୨୫୯ ମ୍ୟାଚରେ ୨୯୧ ଛକା ମାରିଛନ୍ତି । ଆଉ ୯ଟି ଛକା ମାରିଲେ ସେ ୩୦୦ କ୍ଲବରେ ସାମିଲ ହେବେ । ଭାରତର ରୋହିତ ଶର୍ମା କେବଳ ତାଙ୍କ ଆଗରେ ରହିଛନ୍ତି । ସେ ୩୦୨ ଛକା ମାରିଛନ୍ତି । ତେବେ ଆଇପିଏଲରେ ସର୍ବାଧିକ ଛକା ମାରିବା ରେକର୍ଡ ଏବେ ବି କ୍ରିସ ଗେଲଙ୍କ ନାମରେ ରହିଛି । ସେ ଓଭରାଲ ୩୫୭ ଛକା ମାରିଛନ୍ତି । ଆଇପିଏଲରେ ସର୍ବାଧିକ ଚୌକା ମାରିବା ରେକର୍ଡ କୋହଲିଙ୍କ ନାମରେ ରହିଛି । କୋହଲି ୭୭୧ ଚୌକା ମାରିଛନ୍ତି । ଗତ ସଂସ୍କରଣରେ କୋହଲି ୫୪ ଆଭରେଜରେ ୬୫୭ ରନ ସଂଗ୍ରହ କରିଥିଲେ । ତାଙ୍କ ବ୍ୟାଟରୁ ୮ ଅର୍ଦ୍ଧଶତକ ବାହାରିଥିଲା । ଏଥିରେ ୧୯ ଛକା ଓ ୬୬ ଚୌକା ସାମିଲ । ସେ ଏବେ ଭଲ ଫର୍ମରେ ଥିବାରୁ ୨୦୨୬ ସଂସ୍କରଣରେ ଭଲ ରନ ସଂଗ୍ରହ କରିବେ ବୋଲି ଆଶା କରାଯାଉଛି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**